- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ◆VOLUME- 43 ◆ISSUE-81 ◆SUNDAY ◆14 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୮୧ ◆ରବିବାର ◆୧୪ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ବିଶ୍ୱର ପ୍ରଥମ ଏଆଇ ମନ୍ତ୍ରୀ 'ଡାଏଲା'



## ଦୁର୍ନୀତି ରୋକିବାକୁ ନିଯୁକ୍ତ କଲା ଆଲ୍‌ବେନିଆ

■ **ଟିରାନ,୧୩।୯(ଏଜେନ୍ସି):** ବିଶ୍ୱର ପ୍ରଥମ ଦେଶ ଭାବେ ଆଲ୍‌ବେନିଆ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମନ୍ତ୍ରୀକୁ ନିଯୁକ୍ତି ଦେଇଛି। ୟୁରୋପୀୟ ଦେଶ ଆଲ୍‌ବେନିଆର ଏହି ଏଆଇ ମନ୍ତ୍ରୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କୌଣସି ବ୍ୟକ୍ତି ଏହି ମନ୍ତ୍ରୀପଦରେ ନାହାନ୍ତି। ବରଂ ଏହା ପିକ୍ସଲ ଓ କୋଡ୍ ଦ୍ୱାରା ତିଆରି ହୋଇଥିବା ଏକ ଅଭାସୀ ମନ୍ତ୍ରୀ। ଏହା ସମ୍ପୂର୍ଣ୍ଣ ଭାବେ ଏଆଇ ଦ୍ୱାରା କାମ କରିବ। ଏହାର ନାମ 'ଡାଏଲା' ରଖାଯାଇଛି। ଆଲ୍‌ବେନିଆ ଭାଷାରେ 'ଡାଏଲା' ଅର୍ଥ ଖରା ବା ସୂର୍ଯ୍ୟ। ଦୁର୍ନୀତି ରୋକିବାକୁ ଆଲ୍‌ବେନିଆ ଏହି ଅଭିନବ ଉପାୟ ଅବଲମ୍ବନ କରିଛି। ପ୍ରଧାନମନ୍ତ୍ରୀ ଏଡି ରାମା ଚତୁର୍ଥଥର ପାଇଁ ନିର୍ବାଚନ ଜିତିବା ପରେ କିଛିମାସ ପରେ ଡାଏଲାକୁ ନିଜ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି। ଡାଏଲାକୁ ସରକାରୀ ପାଣ୍ଠି ପ୍ରକଳ୍ପ ଓ ପବ୍ଲିକ ଟେଣ୍ଡରରେ ଦୁର୍ନୀତି ରୋକିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ଏହାକୁ ସମାଲୋଚନା କରିଛି ଓ ଏହାକୁ ପବ୍ଲିସିଟି ଷ୍ଟଣ୍ଟ ଅର୍ଥାତ ପ୍ରଚାର ସର୍ବସ୍ୱ ବୋଲି ଅଭିହିତ କରିଛି। ଏହାପୂର୍ବରୁ ଡାଏଲା ଆଲ୍‌ବେନିଆରେ କାର୍ଯ୍ୟ କରିଛି। ସେ ଏକ ଏଆଇ ଆଭାସୀ ଆସିଷ୍ଟାଣ୍ଟ ଭାବେ ନାଗରିକଙ୍କୁ ସରକାରୀ କାଗଜପତ୍ର ଦେବାରେ ସହାୟତା ପ୍ରଦାନ କରିଛି। ଏହି କ୍ରମରେ ସେ ୧୦ ଲକ୍ଷ ଲୋକଙ୍କୁ ସାହାଯ୍ୟ କରିଛି ଓ ଆଲ୍‌ବେନିଆ ନାଗରିକ ଡାଏଲା ସହ ପୂର୍ବରୁ ପରିଚିତ ଅଛନ୍ତି।

# ରାଜସ୍ଥାନରୁ ୧୫ରେ ମୌସୁମୀର ଲେଉଟାଣି

## ଏଥର ୭ ପ୍ରତିଶତ ଅଧିକ ବର୍ଷା ହେଲାଣି

## ହିମାଚଳରେ ପୁଣି ବାଦଲ୍‌ଫଟା ବର୍ଷା

■ **ନୂଆଦିଲ୍ଲୀ, ୧୩।୯(ଏଜେନ୍ସି):** ଏଥର ଦେଶରେ ରାଜସ୍ଥାନରୁ ହିଁ ମୌସୁମୀ ବିଦାୟ ନେବା ପ୍ରକ୍ରିୟା ଆରମ୍ଭ କରିବ। ସେପ୍ଟେମ୍ବର ୧୫ରୁ ମୌସୁମୀ ଭାରତ ଏହି ଉତ୍ତରପଶ୍ଚିମ ରାଜ୍ୟରୁ ମେଲାଣି ନେବା ଆରମ୍ଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସାଧରଣତଃ ମୌସୁମୀ ଉତ୍ତରପଶ୍ଚିମ ଭାରତରେ ସେପ୍ଟେମ୍ବର ୧୭ରେ ଫେରିବା ଆରମ୍ଭ କରିଥାଏ ଓ ଅକ୍ଟୋବର ୧୫ରେ ଦେଶରୁ ସମ୍ପୂର୍ଣ୍ଣ ଭାବେ ବିଦାୟ ନେଇଥାଏ। ଏଥର ମୌସୁମୀ ମେ ୨୪ରେ କେରଳରେ ପ୍ରଥମେ ପ୍ରବେଶ କରିଥିଲା। ୨୦୦୯ ପରେ ସବୁଠାରୁ ଶୀଘ୍ର ଅର୍ଥାତ ୮ ଦିନ ପୂର୍ବରୁ ଆସିଥିଲା। ▶ପୃଷ୍ଠା-୭



## ଭାରତ, ଚୀନ ଉପରେ କଠୋର କଟକଣା ପାଇଁ ମସୁଧା

# ସହଯୋଗୀ ଖୋଜୁଛନ୍ତି ଟ୍ରମ୍ପ



### ଜି-୭, ନାଟୋର ସହାୟତା ଲୋଡ଼ିଲେ

■ **ୱାସିଂଟନ, ୧୩।୯ (ଏଜେନ୍ସି):** ବ୍ୟସ୍ତ ବିବ୍ରତ ହୋଇପଡ଼ିଲେଣି ଆ।।ମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଯେତେ ଯାହା କଲେ ମଧ୍ୟ ରୁଷ-ୟୁକ୍ରେନ ଯୁଦ୍ଧ ଅଟକାଇ ପାରୁ ନାହାନ୍ତି। ନୋବେଲ ଶାନ୍ତି ପୁରସ୍କାର ପାଇଁ ବ୍ୟାକୁଳ ଥିବା ଟ୍ରମ୍ପ ତାଙ୍କର ସମସ୍ତ ରାଗ ଭାରତ ଉପରେ ଶୁଝାଉଛନ୍ତି। ରୁଷ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ଭାରତୀୟ ସାମଗ୍ରୀ ଉପରେ ସେ ୫୦ ପ୍ରତିଶତ ଶୁଳ୍କ ମଧ୍ୟ ଲଗାଇଛନ୍ତି। ଏହାସତ୍ତ୍ୱେ ରୁଷରୁ ତେଲ କିଣିବା ଅବ୍ୟାହତ ରଖିବା ସହିତ ଚୀନ ଓ ରୁଷ ସହିତ ବନ୍ଧୁତା ବଢ଼ାଇ ଚାଲିଛି ଭାରତ। ଏହାକୁ ନେଇ ଅସହାୟ ହୋଇପଡ଼ିଛନ୍ତି ଟ୍ରମ୍ପ। ତେଣୁ ଆମେରିକା ଭଳି ଭାରତ ଓ ଚୀନ ଉପରେ ଅଧିକ ଶୁଳ୍କ ଧାର୍ଯ୍ୟ କରିବା ଲାଗି ସେ ଜି-୭ ରାଷ୍ଟ୍ର ଓ ୟୁରୋପୀୟ ୟୁନିଅନ୍ ଉପରେ ଚାପ ପକାଉଛନ୍ତି। ଦରକାର ପଡ଼ିଲେ ଏହି ଦେଶମାନଙ୍କ ଉପରେ ଶହେ ପ୍ରତିଶତ ଶୁଳ୍କ ବସାଇବାକୁ ସେ ମେ ଦେଇଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଆମରେିକାର ଅର୍ଥ ମନ୍ତ୍ରୀ ସ୍କଟ୍ ବେସେଣ୍ଟ ଏବଂ ବାଣିଜ୍ୟ ପ୍ରତିନିଧି ଜେମିସନ୍ ଆଜି ଜି-୭ ଦେଶର ମନ୍ତ୍ରୀମାନଙ୍କୁ ଭେଟି ଟ୍ରମ୍ପଙ୍କ ବାର୍ତ୍ତା ଶୁଣାଇଛନ୍ତି। ସେମାନେ କହିଥିଲେ ଯେ ୟୁକ୍ରେନ ଉପରେ ରୁଷ ଯୁଦ୍ଧ ଶେଷ କରିବାକୁ ହେଲେ ରୁଷରୁ ତେଲ କିଣୁଥିବା ଦେଶମାନଙ୍କ ଉପରେ କଠୋର କଟକଣା ଜାରି କରାଯିବାର ଆବଶ୍ୟକତା ରହିଛି। ସେମାନେ ଭାରତ ଓ ଚୀନକୁ ଟାର୍ଗେଟ କରି ଏହି ଅଭିଯାନ ଚଳାଇଛନ୍ତି। ଏହି ଜି-୭ ସଂଗଠନରେ ଆମେରିକା ସମେତ ବ୍ରିଟେନ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ ଭଳି ବିକଶିତ ଓ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ଅଛନ୍ତି। ଆମେରିକା ସେମାନଙ୍କୁ ବୁଝାଇଛି ଯେ ଜି-୭ ସହଯୋଗ ନକଲେ ଆମେରିକାର କଟକଣା କାମ ଦେବନାହିଁ।

ଗୋଟିଏ ପଟେ ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରି ସମ୍ପର୍କ ସୁଧାରିବା ପାଇଁ ଟ୍ରମ୍ପ ପ୍ରୟାସ କରୁଥିବା ବେଳେ ଅନ୍ୟପଟେ ଜି-୭ ରାଷ୍ଟ୍ର ସହ ମିଶି ଭାରତ ବିରୋଧୀ ଷଡ଼ଯନ୍ତ୍ର କରୁଥିବା ଏଥିରୁ ସ୍ପଷ୍ଟ ହୋଇଯାଉଛି। ଶୁଳ୍କ ଲଗାଇ ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଥିବା ଆମେରିକା ରାଷ୍ଟ୍ରପତି ଜି-୭ ରାଷ୍ଟ୍ର ଗୋଷ୍ଠୀଙ୍କୁ ମଧ୍ୟ ଏପରି କରିବାକୁ ପ୍ରବର୍ତ୍ତାଉଛନ୍ତି। ଏହା ମଧ୍ୟରେ ରୁଷଠୁ ତେଲ କିଣିବାକୁ ନେଇ ଜି-୭ ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରୀ ଭାରତ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଜି-୭ ଆଲୋଚନା ପରେ ଆମେରିକା ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ସେମା।।ନେ ରାଷ୍ଟ୍ରପତି ଟ୍ରମ୍ପଙ୍କ ବାର୍ତ୍ତା ରଖିଥିଲେ। ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଥିଲେ ରୁଷ୍‌ଠୁ ତେଲ କିଣୁଥିବା ରାଷ୍ଟ୍ର ଉପରେ ଶୁଳ୍କ ଲଗାଇବା ଜରୁରୀ ବୋଲି କହିଥିଲେ। ଏନେଇ ଆମେରିକାକୁ ସହଯୋଗ କରିବା ଆବଶ୍ୟକ। ତେବେ ବିବୃତିରେ କୌଣସି ଦେଶର ନାମ ନିଆଯାଇ ନ ଥିଲା। କିନ୍ତୁ ଭାରତ ଏବଂ ଚୀନ୍‌କୁ ଆମେରିକା ଦୋଷ ଦେଇ ଆସୁଛି। ରୁଷ ଠାରୁ ଚୀନ୍ ସର୍ବାଧିକ ତେଲ କିଣୁଥିବା ବେଳେ ଟ୍ରମ୍ପ କେବଳ ଭାରତ ଉପରେ ଶୁଳ୍କ ଲଗାଇଛନ୍ତି।

ଟ୍ରମ୍ପ ଆଜି ନାଟୋ ଦେଶମାନଙ୍କୁ ମଧ୍ୟ ଭାରତ ଓ ଚୀନ ଉପରେ କଟକଣା ଲଗାଇବାକୁ ଅନୁରୋଧ କରିଛନ୍ତି। ନାଟୋ ସଂଗଠନର ସଭ୍ୟମାନଙ୍କୁ ପତ୍ର ଲେଖି ସେ କହିଛନ୍ତି ଯେ ସେମାନେ ମଧ୍ୟ ରୁଷ ଠାରୁ ତେଲ କିଣିବା ବନ୍ଦ କରନ୍ତୁ। ୟୁାକ୍ରେନ ଉପରେ ରୁଷ ଆକ୍ରମଣ ବନ୍ଦ ନକରିବା ପର୍ଯ୍ୟନ୍ତ ଚୀନ ଓ ଭାରତ ଉପରେ ୫୦ରୁ ୧୦୦ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରିବାକୁ ସେ ଚାପ ପକାଇଛନ୍ତି। କାରଣ ଏହି ଦୁଇ ଦେଶ ରୁଷରୁ ସର୍ବାଧିକ ତେଲ କିଣୁଛନ୍ତି। ନାଟୋ ଏଥିରେ ସହଯୋଗ କଲେ ସେ ରୁଷ ଉପରେ ଅଧିକ କଠୋର କଟକଣା ଲଗାଇବାକୁ ପ୍ରସ୍ତୁତ ବୋଲି ଟ୍ରମ୍ପ କହିଛନ୍ତି। ତେବେ ନାଟୋ ଦେଶଙ୍କ ପ୍ରତିକ୍ରିୟା ମିଳିନାହିଁ।

## ଏସିଆ କପ୍ କ୍ରିକେଟ

# ଭାରତ-ପାକ୍ ମୁକାବିଲା ଆଜି




### ମ୍ୟାଚ୍ ବର୍ଜନ ପାଇଁ ଭାରତରେ ଅଭିଯାନ

### ଦୁବାଇ ଯିବେନି ବିସିସିଆଇ କର୍ମକର୍ତ୍ତା

■ **ଦୁବାଇ, ୧୩।୯ (ଏଜେନ୍ସି):** ଟି-୨୦ ବିଶ୍ୱ ଚାମ୍ପିଅନ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଆସନ୍ତାକାଲି ମୁକାବିଲା ହେବ। ଏହି ପ୍ରତିଯୋଗିତା ଲାଗି ଉଭୟ ଦଳର ଖେଳାଳି, ସମର୍ଥକ ଓ କର୍ମକର୍ତ୍ତା ପ୍ରସ୍ତୁତ ଥିଲାବେଳେ ଟିକଟ ବିକ୍ରି ହୋଇ ନ ଥିବାରୁ ଏହି ମ୍ୟାଚ୍ ଆକର୍ଷଣ ହରାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆସନ୍ତାକାଲିର ମୁକାବିଲା ଭାରତୀୟ ସମୟ ରାତି ୮ଟାରୁ ଆରମ୍ଭ ହେବ। ଏହି ମ୍ୟାଚ୍‌ର ସିଧାପ୍ରସାରଣ ସୋନି ଟିଭି ନେଟ୍‌ୱର୍କରେ ପ୍ରସାରିତ ହେବ।

ଅନ୍ୟପକ୍ଷରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ଭାରତ-ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ବର୍ଜନ ଲାଗି ଦେଶ ଭିତରେ ବଡ଼ ଧରଣର ଅଭିଯାନ ଚାଲିଛି। ବିଶେଷ କରି ବିରୋଧୀ ଦଳ ଏହାର ନେତୃତ୍ୱ ନେଉଛନ୍ତି। ଏଥିରେ କ୍ରିକେଟ ପ୍ରଶଂସକ ମଧ୍ୟ ସାମିଲ ହୋଇଛନ୍ତି। ସେମାନେ ଯୁକ୍ତି କରିଛନ୍ତି ଯେ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀ ଅକ୍ରମଣର ଶିକାର ହୋଇଥିବା ପରିବାର ଆଖିରୁ ଲୁହ ଶୁଖି ନଥିବା ବେଳେ ପାକିସ୍ତାନ ସହ ମ୍ୟାଚ୍ ସେମାନଙ୍କର ଭାବନା ପ୍ରତି ଅସମ୍ମାନ। କେବଳ ଏତିକି ନୁହେଁ; ଏହା ସମଗ୍ର ଦେଶବାସୀଙ୍କ ପ୍ରତି ମଧ୍ୟ ଅପମାନ ଏହାକୁ ବର୍ଜନ କରିବା ପାଇଁ ସେମାନେ ଆହ୍ୱାନ ଜଣାଇଛନ୍ତି। କଂଗ୍ରେସ, ଆପ୍ ଏବଂ ଶିବସେନା (ଉଦ୍ଧବ) ପକ୍ଷରୁ ▶ପୃଷ୍ଠା-୭

## ୨୭ରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ

# ବ୍ରହ୍ମପୁର ସମାବେଶରେ ଯୋଗଦେବେ



### ଚଳିତ ମାସରେ ବହୁତ କିଛି ହେବ: ତୋମାର

### ପୁଣି ବଢ଼ିଲା ମନ୍ତ୍ରିମଣ୍ଡଳ ପୁନର୍ଗଠନ ଚର୍ଚ୍ଚା

■ **ଭୁବନେଶ୍ୱର, ୧୩।୯ (ସମିସ):** ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବ୍ରହ୍ମପୁରରେ ଏକ ଜନସମାବେଶରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ଖୁବ୍‌ଶୀଘ୍ର ଏନେଇ କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି ବିଜେପିର ଓଡ଼ିଶା ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଯେତେବେଳେ ଓଡ଼ିଶା ଗସ୍ତରେ ଆସନ୍ତି, ସେତେବେଳେ ଓଡ଼ିଶାକୁ କିଛି ନା କିଛି ଦେଇକରି ଯାଇଥା'ନ୍ତି। ସବୁ ସମୟରେ ପ୍ରଧାନମନ୍ତ୍ରୀଙ୍କ ଫୋକସ୍‌ରେ ଓଡ଼ିଶା ରହିଥାଏ। ପ୍ରଧାନମନ୍ତ୍ରୀ ସବୁବେଳେ ଯୁବ ଓ ମହିଳା ବର୍ଗକୁ ପ୍ରାଥମିକତା ଦେଇଆସିଛନ୍ତି ବୋଲି ତୋମାର କହିଛନ୍ତି।

ଅପରପକ୍ଷେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ, ବୋର୍ଡରେ ନିଯୁକ୍ତି ନେଇ ଚର୍ଚ୍ଚା ଥମୁ ନଥିବା ସମ୍ପର୍କରେ ସାମ୍ବାଦିକଙ୍କ ପ୍ରଶ୍ନ ଉପରେ ପ୍ରତିକ୍ରିୟା ରଖି ଶ୍ରୀ ତୋମାର କହିଛନ୍ତି, ଏହି ମାସରେ ରାଜ୍ୟରେ ବହୁତ କିଛି ହେବ। ଶ୍ରୀ ତୋମାରଙ୍କ ଏପରି ବୟାନ ପରେ ଚଳିତ ମାସ ଶେଷ ଆଡ଼କୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ କିଛି ନିଗମ ଓ ବୋର୍ଡରେ ନିଯୁକ୍ତି ହୋଇପାରେ ବୋଲି ଦଳୀୟ ମହଲରେ ଆଲୋଚନା ଜୋର୍ ଧରିଛି। ବିଜେପିର ଓଡ଼ିଶା ପ୍ରଭାରୀ ଶ୍ରୀ ତୋମାରଙ୍କ ବକ୍ତବ୍ୟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ରାଜନୈତିକ ବିଶ୍ଳେଷକମାନେ ମଧ୍ୟ ଭିନ୍ନ ଦୃଷ୍ଟିରେ ଆକଳନ କରୁଛନ୍ତି।

## ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭ

# ନୂଆପଡ଼ାରେ ହେବ ଏସ୍‌ଏସ୍‌ଆର୍

### ଅକ୍ଟୋବର ୯ରେ ପ୍ରକାଶ ପାଇବ ଚୂଡ଼ାନ୍ତ ସଂଶୋଧିତ ଭୋଟର ତାଲିକା

■ **ଭୁବନେଶ୍ୱର, ୧୩।୯ (ସମିସ):** ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଉକ୍ତ ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏହି ନିର୍ବାଚନ ମଣ୍ଡଳୀରେ ଏକ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସଏସଆର) ପାଇଁ କାର୍ଯ୍ୟସୂଚୀ ଜାରି କରାଯାଇଛି। ୨୦୨୫ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ବିବେଚନା କରି ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୧ ଅନୁଯାୟୀ ଏହି ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି। ▶ପୃଷ୍ଠା-୭

# ଭୁଶୁଡ଼ିଲା ମାର୍କେଟ୍ କମ୍ପ୍ଲେକ୍ସ; ଜଣେ ମୃତ



■ **କୋରାପୁଟ, ୧୩।୯ (ସମିସ):** ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖ କୋରାପୁଟ ପୌରପରିଷଦର ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସରେ ଏକ ଛାତ ଭୁଶୁଡ଼ି ପଡିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରୁ ଅନେକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ, ଲୋକନାଥ ପାତ୍ର (୬୨)। ସୂଚନାନୁଯାୟୀ, ଉକ୍ତ କମ୍ପେଲକ୍ସର ହରି ପାତ୍ର ବେକେରୀରେ ମରାମତି କାର୍ଯ୍ୟ ଚାଲୁଥିଲା ବେଳେ ଅଚାନକ ଛାତ ଭୁଶୁଡ଼ି ▶ପୃଷ୍ଠା-୭






## ରାଜଧାନୀରେ ଲଜ୍ଜା

# ମେଲୋଡି ଗାର୍ଲଙ୍କୁ ଗଣଦୁଷ୍କର୍ମ

### ଥଣ୍ଡା ପାନୀୟରେ ନିଶା ଦେଇଥିଲେ

### ଗୀତ ଶିଖାଇବା ଆଳରେ ଗେଷ୍ଟହାଉସ୍‌କୁ ଡକାଇଥିଲେ

### ୩ ଅଭିଯୁକ୍ତ ଗିରଫ

■ **ଭୁବନେଶ୍ୱର, ୧୩।୯(ସମିସ):** ରାଜଧାନୀରେ ପୁଣି ଲଜ୍ଜା। ଗୀତ ଶିଖାଇବା ନାଁରେ ଓୟୋରେ ଯୁବତୀଙ୍କୁ ଗଣଦୁଷ୍କର୍ମ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଗତ ବୁଧବାର ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଚାଷୀଖଣ୍ଡା ଗାଁର ଚନ୍ଦନ କୁମାର ହାତୀ (୨୫) ଓରଫ୍ ଚନ୍ଦୁ, ପ୍ରସନ୍ନ କୁମାର ଆଚାର୍ଯ୍ୟ (୩୭) ଓ ଶ୍ରୀମାର୍ଗ ଗେଷ୍ଟହାଉସ୍ କେୟାରଟେକର୍ ରାଜେଶ କୁମାର ଦାସ (୩୨)। ଚନ୍ଦନ ଓ ପ୍ରସନ୍ନ ଦୁଇ ସାଙ୍ଗ।

ପୁଲିସ ସୂଚନା ଅନୁସାରେ, ବଡ଼ ଭଉଣୀ ସହ ଭୁବନେଶ୍ୱରରେ ରହୁଥିବା ଯୁବତୀଜଣଙ୍କ ମେଲୋଡି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଭାବେ କାମ କରନ୍ତି। କିଛି ଦିନ ତଳେ ସାମାଜିକ ଗଣମାଧ୍ୟମ ଜରିଆରେ ସେ ଚନ୍ଦନ ସହ ପରିଚିତ ହୋଇଥିଲେ। ଚନ୍ଦନ ଏକ ପ୍ରତିଷ୍ଠିତ ଚ୍ୟାନେଲର ଷ୍ଟୁଡିଓରେ ସଙ୍ଗୀତ ସମ୍ବନ୍ଧୀୟ କାମ କରୁଛି ବୋଲି କହିଥିଲା। ଚନ୍ଦନ କିଛି ଦିନ କଥା ହେବା ପରେ ସଙ୍ଗୀତ ରେକର୍ଡିଂ ଓ ଫଟୋ ସୁଟ୍ କରିବା ବାହାନାରେ ଯୁବତୀଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଖରୀପ୍ ଭିଲେଜ୍‌ସ୍ଥିତ ଶ୍ରୀମାର୍ଗ ଗେଷ୍ଟହାଉସ୍ (ଓୟୋ)କୁ ଡକାଇଥିଲା। ଲୋକେସନ୍ ପଠାଇବା ସହ ଯୁବତୀଙ୍କ ରୁମ୍ ପାଖରୁ ଗେଷ୍ଟହାଉସ୍ ଆସିବାକୁ ଏକ କ୍ୟାବ ବୁକ୍ କରିଦେଇଥିଲା। ବୁଧବାର ଦିନ ପ୍ରାୟ ୧୨ଟା ବେଳକୁ ଯୁବତୀଜଣଙ୍କ ଉକ୍ତ ଗେଷ୍ଟହାଉସ୍‌ରେ ପହଞ୍ଚିଥିଲେ। ଗେଷ୍ଟହାଉସ୍‌ଟି ସାଧାରଣ ଘର ଭଳି ହୋଇଥିବାରୁ ଯୁବତୀଜଣଙ୍କ କିଛି ▶ପୃଷ୍ଠା-୭









## ଆତ୍ମସମର୍ପଣ କଲେ ମାଓ ନେତା କିଶେନ୍‌ଜୀଙ୍କ ପତ୍ନୀ

ହାଇଦରାବାଦ୍, ୧୩।୯(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଦିଂବଗତ ମାଓନେତା ତଥା କମାଣ୍ଡର କିଶେନଜୀଙ୍କ ପତ୍ନୀ ପଥୁଲା ପଦ୍ମାବତୀ ଓରଫ୍ କଳ୍ପନା ଶନିବାର ତେଲଙ୍ଗାନା ପୁଲିସ ଡିଜି ଜିତେନ୍ଦରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୧୯୮୨ରୁ ପଦ୍ମାବତୀ ଅଣ୍ଡରଗ୍ରାଉଣ୍ଡ ହୋଇ ରହିଥିଲେ। ୬୨ ବର୍ଷୀୟ ପଦ୍ମାବତୀଙ୍କ ଉପରେ ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେ ମାଓ ସଂଗଠନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦାୟିତ୍ୱ ସମ୍ପାଦନ କରୁଥିଲେ। ସେ ସଂଗଠନର ସାଉଥ ସବ୍- ଜୋନାଲ ବ୍ୟୁରୋ ସେକ୍ରେଟାରୀ ଥିଲେ। ସେ ମଧ୍ୟ ଦଣ୍ଡକାରଣ୍ୟ ସ୍ପେଶିଆଲ ଜୋନାଲ କମିଟିରେ ଜନତା ସରକାରର କାର୍ଯ୍ୟବାହୀ ମୁଖ୍ୟ ଥିଲେ। ସେ ମଧ୍ୟ ସିପିଆଇ (ମାଓଷ୍ଟ) କେନ୍ଦ୍ରୀୟ କମିଟିର ସଦସ୍ୟ ଥିଲେ। ତେଲେଙ୍ଗାନାର ଜୋଗୁଲାମ୍ବା ଗଡ୍‌ୱାଲ ଜିଲ୍ଲାରେ ସେ ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ବରିଷ୍ଠ ମାଓନେତା ମାଲୋଜୁଲା କୋଟେଶ୍ୱର ରାଓ ଓରଫ୍ କିଶେନଜୀଙ୍କୁ ବିବାହ କରିଥିଲେ। ନିଜର ସମ୍ପର୍କୀୟ ଭାଇଙ୍କଠାରୁ ପ୍ରେରଣା ପାଇ ମାଓ ଆନ୍ଦୋଳନରେ ଯୋଗ ଦେଇଥିଲେ। ଛତିଶଗଡ଼, ମହାରାଷ୍ଟ୍ର, ତେଲଙ୍ଗାନା ଓ ଓଡ଼ିଶା ପୁଲିସ ତାଙ୍କୁ ଖୋଜୁଥିଲା।

## ୧୧୪ ରାଫେଲ ପାଇଁ ବାୟୁସେନାର ବରାଦ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ଭାରତୀୟ ବାୟୁସେନାକୁ ଏବେ ୧୧୪ଟି ମେଡ୍ ଇନ୍ ଇଣ୍ଡିଆ ତଥା ସ୍ୱଦେଶୀ ଲଢୁଆ ରାଫେଲ ବିମାନ ଆବଶ୍ୟକ। ଏଥିପାଇଁ ବାୟୁସେନା ତରଫରୁ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଛି। ଏହି ବିମାନଗୁଡିକୁ ଫ୍ରାନ୍ସର ଡାସଲ୍ଟ ଅଭିଏସନ କମ୍ପାନୀ ଓ ଭାରତୀୟ ଏରୋସ୍ପେଶ କମ୍ପାନୀ ମିଶିକରି ପ୍ରସ୍ତୁତ କରିବେ। ପାକିସ୍ତାନ ବିପକ୍ଷରେ ଅପରେସନ ସିନ୍ଦୂରରେ ରାଫେଲର ଦମ୍‌ଦାର ପ୍ରଦର୍ଶନ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପ୍ରସ୍ତାବ ଅନୁସାରେ ୧୧୪ଟି ରାଫେଲ ବିମାନ ନିର୍ମାଣ କରିବାକୁ ପାଖାପାଖି ୨ ଲକ୍ଷ କୋଟି ଟଙ୍କା ବ୍ୟୟ ହେବ। ବାୟୁସେନା ତରଫରୁ ଦିଆଯାଇଥିବା ଏହି ପ୍ରସ୍ତାବ ମନ୍ତ୍ରଣାଳୟ ନିକଟରେ ପହଞ୍ଚିଛି। ଏ ନେଇ ବିଚାର କରାଯାଉଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଭାରତୀୟ ବାୟୁସେନା ପାଖରେ ଏବେ ୩୬ଟି ରାଫେଲ ବିମାନ ରହିଛି। ଭାରତୀୟ ନୌସେନା ମଧ୍ୟ ୨୬ଟି ରାଫେଲ ମେରିନର ଅର୍ଡର ଦେଇଛି। ୧୧୪ଟି ବିମାନ ମିଳିବା ପରେ ଭାରତ ପାଖରେ ମୋଟ୍ ୧୭୬ଟି ରାଫଲେ ବିମାନ ଉପଲବ୍ଧ ହେବ। ଗତ ଜୁନ୍ ମାସରେ ଭାରତ ୨୬ଟି ରାଫେଲ ମେରିନ୍ ନେଇ ଫ୍ରାନ୍ସ ସହ ୬୩, ୦୦୦ କୋଟି ଟଙ୍କାର ଡିଲ୍ କରିଥିଲା।

## ଏଡିଆର୍ ପ୍ରତିଷ୍ଠାତା ଜଗଦୀପଙ୍କ ପରଲୋକ

ନୂଆଦିଲ୍ଲୀ, ୧୩।୯(ଏଜେନ୍ସି): ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର)ର ସହ ପ୍ରତିଷ୍ଠାତା ଜଗଦୀପ ଏସ୍ ଛୋକର ଶୁକ୍ରବାର ଦିଲ୍ଲୀରେ ହୃଦ୍‌ଘାତ୍‌ରେ ୮୦ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣିବାରେ ଏହି ସଂଗଠନ ଏଡିଆର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ଇଚ୍ଛା ଅନୁସାରେ ତାଙ୍କ ମରଶରୀରକୁ ରିସର୍ଚ୍ଚ ପାଇଁ ଲେଡି ହାର୍ଡିଙ୍ଗେ ମେଡିକାଲ କଲେଜକୁ ପ୍ରଦାନ କରାଯାଇଛି। ଆଇଆଇଏମ୍ ଅହମଦାବାଦ୍‌ରେ ପ୍ରଫେସର ଭାବେ ଶିକ୍ଷାଦାନ କରିଥିବା ଛୋକର ୧୯୯୯ରେ ଏଡିଆର ସ୍ଥାପନ କରିଥିଲେ। ଏହି ସଂଗଠନ ଜରିଆରେ ନିର୍ବାଚନ ପ୍ରକ୍ରିୟାକୁ ସୁଧାରିବାରେ ସେ ଆଇନଗତ ଲଢ଼େଇ ଲଢିଥିଲେ। ନିର୍ବାଚନରେ ପ୍ରାର୍ଥୀଙ୍କ ପୃଷ୍ଠଭୂମି ଓ ଇଲେକଟୋରାଲ ବଣ୍ଡ ସ୍କିମକୁ ରଦ୍ଦ କରିବାକୁ ସେ ପ୍ରୟାସ କରିଥିଲେ। ୧୯୪୪ ନଭେମ୍ବର ୨୫ରେ ଜନ୍ମଗ୍ରହଣ କରିଥିବା ଛୋକର ଭାରତୀୟ ରେଳବାଇରେ ନିଜର କ୍ୟାରିଅର ଆରମ୍ଭ କରିଥିଲେ। ଏହାପରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜରେ ଏମ୍‌ବିଏ, ଆମେରିକାର ଲୋଇସିଆନା ଷ୍ଟେଟ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରିବାର ପରେ ଆଇଆଇଏମ୍ ଅହମଦାବାଦ୍‌ରେ ୧୯୮୫ରେ ପ୍ରଫେସର ଭାବେ ଯୋଗ ଦେଇଥିଲେ।


## ୧୨ ମହଲାରୁ ଖସି ମା'-ପୁଅ ମୃତ

ନୋଏଡା, ୧୩।୯(ଏଜେନ୍ସି): ନୋଏଡାର ଗୌତମ ବୁଦ୍ଧ ନଗରରେ ଶନିବାର ସକାଳେ ଏକ ବିଲ୍ଡିଂର ଦ୍ୱାଦଶ ମହଲାରୁ ଖସିପଡ଼ି ଜଣେ ୧୨ ବର୍ଷୀୟ ପୁଅ ଓ ତା'ର ମା ମୃତ୍ୟୁବରଣ କରିଛନ୍ତି। ଦର୍ପନ ଚାୱଲା ନାମକ ଜଣେ ମାନସିକ ଅଗ୍ରସର ବାଳକ ରହୁଥିଲା। ସେ ଦ୍ରୁତଗତି ଦୌଡି ଆସି ବାଲକୋନୀ ଉପରୁ ତଳକୁ ଖସିପଡ଼ିଥିଲା। ତାକୁ ବଞ୍ଚାଇବାକୁ ଯାଇ ତା'ର ମା ୩୮ ବର୍ଷୀୟା ସାକ୍ଷୀ ଚାୱଲା ମଧ୍ୟ ତଳକୁ ଖସିପଡ଼ିଥିଲେ ବୋଲି ବିସରାଖ ଭାରପ୍ରାପ୍ତ ଥାନା ଅଧିକାରୀ ମନୋଜ କୁମାର ସିଂ କହିଛନ୍ତି। ପୁଲିସ ଦୁଇଜଣଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣା ବେଳେ ଦର୍ପନ ଅଲଗା ପ୍ରକୋଷ୍ଠରେ ଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳାଇ ଦେଇଛି।

## ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରଲୋକ

ନୂଆଦିଲ୍ଲୀ, ୧୩।୯(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଡିଡି ଲାପାଙ୍ଗ ଶୁକ୍ରବାର ରାତିରେ ୯୨ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ୧୯୩୪ ଏପ୍ରିଲ ୧୦ରେ ଜନ୍ମିତ ଲାପାଙ୍ଗ ୧୯୯୨ରୁ ୨୦୦୮ ମଧ୍ୟରେ ୪ ଥର ମୁଖ୍ୟମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ। ରାଜଧାନୀ ଶିଲଂର ଏକ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୭୨ରେ ତାଙ୍କର ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା। ସେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଥମେ ନୋଙ୍ଗପୋ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପୂର୍ବରୁ ସେ ଏକାଧିକବାର ବିଭିନ୍ନ ବିଭାଗରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏକ ସାଧରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସେ ୪ ଥର ରାଜ୍ୟର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ।

## ନେପାଳର ବିତାଡିତ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏତଲା



କଠମାଣ୍ଡୁ, ୧୩।୯(ଏଜେନ୍ସି): ନେପାଳର ବିତାଡିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ବିରୋଧରେ ଶନିବାର ରାଜଧାନୀ କାଠମାଣ୍ଡୁରେ ଏଫ୍‌ଆଇଆର ବା ଏତଲା ଦିଆଯାଇଛି। ସେପ୍ଟେମ୍ବର ୮ରେ ଯେତେବେଳେ ଆନ୍ଦୋଳନ ଆରମ୍ଭ ହେଲା ସେ ପ୍ରଦର୍ଶନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଆକ୍ରମଣ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିବାର ଅଭିଯୋଗ ହୋଇଛି। ସେ ୯ ତାରିଖରେ ଚାପର ସମ୍ମୁଖୀନ ହୋଇ ନପାରି ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ସେ ସେନା ସୁରକ୍ଷା ବଳୟ ମଧ୍ୟରେ ଶରଣ ନେଇଛନ୍ତି। ସେପଟେ ନେପାଳର ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ସୁଶୀଲା କାର୍କି ଆହତ ହୋଇଥିବା ଆନ୍ଦୋଳନାକାରୀଙ୍କୁ ଭେଟିବା ପାଇଁ କାଠମାଣ୍ଡୁର ହସ୍ପିଟାଲରେ ପହଞ୍ଚିଛନ୍ତି। ସେ ଶୁକ୍ରବାର କାମଚଳା ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ୨୦୨୬ ମାର୍ଚ୍ଚ ୫ ପର୍ଯ୍ୟନ୍ତ ସେ ସଂସଦୀୟ ନିର୍ବାଚନ କରାଇବେ ଦାୟିତ୍ୱ ନେଇଛନ୍ତି। ଇତିମଧ୍ୟରେ ୬ ଦିନର ହିଂସା ପରେ କାଠମାଣ୍ଡୁ କେତକ ଅଞ୍ଚଳରେ କର୍ଫ୍ୟୁକୁ ହଟାଇ ଦିଆଯାଇଛି। କିନ୍ତୁ ୬ଟି ସ୍ଥାନରେ ଏବେବି କର୍ଫ୍ୟୁ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସୁଶୀଳାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବ୍ରିଟେନରେ ଶିଖ୍ ଯୁବତୀଙ୍କୁ ଗଣଦୁଷ୍କର୍ମ



ଜଳନ୍ଧର, ୧୩।୯ (ଏଜେନ୍ସି): ବ୍ରିଟେନର ଓଲ୍ଡବୁରୀ ଟାଉନ୍‌ରେ ଜଣେ ୨୦ ବର୍ଷୀୟା ଭାରତୀୟ ଶିଖ ଯୁବତୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଦୁଇଜଣ ବ୍ୟକ୍ତି ତାଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିବା ସହ ଏକ ପାର୍କରେ ଏହି କାଣ୍ଡ ଘଟାଇଛନ୍ତି। ପୁଣି ସେମାନେ ଯୁବତୀଙ୍କୁ ସ୍ୱଦେଶ ଫେରିଯିବାକୁ ଚେତାବନୀ ଦେଇଛନ୍ତି। ଏଠାରେ ତମେ ରହିବାର କୌଣସି ଆବଶ୍ୟକତା ନାହିଁ ବୋଲି ଦୁହେଁ କହିଥିଲେ। ଗତ ମଙ୍ଗଳବାର ସକାଳ ୮.୩୦ରେ ଓଲ୍ଡବୁରୀର ଟେମ୍ ରୋଡ୍‌ରେ ଏହି ଯୁବତୀ ଜଣକ ଦୁଷ୍କର୍ମର ଶିକାର ହୋଇଥିଲେ। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଛି। ତେବେ ଏହି ଦୁଇ ଅଭିଯୁକ୍ତ ଇଂରେଜ ନଥିଲେ ବୋଲି ପୁଲିସ ସ୍ପଷ୍ଟ କରିଛି। କିନ୍ତୁ ଏହି ଦୁଇ ଜଣ ଡେଙ୍ଗା ଚଉଡା ବ୍ରିଟେନର ଯୁବକ ଥିଲେ ବୋଲି ଯୁବତୀ ଜଣକ କହିଛନ୍ତି। ୟୁନାଇଟେଡ କିଙ୍ଗଡ଼ମ୍‌ର ଶିଖ ଫେଡେରେସନ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଛି। ଫରେନ୍‌ସିକ ଟିମ୍ ଏହାର ଯାଞ୍ଚ କରୁଛି। ଏହି ଘଟଣା ପରେ ସ୍ଥାନୀୟ ସମୁଦାୟ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଛି। ବ୍ରିଟେନର ଶିଖ ସାଂସଦ ପ୍ରୀତ କୌର ଏହି ଘଟଣାକୁ ନିନ୍ଦା କରିଛନ୍ତି। ସେହିପରି ଲେବର ପାର୍ଟିର ସାଂସଦ ଗୁରିନ୍ଦର ସିଂ ଜୋସାନ ମଧ୍ୟ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହି ଘଟଣା ନିହାତି ଭୟାଭୟ ବୋଲି କହିଛନ୍ତି।

# ରୁଷରେ ପୁଣି ୭.୪ ତୀବ୍ରତାର ଭୂକମ୍ପ



**ଜାରି ହେଲା ସୁନାମୀ ସତର୍କତା**

**୩ ମାସରେ ୭ ତୀବ୍ରତାର ଆସିଲା ୩ ଭୂକମ୍ପ**

**ଗତ ୬ ମାସରେ ବିଶ୍ୱରେ ୧ ଲକ୍ଷରୁ ଅଧିକ ଭୂକମ୍ପ**

ମସ୍କୋ, ୧୩।୯(ଏଜେନ୍ସି): ରୁଷିଆର ସୁଦୂର ପୂର୍ବ ଉପକୂଳରେ ଥିବା କାମ୍‌ଚଟକାରେ ଶନିବାର ଏକ ବଡ଼ ଧରଣର ଭୂକମ୍ପ ଆସିଥିଲା। ଏହାର ତୀବ୍ରତା ୭.୪ ଥିଲା। ଭୂକମ୍ପ ପରେ ଏହି ଅଞ୍ଚଳରେ ସୁନାମୀ ସତର୍କତା ଜାରି କରାଯାଇଛି। ଏହି ଭୂକମ୍ପ ଭୂପୃଷ୍ଠର ୩୯.୫ କିମି ଗଭୀରରେ ହୋଇଥିଲା। ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ପ୍ରଥମେ ଭୂକମ୍ପର ତୀବ୍ରତା ୭.୫ ବୋଲି କହିଥିଲା। କିନ୍ତୁ ପରେ ଏହାକୁ ସଂଶୋଧନ କରି ୭.୪ ବୋଲି ସୂଚନା ଦେଇଥିଲା। ଏହି ଭୂକମ୍ପ ଫଳରେ ରୁଷିଆର ପୂର୍ବ ଉପକୂଳରେ ୩୦୦ କିମି ଅଞ୍ଚଳରେ ସମୁଦ୍ରରୁ ବିପଜ୍ଜନକ ଲହରି ତଥା ସୁନାମୀ ଆସିବ ବୋଲି ପ୍ୟାସିଫିକ ସୁନାମୀ ଚେତାବନୀ କେନ୍ଦ୍ର ସତର୍କତା ଜାରି କରିଛି। ଏପର୍ଯ୍ୟନ୍ତ କେହି ମୃତାହତ ହୋଇଥିବାର ଖବର ଆସିନାହିଁ। ଏହାପୂର୍ବରୁ ଜୁଲାଇ ୩୦ରେ ରୁଷିଆରେ ୮.୯ ତୀବ୍ରତାର ଭୂକମ୍ପ ଆସିଥିଲା ଓ ଏହାକୁ ବିଶ୍ୱର ଷଷ୍ଠ ସର୍ବବୃହତ ଭୂକମ୍ପ ବୋଲି କୁହାଯାଇଥିଲା। କାମଚଟକାରେ ଗତ ୩ ମାସ ମଧ୍ୟରେ ୭ରୁ ଅଧିକ ତୀବ୍ରତାରେ ୩ଟି ଭୂକମ୍ପ ଆସିଛି। ଚଳିତ ବର୍ଷ ଏହି ଅଞ୍ଚଳରେ ମୋଟ୍ ୧, ୨୦୦ରୁ ଅଧିକ ଭୂକମ୍ପ ଆସିବା ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ଏଥିମଧ୍ୟରୁ ଅଧିକାଂଶ ଛୋଟଛୋଟ ଭୂକମ୍ପ ସାମିଲ ରହିଛି। କିନ୍ତୁ ୪ରୁ ଅଧିକ ତୀବ୍ରତାର ଭୂକମ୍ପର ସଂଖ୍ୟା ୧୫୦ରୁ ଅଧିକ ଥିଲା। କାମଚଟକା ଦକ୍ଷିଣରେ ଜାପାନ, ପୂର୍ବରେ ଆମେରିକା ଓ ଦକ୍ଷିଣ ପଶ୍ଚିମରେ ଚୀନ୍ ରହିଛି। ତେବେ ଜାପାନ ଏହି ଭୂକମ୍ପ ପାଇଁ କୌଣସି ସୁନାମୀ ସତର୍କତା ଜାରି କରିନାହିଁ।

ଗତ ୬ ମାସ ମଧ୍ୟରେ ବିଶ୍ୱରେ ବହୁ ସଂଖ୍ୟାରେ ଭୂକମ୍ପ ଆସିଛି। ମାର୍ଚ୍ଚରୁ ସେପ୍ଟେମ୍ବର ୧୩ ମଧ୍ୟରେ ବିଶ୍ୱରେ ଭୂକମ୍ପର ପ୍ରକ୍ରିୟା ଜାରି ରହିଛି। ଏହି ସମୟ ଅବଧିରେ ପାଖାପାଖି ୧ ଲକ୍ଷ ୧୦ ହଜାର ଭୂକମ୍ପ ଆସିଛି ବୋଲି ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ଗତ ଅଗଷ୍ଟ ୩୧ରେ ଆଫଗାନିସ୍ତାନର ପୂର୍ବାଞ୍ଚଳରେ ୬.୦ ତୀବ୍ରତାର ଭୂକମ୍ପ ଆସିଥିଲା ଓ ଏଥିରେ ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି ଗତ ମାର୍ଚ୍ଚ ୨୮ରେ ମିଆଁମାରରେ ୭.୭ରୁ ୭.୯ ତ୍ରୀବ୍ରତାର ଭୂକମ୍ପ ଆସିଥିଲା ଓ ଏଥିରେ ୨ ହଜାର ଲୋକ ପ୍ରାଣ ହରାଇଥିଲେ। ଅଗଷ୍ଟ ୩୦ରେ ଆଣ୍ଟାର୍ଟିକା ନିକଟସ୍ଥ ଦକ୍ଷିଣ ଆଣ୍ଟାଲଟିକ ମହାସାଗରରେ ଥିବା ସାଉଥ ସେଟଲାଣ୍ଡ ଦୀପରେ ୭.୫ ତୀବ୍ରତାର ଭୂକମ୍ପ ଆସିଥିଲା।

## ଟ୍ରକ୍ ଚକ ତଳେ ଫସି ୯ ମୃତ, ୨୨ ଆହତ

ବେଙ୍ଗାଲୁରୁ, ୧୩।୯(ଏଜେନ୍ସି): କର୍ଣ୍ଣାଟକର ହାସନ ଜିଲ୍ଲାରେ ଶୁକ୍ରବାର ରାତିରେ ଏକ ଗଣେଶ ବିସର୍ଜନ ଶୋଭାଯାତ୍ରା ଅବସରରେ ବଡ଼ଧରଣ ଦୁର୍ଘଟଣା ଘଟିଛି। ନିୟନ୍ତ୍ରଣ ହରାଇ ଏକ ଟ୍ରକ ଏହି ଶୋଭାଯାତ୍ରା ଭିତରକୁ ପଶିଯାଇଥିଲା। ଫଳରେ ଟ୍ରକ୍ ଚକ ତଳେ ଆସି ୯ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ହୋସାହଲ୍ଲୀ ଗାଁରେ ରାତି ପାଖପାଖି ୮.୪୫ରେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ଅଧିକ ଯୁବକ ରହିଛନ୍ତି। ଆହତଙ୍କୁ ହାସନ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ଭର୍ତ୍ତି କରାଯାଇଛି। ଆହତ ହୋଇଥିବା ଟ୍ରକ୍ ଚାଳକଙ୍କୁ ଗିରଫ କରାଯାଇଛି। ଟ୍ରକ୍‌ଟି ଅରକଲାଗୁଡୁ ଆଡୁ ଆସୁଥିଲା। ଲୋକେ ଡିଜେ ବଜାଇ ନୃତ୍ୟ କରୁଥିଲେ। ଶୋଭାଯାତ୍ରାର ନିକଟତର ହେବା ମାତ୍ରେ ଟ୍ରକ୍ ଚାଳକ ନିୟନ୍ତ୍ରଣ ହରାଇଥିଲେ। ଲୋକ ଚକ ତଳକୁ ଆସିଥିଲେ। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିଜନକୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦, ୦୦୦ ଟଙ୍କା ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି।

## ମ୍ୟାନ୍‌ମାର ସ୍କୁଲ ଉପରେ ଆକ୍ରମଣ; ୧୯ ଛାତ୍ର ମୃତ

ନେପିଡ, ୧୩।୯(ଏଜେନ୍ସି): ମ୍ୟାନମାରର ଦୁଇଟି ସ୍କୁଲ ଉପରେ ଏୟାର ଷ୍ଟ୍ରାଇକ କରାଯାଇଛି। ଏଥିରେ ୧୯ ଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ପଶ୍ଚିମ ମ୍ୟାନମାରର ରାଖାଇନ ରାଜ୍ୟରେ ଏହି ଆକ୍ରମଣ କରାଯାଇଛି ବୋଲି ଏଥିନିକ ଆରାକାନ ଆର୍ମି ତରଫରୁ କୁହାଯାଇଛି। ଶୁକ୍ରବାର ଅଧରାତିରେ ଛାତ୍ରମାନେ ନିଦରେ ଶେଇଥିବା ବେଳେ ଏହି ଆକ୍ରମଣ କରାଯାଇଥିଲା। ଏଥିନିକ ଆରାକାନ ଆର୍ମି ଓ ମ୍ୟାନମାର ମିଲିଟାରୀ ଜୁନ୍ତା ମଧ୍ୟରେ ସଂଘର୍ଷ ଚାଲିଥିବା ବେଳେ ଏହି ଘଟଣା ଘଟିଛି। ମ୍ୟାନମାର ସେନା ହିଁ ଏହି ଆକ୍ରମଣ କରି ୫୦୦ ପାଉଣ୍ଡ ଅର୍ଥାତ ୨୨୬.୭୯ କେଜିର ବୋମା ପକାଇଥିଲା ବୋଲି କୁହାଯାଇଛି। ତେବେ ଏହି ଘଟଣା ନେଇ ମ୍ୟାନମାର ସେନା ତରଫରୁ କିଛି କୁହାଯାଇ ନାହିଁ। ଏହି ଆକ୍ରମଣକୁ ଜାତିସଂଘ ନିନ୍ଦା କରିଛି। ୨୦୨୧ରେ ସରକାରଙ୍କୁ ଗାଦିଚ୍ୟୁତ କରିବା ପରେ ମ୍ୟାନମାନରରେ ଅରାଜକତା ଓ ହିଂସା ଜାରି ରହିଛି। ସେନା ତଥା ମିଲିଟାରୀ ଜୁନ୍ତା ଆଙ୍ଗ ସାନ ସୁ କିଙ୍କ ସରକାରଙ୍କୁ ଗାଦିଚ୍ୟୁତ କରି ଶାସନ ହାତକୁ ନେଇଥିଲା।

# ମଣିପୁରରେ ମୋଦୀ, କ୍ଷତିଗ୍ରସ୍ତଙ୍କୁ ଭେଟିଲେ



**ଶାନ୍ତିର ରାସ୍ତା ଆପଣାଇବାକୁ ଜନତାଙ୍କୁ ନିବେଦନ**

**ହେଲିକପ୍ଟର ବଦଳରେ ଗାଡ଼ିରେ ଗଲେ ଚୁରାଚାନ୍ଦପୁର**

ଇମ୍ଫାଲ, ୧୩।୯ (ଏଜେନ୍ସି): ସଂରକ୍ଷଣକୁ ନେଇ ୨୦୨୩ ମେ' ୩ରୁ ମଣିପୁରରେ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ହିଂସା ଲାଗି ରହିଛି। ଏହି ହିଂସାରେ ଏ ପର୍ଯ୍ୟନ୍ତ ୨୬୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ୭୦ ହଜାରରୁ ଉର୍ଦ୍ଧ୍ୱ ବିସ୍ଥାପିତ ହେଲେଣି। ହିଂସାର ଦୁଇ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମଣିପୁର ଗସ୍ତ କରିଛନ୍ତି। ସେ ଚୁରାଚାନ୍ଦପୁର ଏବଂ ଇମ୍ଫାଲରେ ପହଞ୍ଚିଛନ୍ତି। ଚୁରାଚାନ୍ଦପୁରରେ ୭,୩୦୦ କୋଟି ଏବଂ ଇମ୍ଫାଲରେ ୧୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିକାଶ ପ୍ରକଳ୍ପଗୁଡିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସେ ଇମ୍ଫାଲରେ ଜନସାଧାରଣଙ୍କୁ ସମ୍ବୋଧନ କରି ହିଂସାକୁ ଦୁର୍ଭାଗ୍ୟଜନକ କହିଛନ୍ତି। ଇମ୍ଫାଲ ହେଉଛି ସମ୍ଭାବନାର ସହର। ଏକବିଂଶ ଶତାବ୍ଦୀ ଉତ୍ତର-ପୂର୍ବ ରାଜ୍ୟଗୁଡିକର ହେବ। ଆମକୁ ରାଜ୍ୟକୁ ଶାନ୍ତି ଏବଂ ବିକାଶର ମାର୍ଗରେ ନେବାକୁ ହେବ। ମୋଦୀ ସବୁ ସଂଗଠନଗୁଡ଼ିକୁ ଶାନ୍ତିର ମାର୍ଗରେ ଯିବା ପାଇଁ ନିବେଦନ କରିଛନ୍ତି। ସମସ୍ତଙ୍କ ସହ ରହିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ମୋଦୀ ଇମ୍ଫାଲ ବିମାନବନ୍ଦରରେ ଅବତରଣ କରିଥିଲେ। ସେ ପ୍ରଥମେ ଚୁରାଚାନ୍ଦପୁର ଯିବାର ଥିଲା। ମାତ୍ର ଇମ୍ଫାଲରେ ପ୍ରବଳ ବର୍ଷା ହେଉଥିଲା। ହେଲିକପ୍ଟର ଉଡ଼ାଣ ପାଇଁ ପାଗ ଅନୁକୂଳ ନ ଥିଲା। ତେଣୁ ପ୍ରଧାନମନ୍ତ୍ରୀ ସଡ଼କ ମାର୍ଗରେ ୬୪ କିମି ଯାତ୍ରା କରି ଦେଢ଼ ଘଣ୍ଟାରେ ଚୁରାଚାନ୍ଦପୁରରେ ପହଞ୍ଚି ଥିଲେ। ପ୍ରଥମେ ଚୁରାଚାନ୍ଦପୁରରେ କାର୍ଯ୍ୟକ୍ରମ ସାରି ଇମ୍ଫାଲ ଆସିଥିଲେ। ମୋଦୀ ଚୁରାଚାନ୍ଦପୁରର ରିଲିଫ କ୍ୟାମ୍ପରେ ପୀଡ଼ିତଙ୍କୁ ଭେଟି ଥିଲେ। ସେ କାର୍ଯ୍ୟକ୍ରମ ସ୍ଥଳରେ ହିଂସା ପୀଡ଼ିତଙ୍କ ସହ ଆଲୋଚନା କରିଥିଲେ। ଚୁରାଚାନ୍ଦପୁର କୁକି ଏବଂ ଇମ୍ଫାଲ ମେଇତି ବହୁଳ ପାହାଡି ଅଞ୍ଚଳ। ଗତ ଦୁଇ ବର୍ଷ ହେଲା ଉଭୟ ସମ୍ପ୍ରଦାୟ ପରସ୍ପର ଅଞ୍ଚଳକୁ ଯାଉନାହାନ୍ତି।

ମୋଦୀ କହିଥିଲେ ଯେ ମଣିପୁରରେ ଶାନ୍ତି ଏବଂ ସ୍ଥିରତା ପ୍ରତିଷ୍ଠା ହେଉ। ଲୋକଙ୍କ ସ୍ୱାର୍ଥ ସୁରକ୍ଷା ହେଉ। କ୍ୟାମ୍ପରେ ରହୁଥିବା ଲୋକେ ପୁଣିଥରେ ମୁଖ୍ୟସ୍ରୋତକୁ ଫେରନ୍ତୁ। ଏଥିପାଇଁ ସରକାର କ୍ରମାଗତ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ମାଆ ଭାରତୀଙ୍କ ମୁକୁଟରେ ସଜ୍ଜିତ ରତ୍ନ ହେଉଛି ମଣିପୁର। ମଣିପୁରର ବିକାଶବାଦୀ ଛବିକୁ କ୍ରମାଗତ ଭାବେ ମଜବୁତ କରିବାକୁ ହେବ। ରାଜ୍ୟରେ କୌଣସି ପ୍ରକାରର ହିଂସା ଦୁର୍ଭାଗ୍ୟଜନକ। ଏହି ହିଂସା ପୂର୍ବଜ ଏବଂ ପରବର୍ତ୍ତୀ ପିଢି ପାଇଁ ବହୁତ ବଡ଼ ଅନ୍ୟାୟ। ମଣିପୁରରେ ସାମର୍ଥ୍ୟର ଅଭାବ ନାହିଁ। କିନ୍ତୁ ଆମକୁ ସମ୍ବାଦର ପଥକୁ ମଜବୁତ କରିବାକୁ ହେବ। ପାହାଡି ଏବଂ ଘାଟୀର ଲୋକଙ୍କ ମଧ୍ୟରେ ବିଶ୍ୱାସର ସେତୁକୁ ମଜବୁତ କରିବାକୁ ହେବ। ମଣିପୁର ଯୁବଗୋଷ୍ଠୀଙ୍କ ପରିଚୟକୁ ହିଂସାର କରାଳ ଛାୟାରେ ବୁଡ଼ିବାକୁ ଦିଆଯିବ ନାହିଁ। ମଣିପୁର ଆଶା ଏବଂ ଆକାଂକ୍ଷାର ଭୂମି। ଦୁର୍ଭାଗ୍ୟ ଯେ ହିଂସା ଏହି ସୁନ୍ଦର ଅଞ୍ଚଳକୁ ନିଜ ସଂସ୍ପର୍ଶକୁ ନେଇଯାଇଛି। ଆଶା ଏବଂ ବିଶ୍ୱାସର ନୂଆ ସକାଳ ମଣିପୁରରେ ପ୍ରବେଶ କରୁଛି। କୌଣସି କ୍ଷେତ୍ରର ବିକାଶ ପାଇଁ ଶାନ୍ତି ଜରୁରୀ। ଗତ ୧୧ ବର୍ଷରେ ପୂର୍ବୋତ୍ତରର ଅନେକ ସଂଘର୍ଷ ସମାପ୍ତ ହୋଇଛି। ମଣିପୁରରେ ମଧ୍ୟ ଶାନ୍ତିର ବାର୍ତ୍ତା ଆରମ୍ଭ ହୋଇସାରିଛି। ମୋଦୀ ଏହି ଅବସରରେ ନେପାଳର କାମଚଳା ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କୁ ଭାରତବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ସେ ନେପାଳରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିର ମାର୍ଗ ପ୍ରଶସ୍ତ କରିବେ ବୋଲି ଆଶା ବ୍ୟକ୍ତି କରିଛନ୍ତି।

## ମିଜୋରାମର ପ୍ରଥମ ରେଳ ଲାଇନ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ଆଇଜୋଲ, ୧୩।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମିଜୋରାମର ପ୍ରଥମ ରେଳ ଲାଇନ 'ବୈରାବୀ-ସାଇରଙ୍ଗ'କୁ ଉଦ୍‌ଘାଟନ କରିଛନ୍ତି। ୫୧ କିମିର ଏହି ରେଳ ଲାଇନ ମାଧ୍ୟମରେ ମିଜୋରାମରୁ ଦିଲ୍ଲୀ, ଗୌହାଟୀ ଏବଂ କୋଲକାତାକୁ ସିଧାସଳଖ ଟ୍ରେନ ଯୋଗାଯୋଗ ହୋଇଯାଇଛି। ଏହି ରେଳ ମାର୍ଗରେ ୪୫ ସୁଡ଼ଙ୍ଗ, ୮୮ ଛୋଟ ଏବଂ ୫୫ଟି ବଡ଼ ବ୍ରିଜ୍ ରହିଛି। ଏହା ବ୍ୟତୀତ ୧୧୪ ମିଟର ଉଚ୍ଚା ଦେଶର ଦ୍ୱିତୀୟ ବୃହତ୍ତମ ପିୟର ବ୍ରିଜ ରହିଛି। ଏହା କୁତୁବମିନାର (୭୨ମିଟର)ଠୁ ମଧ୍ୟ ବଡ଼। ଏହି ବ୍ରିଜ୍ ଉଦ୍‌ଘାଟନ କରି ମୋଦୀ କହିଥିଲେ ଯେ ଦୀର୍ଘ ଦିନ ହେଲା ଦେଶର କିଛି ରାଜନୈତିକ ଦଳ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି। ସେମାନେ ମିଜୋରାମକୁ ଅଣଦେଖା କରିଥିଲେ। କିନ୍ତୁ ଆଜି ଏହି ରାଜ୍ୟ ଆଗରେ ରହିଛି। ମୋଦୀ ଏହି ଅବସରରେ ଲେଙ୍ଗପୁଇ ବିମାନବନ୍ଦରରୁ ୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହା ପରେ ସେ ମଣିପୁର ଯାଇଥିଲେ।

## ଗାଜା- ହମାସ୍ ମାମଲାରେ ଫ୍ରାନ୍ସ, ବ୍ରିଟେନକୁ ଇସ୍ରାଏଲର ସମାଲୋଚନା



ତେଲଅଭିଭ୍, ୧୩।୯ (ଏଜେନ୍ସି): ଗାଜା- ହମାସ ମାମଲାରେ ଇସ୍ରାଏଲ ଏବେ ଫ୍ରାନ୍ସ ଓ ବ୍ରିଟେନ ଭଳି ୟୁରୋପୀୟ ଦେଶକୁ ସମାଲୋଚନା କରିଛି। ଜାତିସଂଘ ମହାସଭାରେ ଇସ୍ରାଏଲ୍ ରାଷ୍ଟ୍ରଦୂତ ଡ୍ୟାନି ଡାନନ କାତାରରେ ହମାସ ଆତଙ୍କବାଦୀଙ୍କୁ ଟାର୍ଗେଟ କରି କରାଯାଇଥିବା ଆକ୍ରମଣକୁ ଯଥାର୍ଥ ବୋଲି କହିଛନ୍ତି। ଇସ୍ରାଏଲର ଏହି ଆକ୍ରମଣମକୁ ଫ୍ରାନ୍ସ ଓ ବ୍ରିଟେନ ନିନ୍ଦା କରିଥିଲେ। ଡାନନ କିନ୍ତୁ ଏହାକୁ ଠିକ୍ ବୋଲି କହିଛନ୍ତି। ୨୦୧୪ରୁ ୨୦୨୨ ପର୍ଯ୍ୟନ୍ତ ଫ୍ରାନ୍ସ ମାଲି, ଚାଦ, ବୁର୍କିନା ଫାସୋ ଓ ମାରିଟନିଆରେ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରିଥିଲା। ସେହିପରି ବ୍ରିଟେନ ଇରାକ ଓ ସିରିଆ ଉପରେ ଆଇଏସ୍‌ଆଇଏସ୍ ବିରୋଧରେ ଏୟାର ଷ୍ଟ୍ରାଇକ୍ କରିଥିଲା। ତେଣୁ ଯଦି ସେତେବେଳେ ଏଭଳି ଆକ୍ରମଣ ଯଥାର୍ଥ ଥିଲା ଏବେ କାହିଁକି ନୁହଁ ବୋଲି ସେ ପ୍ରଶ୍ନ କରିଛନ୍ତି। କାତାର ଉପରେ ଇସ୍ରାଏଲର ଆକ୍ରମଣ ଠିକ୍ ବୋଲି ଡାନନ କହିଛନ୍ତି। ଉଲ୍ଲେଖଥାଉ କି, ଇସ୍ରାଏଲ ସେନା ଗତ ୯ ତାରିଖରେ କାତାର ରାଜଧାନୀ ଦୋହା ଉପରେ ହମାସ ମୁଖ୍ୟ ଖଲିଲ ଅଲ- ହାୟାଙ୍କୁ ଲକ୍ଷ୍ୟ କରି ଏୟାର ଷ୍ଟ୍ରାଇକ୍ କରିଥିଲା। ଏହାପରେ ଫ୍ରାନ୍ସ, ବ୍ରିଟେନ ସମେତ କେତୋଟି ଦେଶ ଇସ୍ରାଏଲକୁ ସମାଲୋଚନା କରିଥିଲେ। ଏହି ଲୋକମାନେ ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲରେ ନରସଂହାର କରିଥିଲେ ବୋଲି ଡାନନ କହିଛନ୍ତି।

## ସାହାର ଇଣ୍ଡିଆର ନିବେଶକଙ୍କୁ ଶୀଘ୍ର ମିଳିବ ଟଙ୍କା

# ୫ ହଜାର କୋଟି ପ୍ରଦାନ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): 'ସାହାର ଇଣ୍ଡିଆ'ରେ ଟଙ୍କା ନିବେଶ କରିଥିବା ଲୋକଙ୍କ ପାଇଁ ଭଲ ଖବର ଆସିଛି। ସାହାରା ଗ୍ରୁପ୍‌ର ସହକାରୀ ସମିତି (କୋଅପରେଟିଭ ସୋସାଇଟି)ରେ ଟଙ୍କା ଜମା କରିଥିବା ଲୋକଙ୍କୁ ଫେରାଇବା ପାଇଁ ଜମା ଅର୍ଥରୁ ୫ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ସେବିକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଆବେଦନ ଉପରେ ବିଚାର କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଶୁକ୍ରବାର ଏହି ନିର୍ଦ୍ଦେଶ ଦେଇଥିଲେ। ସାହାରାର ରିଫଣ୍ଡ ଖାତାରେ ଥିବା ରାଶିରୁ ଜମାକାରୀଙ୍କୁ ପୈଠ କରିବା ପାଇଁ ଟଙ୍କା ପ୍ରଦାନ ଲାଗି ଅନୁରୋଧ କରାଯାଇଥିଲା। ଏହା ବ୍ୟତୀତ ୨୦୨୩ରେ ପ୍ରଦାନ କରାଯାଇଥିବା ୫ ହଜାର କୋଟି ଟଙ୍କାକୁ ଆବଣ୍ଟନ କରିବାର ସମୟସୀମାକୁ ୨୦୨୫ ଡିସେମ୍ବର ୩୧ରୁ ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ସୁପ୍ରିମକୋର୍ଟ କହିଥିଲେ ଯେ ୨୦୨୩ ମାର୍ଚ୍ଚ ୨୯ରେ ପାରିତ ନିର୍ଦ୍ଦେଶ ଆଧାରରେ କେନ୍ଦ୍ରର ଏହି ଅନୁରୋଧକୁ ସ୍ୱୀକାର କରାଯାଇଛି। ୫ ହଜାର କୋଟିର ରାଶିକୁ ସେବି-ସାହାରା ରିଫଣ୍ଡ ଖାତାରୁ କୋ-ଅପରେଟିଭ ସୋସାଇଟିର ସେଣ୍ଟ୍ରାଲ ରେଜିଷ୍ଟ୍ରାରଙ୍କ ଖାତାକୁ ସ୍ଥାନାନ୍ତର କରାଯାଉ। ଯାଞ୍ଚ ପ୍ରକୃତ ଜମାକାରୀଙ୍କୁ ଏହି ଟଙ୍କା ଆବଣ୍ଟନ କରାଯିବ। ଖଣ୍ଡପୀଠ କହିଥିଲେ ଯେ ପୂର୍ବତନ ବିଚାରପତି ଆର ସୁଭାଷ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ସପ୍ତାହେ ଭିତରେ ଏହି ରାଶି ସ୍ଥାନାନ୍ତର କରାଯାଉ। ୨୦୨୩ ମାର୍ଚ୍ଚରେ ଦିଆଯାଇଥିବା ନିର୍ଦ୍ଦେଶ ପାଳନ ହେଉ। ପିନାକ ପି ମହାନ୍ତିଙ୍କ ଜନସ୍ୱାର୍ଥ ମାମଲାକୁ ନେଇ କେନ୍ଦ୍ର ପକ୍ଷରୁ ଏହି ଆବେଦନ ଦାଏର କରାଯାଇଥିଲା। ଏହି ଆବେଦନରେ ବିଭିନ୍ନ ଚିଟ୍‌ଫଣ୍ଡ କମ୍ପାନୀ ଏବଂ ସାହାରା କ୍ରେଡିଟ ଫାର୍ମରେ ନିବେଶ କରିଥିବା ନିବେଶକଙ୍କୁ ଟଙ୍କା ଫେରାଇବା ନେଇ ନିବେଦନ କରାଯାଇଥିଲା।

ଏ ପର୍ଯ୍ୟନ୍ତ ପ୍ରାୟ ୫.୪୩ କୋଟି ନିବେଶକ ୧, ୧୩, ୫୦୪.୧୨୪ କୋଟି ଟଙ୍କାର ଦାବି କଲେଣି। ଏଥିରୁ ୨୬, ୨୫, ୦୯୦ ପ୍ରକୃତ ଜମାକାରୀଙ୍କୁ ୫, ୦୫୩.୦୧ ଟଙ୍କା ଫେରାଗଲାଣି। ଏହା ବ୍ୟତୀତ ୧୩, ୩୪, ୯୯୪ ନିବେଶକ ନିର୍ଦ୍ଧାରିତ ୱେବ ପୋର୍ଟାଲରେ ନିଜ ଦାବି ପଞ୍ଜିକରଣ କରିଛନ୍ତି। ଏହାର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହି ସବୁ ଦାବିରେ ପ୍ରାୟ ୨୭,୮୪୯.୯୫ କୋଟି ଟଙ୍କା ଦାବି କରାଯାଇଛି।

■ ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ

## ମହିଳାଙ୍କ ସମେତ ୩ ଜଣଙ୍କୁ ଖୁଣ୍ଟରେ ବାନ୍ଧି ଛେଚିଲେ

କରଞ୍ଜିଆ, ୧୩।୯ (ସମିସ): ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ। ଦୁଇ ଯୁବକ ଓ ଜଣେ ମହିଳାଙ୍କୁ ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ଛେଚିଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ବେଗୁନିଆ ଗାଁରେ ଏଭଳି ଏକ ଘଟଣା ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।



ସୂଚନାନୁସାରେ, ଶୁକ୍ରବାର ମହିଳାଜଣଙ୍କ ହାଟକୁ ସଉଦା ପାଇଁ ଯଶିପୁର ଯାଇଥିଲେ। କିଣାକିଣିରେ ସାହାଯ୍ୟ କରିବା ପାଇଁ ନିକଟସ୍ଥ କାଶୀପାଳ ଗାଁର ତାଙ୍କ ସମ୍ପର୍କୀୟ ଦୁଇ ଦିଅରଙ୍କୁ ସାଙ୍ଗରେ ନେଇଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ସମସ୍ତେ ଏକ ବାଇକ୍‌ରେ ଘରକୁ ଫେରିଥିଲେ। ତେବେ ମହିଳାଙ୍କ ପରିବାରଲୋକ ତାଙ୍କୁ ଦୁଇ ଯୁବକଙ୍କ ସହ ଦେଖି ହଠାତ୍ ଉତ୍ତ୍ୟକ୍ତ ହୋଇଉଠିଥିଲେ। ଯୁବକଦ୍ୱୟଙ୍କ ସହ ମହିଳାଙ୍କ

**୨ ଅଟକ**

ଅନୈତିକ ସଂପର୍କ ଥିବା ନେଇ ପରିବାରଲୋକ ଅଭିଯୋଗ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ ଲୋକ ରୁଣ୍ଡ ହୋଇ ୩ ଜଣଙ୍କୁ ମାରଧର କରିଥିଲେ। ପରେ ସେମାନଙ୍କୁ ନିକଟସ୍ଥ ଏକ ପଡ଼ିଆରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଥିଲେ। ଖବର ପାଇ ଯଶିପୁର ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଯଶିପୁର ମେଡିକାଲରେ ଭର୍ତ୍ତି କରାଇଥିଲା। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

**ବିନା ଟେଣ୍ଡରରେ ମଧ୍ୟାହ୍ନଭୋଜନ ଚାଉଳ ପରିବହନ**

ଠିକ୍ ସମୟରେ ସ୍କୁଲରେ ପହଞ୍ଚୁନି ଚାଉଳ

## ମଧ୍ୟାହ୍ନଭୋଜନରେ ଛୁଆ ଖାଉଛନ୍ତି ମୁଢ଼ି, ବିସ୍କୁଟ

ବାରିପଦା,୧୩।୯ (ସମିସ): ସ୍କୁଲ ଛାତ୍ରଛାତ୍ରୀଙ୍କୁ ନିୟମିତ ସ୍କୁଲ ଆସିବାକୁ ଆକୃଷ୍ଟ କରିବା ସହ ଉତ୍ତମ ପୋଷଣ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ଦେଶରେ ପ୍ରଧାନମନ୍ତ୍ରୀ ପୋଷଣ ମଧ୍ୟାହ୍ନ ଭୋଜନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି। ଜିଲ୍ଲାରେ ଏହି ଯୋଜନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ବର୍ଷକୁ ୮୩ ହଜାର କୁଇଣ୍ଟାଲ ଚାଉଳ ମଧ୍ୟାହ୍ନ ଭୋଜନ ବାବଦରେ ସରକାର ପ୍ରଦାନ କରୁଛନ୍ତି। କିନ୍ତୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ ହେଉନାହିଁ। ବିଭିନ୍ନ ସମୟରେ ଜିଲ୍ଲାର ଅଧିକାଂଶ ସ୍କୁଲରେ ଚାଉଳ ଯୋଗାଣ ହେଉ ନଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମୁଢ଼ି ବା ବିସ୍କୁଟ ପ୍ୟାକେଟ୍ କିଣି ପିଲାଙ୍କୁ ପ୍ରଦାନ କରୁଛନ୍ତି।



ମଧ୍ୟାହ୍ନଭୋଜନ ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଛି। ସ୍କୁଲଗୁଡ଼ିକୁ ଚାଉଳ ଯୋଗାଣ ତଥା ପରିବହନ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିବର୍ଷ ଖୋଲା ଟେଣ୍ଡର ଆହ୍ୱାନ କରି ଯୋଗ୍ୟ ସଂସ୍ଥା ବା ବ୍ୟକ୍ତିଙ୍କୁ ଏଫସିଆଇ ବା ପିଇଜି ଗୋଦାମରୁ ମଧ୍ୟାହ୍ନ ଭୋଜନ ଚାଉଳ ନେଇ ସ୍କୁଲରେ ଯୋଗାଇବା ନିମନ୍ତେ ସରକାରୀ ଗାଇଡଲାଇନ୍ ରହିଛି। ରାଜ୍ୟ ସରକାର ଏହି ଚାଉଳ ପରିବହନ ପାଇଁ ଟେଣ୍ଡରରେ କୁଇଣ୍ଟାଲ ପିଛା ସର୍ବାଧିକ ପରିବହନ ମୂଲ୍ୟ ୧୫୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ମାତ୍ର ମୟୂରଭଞ୍ଜ ଜିଲ୍ଲାରେ ଦୀର୍ଘ ବର୍ଷ ହେଲା ନିୟମିତ ଟେଣ୍ଡର୍ କରା ନ ଯାଇ ନିର୍ଦ୍ଦିଷ୍ଟ ଏକ ଏଜେନ୍ସି ବା ବ୍ୟକ୍ତିଙ୍କ ପରିଚାଳିତ ଗୋଷ୍ଠୀ ଦ୍ୱାରା ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ ଠିକା ସର୍ବାଧିକ ମୂଲ୍ୟରେ ପ୍ରଦାନ କରାଯାଉଛି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

■ ସାନି ଟେଣ୍ଡର୍ ନ କରି ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଅନୁଗ୍ରହ

■ ସୋମବାର କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବେ ଅନ୍ୟ ଟେଣ୍ଡର୍ ଆଶାୟୀ

ଏ ବାବଦରେ ବିଭିନ୍ନ ମହଲରେ ଅଭିଯୋଗ ହେବା ପରେ ଜିଲ୍ଲା ଶିକ୍ଷାଧିକାରୀ ଗତ ଜୁନ୍ ୧୮ ରେ ଚାଉଳ ପରିବହନ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। କିନ୍ତୁ ସେଥିରେ ନିର୍ଦ୍ଦିଷ୍ଟ ଏଜେନ୍ସିକୁ ସୁହାଇବା ଭଳି ସର୍ତ୍ତ ରଖାଯାଇଥିଲା। ଏନେଇ କମିଟିର ଚେୟାରମ୍ୟାନ୍ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ଟେଣ୍ଡର୍‌ରେ ସର୍ତ୍ତ ପରିବର୍ତ୍ତନ କରାଯାଇଥିଲା। ଟେଣ୍ଡର୍ ଖୋଲିବା ସମୟସୀମା ବୃଦ୍ଧି କରାଯିବା ସହ କିଛି ସର୍ତ୍ତରେ ମଧ ପରିବର୍ତ୍ତନ କରାଯାଇଥିଲା। କିନ୍ତୁ ପୁଣିଥରେ ସେଥିରେ ତ୍ରୁଟିପୂର୍ଣ୍ଣ ସର୍ତ୍ତାବଳୀ ଥିବାରୁ ଜୁଲାଇ ୩୦ରେ ଟେଣ୍ଡର୍ ଖୋଲାଯିବା ପରେ ମଧ କେହି ଚୟନ ହୋଇନଥିଲେ। ଏହି ଘଟଣା ଏକ ମାସରୁ ଅଧକ ସମୟ ବିତିଯାଇଥିଲେ ହେଁ ଆଜିଯାଏ ସାନି ଟେଣ୍ଡର୍ ଆହ୍ୱାନ କରାଯାଇନାହିଁ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧୀନରେ ଅଙ୍ଗନବାଡ଼ି ସମୂହକୁ ଚାଉଳ, ଗହମ ଯୋଗାଉଥିବା ଏଜେନ୍ସି ଜରିଆରେ ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଉଦ୍‌ବେଗର କଥା ହେଲା, ସମ୍ପୃକ୍ତ ଏଜେନ୍ସି ମଧ୍ୟାହ୍ନଭୋଜନ ଚାଉଳ ପରିବହନ ଟେଣ୍ଡର୍ ପ୍ରକ୍ରିୟାରେ ଭାଗ ନେଇ ଅଯୋଗ୍ୟ ସାବ୍ୟସ୍ତ ହୋଇଥିଲା। ପୁଣି ପ୍ରଶାସନ ତାକୁ ଦାୟିତ୍ୱ ପ୍ରଦାନ କରିବା ପଛରେ ଥିବି ଅଭିସନ୍ଧି ତଦନ୍ତସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି। ଧାର୍ଯ୍ୟ ସମୟ ମଧ୍ୟରେ ଟେଣ୍ଡର୍ ପ୍ରକ୍ରିୟା ସମ୍ପନ୍ନ ନ କରି ବାରମ୍ବାର ସମୟସୀମ ବୃଦ୍ଧି କରି ଅସ୍ଥାୟୀ ପରିବହନ ଦାୟିତ୍ୱ ଦେବା ପଛରେ ମୂଳ ଯୋଗାଣକାରୀ ସଂସ୍ଥା କାର୍ଯ୍ୟ ତୁଲାଉଥିବା ଅଭିଯୋଗ ହୋଇଛି।

ଏ ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏକକ ଅଂଶଗ୍ରହଣକାରୀ କାରଣରୁ ଟେଣ୍ଡର୍ ବାତିଲ ହୋଇଯାଇଥିଲା। ଖୁବ୍‌ଶୀଘ୍ର ସାନି ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ। ତେବେ ଟେଣ୍ଡର ସମୟରେ ଅନ୍ୟ ଜିଲ୍ଲାରେ ପ୍ରଣିତ ନିୟମାବଳୀ ପରି ମୟୂରଭଞ୍ଜ ଜିଲ୍ଲାରେ ନିୟମ କରାଯିବାକୁ ଆଶାୟୀମାନେ ସୋମବାର ମୟୂରଭଞ୍ଜ ଗସ୍ତରେ ଆସୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିବେଦନ କରିବେ ବୋଲି ସୂଚନା ମିଳିଛି।

କେନ୍ଦ୍ରକୁ ଯିବେ ଆଉ ଜଣେ ଆଇଏଏସ୍

## ଶାଳିନୀ ପଣ୍ଡିତ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ନିଯୁକ୍ତ

ଭୁବନେଶ୍ୱର, ୧୩।୯ (ସମିସ): କେନ୍ଦ୍ରକୁ ଯିବେ ଆଉ ଜଣେ ଆଇଏଏସ୍। ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତଙ୍କୁ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟିର ଅନୁମୋଦନ ପରେ ଶନିବାର ଏନେଇ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସୂଚନାନୁସାରେ, ଶ୍ରୀମତୀ ପଣ୍ଡିତଙ୍କୁ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ଭାବେ ୫ବର୍ଷ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଯୁକ୍ତି ମିଳିଛି। ଶ୍ରୀମତୀ ପଣ୍ଡିତ ଏବେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ମିଶନ ଶକ୍ତି ବିଭାଗର ସଚିବ ଭାବେ କାର୍ଯ୍ୟରତ ଅଛନ୍ତି।

ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଦୁର୍ବୃତ୍ତଙ୍କ ଆତଙ୍କରାଜ

## ଦାଦା-ପୁତୁରାଙ୍କୁ ଛୁରାମାଡ଼

ପୁରୀ,୧୩।୯ (ସମିସ): ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଚାଲିଛି 'ଅପରେଶନ ଚକ୍ର'। ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସଞ୍ଜ ନଇଁଲେ ପ୍ରମୁଖ ସ୍ଥାନରେ ଚାଲିଛି ନାକାବନ୍ଦୀ। ଗାଡିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ବୁଲାଉଛି ପୁଲିସ। ସପ୍ତାହକ ମଧ୍ୟରେ ବିଭିନ୍ନ ମାମଲାରେ ଅନେକ ଅଭିଯୁକ୍ତ ମଧ ବନ୍ଧା ହେଲେଣି। ଏହାସତ୍ତ୍ୱେ କିଛି ଅପରାଧୀ ଏବେ ବି ପୋଲିସର କାର୍ଯ୍ୟାନୁଷ୍ଠାନକୁ ଭୟ କରୁନାହାନ୍ତି। 'ଅପରେଶନ ଚକ୍ର'କୁ ଖୋଲା ଚ୍ୟାଲେଞ୍ଜ ଦେବା ଭଳି ଘଟଣା ଘଟିଛି ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ। ଜଣେ ଦୁର୍ବୃତ୍ତ ଆତଙ୍କରାଜ ସୃଷ୍ଟି କରିବା ସହ ଦାଦା ପୁତୁରାଙ୍କୁ ଛୁରାମାଡ କରିଛି। ଆକ୍ରମଣର ଶିକାର ହୋଇଥିବା ଦାଦା ଓ ପୁତୁରା ହେଉଛନ୍ତି ମାର୍କଣ୍ଡେଶ୍ୱର ସାହିର ଗୌରାଙ୍ଗ ସାହୁ ଓ ସନ୍ତୋଷ କୁମାର ସାହୁ। ଉଭୟଙ୍କ ଦେହରେ ଆଘାତ ଲାଗିଥିବା ବେଳେ ଆକ୍ରମଣକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଖବର ପାଇ ଘଟଣା ସ୍ଥଳରେ ସିଂହଦ୍ୱାର ଥାନା ପୋଲିସ ପହଞ୍ଚି ତଦନ୍ତ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ବିଶେଷକରି ବ୍ୟବସାୟକୁ ନେଇ ଏହି ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ତେବେ ଆହତ ଦାଦା ପୁତୁରାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ଲାଗି ଚଢାଉ ଜାରି ରଖିଛି।

## ଟ୍ରେନ୍ ଆଗକୁ ଡେଇଁପଡ଼ିଲେ ଯୁବକ

ବାଲେଶ୍ୱର, ୧୩।୯ (ସମିସ): ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଜଣଙ୍କ ହେଲେ, ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ହରିପୁର ଗ୍ରାମର ରମାକାନ୍ତ ମଲ୍ଲିକଙ୍କ ପୁଅ ଧର୍ମରାଜ ମଲ୍ଲିକ (୨୫)। ବାଲେଶ୍ୱର ରେଳଷ୍ଟେସନ ନିକଟ ଆନନ୍ଦବଜାର ରେଲୱେ ଟ୍ରାକ୍‌ରେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଦିବ୍ରୁଗଡ଼ ବିବେକ ସୁପରଫାଷ୍ଟ ଟ୍ରେନ୍ ଷ୍ଟେସନକୁ ପ୍ରବେଶ କରୁଥିବା ସମୟରେ ଧର୍ମରାଜ ହଠାତ ଟ୍ରେନ ସମ୍ମୁଖ ଦୌଡ଼ି ଯାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନି। ରେଲୱେ ପୁଲିସ ଘଟଣା ସ୍ଥଳରେ ପହଁଚି ମୃତ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## କ୍ୟାମ୍ପରୁ ଦେଶୀ ବନ୍ଧୁକ ସହ ଗୁଳି ଜବତ, ୨ ଗିରଫ

ଅନୁଗୋଳ,୧୩।୯ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବନଖଣ୍ଡ ଧଣ୍ଡାତୋପା ବନାଞ୍ଚଳ ଧଣ୍ଡାତୋପା ଓଭରବ୍ରିଜ୍ ନିକଟ ଏକ କ୍ୟାମ୍ପରୁ ଶୁକ୍ରବାର ଦେଶୀ ବନ୍ଧୁକ ସହ କିଛି ଅଫୁଟା ଗୁଳି ଜବତ ହୋଇଛି। ଧଣ୍ଡାତୋପା ବନ ବିଭାଗ ଓ ଠାକୁରଗଡ଼ ଥାନା ପୁଲିସ ମିଳିତ ଚଢ଼ଉ କରି ବନ୍ଧୁକ ଓ ଗୁଳି ଜବତ କରିଛନ୍ତି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, କିଶୋରନଗର ଥାନା ବ୍ରାହ୍ମଣୀପାଲି ଗ୍ରାମର ସୁଶାନ୍ତ ପ୍ରଧାନ ଓ କଦଳୀମୁଣ୍ଡା ଗ୍ରାମର ଧୋବେଇ ପ୍ରଧାନ। ଏନେଇ ଧଣ୍ଡାତୋପା ରେଞ୍ଜର ବଭ୍ରୁବାହାନ ସାହୁଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଶନିବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପୁଲିସ ସୂଚନାନୁଯାୟୀ, ସୁଶାନ୍ତ ଓ ଧୋବେଇ ଧଣ୍ଡାତୋପା ନିକଟରେ ଏକ କ୍ୟାମ୍ପ କରି କିଛି ଦିନ ହେବ ରହି ଆସୁଥିଲେ। ଦେଶୀ ବନ୍ଧୁକ ସାହାଯ୍ୟରେ ସେମାନେ ନିକଟସ୍ଥ ଜଙ୍ଗଲରୁ ଜନ୍ତୁ ଶିକାର କରୁଥିଲେ। ଏନେଇ ସୂଚନା ମିଳିବା ଚଢ଼ଉ କରାଯାଇଥିଲା। ସେଠାରୁ ବନ୍ଧୁକ ଓ ଗୁଳି ସହ ବାରୁଦ, ଛୁରୀ, ୨ଟି ମୋବାଇଲ, ଟାଙ୍ଗିଆ, ତାର ଆଦି ଜବତ କରାଯାଇଛି।




## ବାର୍‌ହା ଆକ୍ରମଣରେ ମହିଳା ଚାଷୀ ମୃତ

ପୋଲସରା,୧୩।୯ (ସମିସ): ପୋଲସରା ବ୍ଲକ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଡୁଙ୍ଗୁରି ଗ୍ରାମରେ ବାର୍‌ହା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ସେହି ଗ୍ରାମର ପଦ୍ମାବତୀ ପୋଲାଇ। ଶୁକ୍ରବାର ସନ୍ଧ୍ୟାରେ ପଦ୍ମାବତୀ ନିଜ ଚାଷ ଜମିକୁ ଯାଇଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଉ ଘରକୁ ଫେରି ନଥିଲେ। ପରିବାରଲୋକେ ଖୋଜିବାକୁ ଯାଇ ଚାଷ ଜମିରେ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ପଦ୍ମାବତୀଙ୍କୁ ମୃତ ଘୋଷଣା କରିଥିଲେ। ପଦ୍ମାବତୀ ଚାଷ କାମ ସାରି ଫେରିବା ବେଳେ ବାର୍‌ହା ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ପ୍ରତିବର୍ଷ ନିକଟସ୍ଥ ପାହାଡ଼ିଆ ଅଞ୍ଚଳରେ ବାର୍‌ହା ଉପଦ୍ରବ ଯୋଗୁ ବ୍ୟାପକ ଫସଲ ହାନୀ ହେଉଥିବା ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି। ଅନ୍ୟପଟେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିବ ବୋଲି ପୋଲସରା ରେଞ୍ଜର ଅନିଲ କୁମାର ପଣ୍ଡା କହିଛନ୍ତି।

## ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ

ମାଲକନାଗରି, ୧୩।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ନେସନାଲ ପାର୍କ ଜଙ୍ଗଲରେ ପୁଲିସ-ମାଓବାଦୀ ଗୁଳି ବିନିମୟରେ ଦୁଇ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟାରେ ଏହି ଗୁଳି ବିନିମୟ ହୋଇଥିଲା। ମାଓ ଦମନ ପାଇଁ ଡିଆରଜି, ଏସଟିଏଫ ଓ ସିଆରପିଏଫର ଯବାନମାନେ ତଲାସି ଅଭିଯାନ କରୁଥିବା ବେଳେ ଏହି ଗୁଳି ବିନିମୟ ଘଟିଥିଲା। ମାଓବାଦୀମାନେ ଯବାନଙ୍କ ସାମ୍ନା କରିନପାରି ଛତ୍ରଭଙ୍ଗ ଦେଇଥିଲେ। ରାତି ତମାମ ସେଠାରେ ଯବାନମାନେ ତଲାସି ଅଭିଯାନ ଜାରି ରଖିଥିବା ବେଳେ ଘଟଣା ସ୍ଥଳରୁ ୨ ମାଓବାଦୀଙ୍କ ମର ଶରୀର ସହ ୨ଟି ବନ୍ଧୁକ ଓ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲେ ଯବାନ। ମୃତ ଦୁଇ ମାଓବାଦୀଙ୍କ ନାଁରେ ୮ ଲକ୍ଷ ଟଙ୍କା ଲେଖାଏଁ ମୋଟ ୧୬ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। ପୁଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି କହିଛନ୍ତି ବିଜାପୁର ଏସପି ଜିତେନ୍ଦ୍ର ଯାଦବ।

## ମହିଳା ମାଓନେତ୍ରୀ ସୁଜାତାଙ୍କ ଆତ୍ମସମର୍ପଣ

ମାଲକନାଗରି,୧୩।୯ (ସମିସ): ମାଓ ସଂଗଠନକୁ ପୁଣି ବଡ଼ ଝଟ୍‌କା ଲାଗିଛି। କୁଖ୍ୟାତ ମାଓନେତ୍ରୀ ସୁଜାତା ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। ତାଙ୍କ ମୁଣ୍ଡ ଉପରେ ୧ କୋଟି ଟଙ୍କାର ପୁରସ୍କାର ରାଶି ରହିଥିଲା।



ସୂଚନାନୁଯାୟୀ, ସୁଜାତା ଦୀର୍ଘ ବର୍ଷ ଧରି ମାଓ ସଙ୍ଗଠନରେ ରହି ଅନେକ ହିଂସାକାଣ୍ଡର ନେତୃତ୍ୱ ନେଇଥିଲେ। ଗତ କିଛି ବର୍ଷ ଧରି ସଂଗଠନର ବିଭିନ୍ନ ଦାୟିତ୍ୱରେ ରହି କେନ୍ଦ୍ରୀୟ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ବିଭିନ୍ନ ହିଂସାକାଣ୍ଡ ଘଟାଇବା ପାଇଁ ସଠିକ ରଣନୀତି ପ୍ରସ୍ତୁତ କରିବା ସହ ମାଷ୍ଟରମାଇଣ୍ଡ ଭାବେ କାର୍ଯ୍ୟ କରୁଥିଲେ। ତେଲେଙ୍ଗାନା, ଆନ୍ଧ୍ର, ଓଡ଼ିଶା ସହ ଛତିଶଗଡ଼ର ଅନେକ ହିଂସାକାଣ୍ଡରେ ମଧ ସେ ନେତୃତ୍ୱ ନେଇଥିଲେ। ସୁଜାତା ନକ୍ସଲ ସଂଗଠନର ଦକ୍ଷିଣ ଉପ-ଜୋନାଲ କମିଟିର ବ୍ୟୁରୋ ଇନ୍‌ଚାର୍ଜ ମଧ୍ୟ ରହିଥିଲେ। ବିଶେଷକରି, ସେ ଛତିଶଗଡ଼ ବସ୍ତର୍ ଅଞ୍ଚଳରେ ସକ୍ରିୟ ରହିବା ସହ ମାଓ ସଙ୍ଗଠନକୁ ଏହି ଅଞ୍ଚଳରେ ସକ୍ରିୟ ରଖିବାରେ ତାଙ୍କର ବଡ଼ ଭୂମିକା ଥିଲା।

**ମୁଣ୍ଡ ଉପରେ ଥିଲା କୋଟିଏ ଟଙ୍କାର ପୁରସ୍କାର**

ସୁଜାତାଙ୍କ ସ୍ୱାମୀ ତଥା ନକ୍ସଲ କମାଣ୍ଡର କିଶାନଜୀ ମଧ ଟପ୍ ମାଓନେତା ଭାବେ ସଂଗଠନ ପାଇଁ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ବେଳେ ପଶ୍ଚିମବଙ୍ଗରେ ଯବାନଙ୍କ ଗୁଳିରେ ନିହତ ହୋଇଥିଲେ। ତେଲେଙ୍ଗାନା ଡିଜିପିଙ୍କ ନିକଟରେ ସେ ଆତ୍ମସମର୍ପଣ କରିଥିବା ବେଳେ ଏହା ମାଓ ସଙ୍ଗଠନ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି।

## ବାଣ ତିଆରି କାରଖାନାରେ ଚଢ଼ଉ

ବିପୁଳ ପରିମାଣର ବାଣ, ବାରୁଦ ଜବତ; ୨ ଗିରଫ



ବୈଶିଙ୍ଗା, ୧୩।୯ (ସମିସ): ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଅଞ୍ଚଳରେ ଚାଲିଥିବା ଏକ ବେଆଇନ ବାଣ ତିଆରି କାରଖାନାରେ ଆଜି ପୁଲିସ ଚଢ଼ଉ କରି ବିପୁଳ ବାଣ ଓ ବାରୁଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଛୁରୀପଡ଼ା ଗ୍ରାମର ଶ୍ରୀନିବାସ ସାହୁ ଓ ସନ୍ତୋଷ କୁମାର ସାହୁ। ଚଢ଼ଉ ସମୟରେ ୪୨ବସ୍ତା ଅଫୁଟା ବାଣ, ୫୦ କେଜି ବାରୁଦ ପାଉଡର୍ ଏବଂ ବାଣ ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି। ଆଗକୁ ଦୁର୍ଗାପୂଜା ଓ ଦୀପାବଳି ଥିବାରୁ ବାଛୁରିପଡ଼ା ଅଞ୍ଚଳରେ ବେଆଇନ ବାଣ ତିଆରି ଚାଲିଥିବା ଏବଂ ବିଭିନ୍ନ ଫାର୍ମ ହାଉସ୍‌ରେ ବେଆଇନ ବାଣ ଗଚ୍ଛିତ ରଖି ବାହାରକୁ ପଠାଯାଉଥିବା ନେଇ ପୁଲିସ୍ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ବେତନଟୀ ଏସଡିପିଓ ମିନତି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଏକ ସ୍ୱତନ୍ତ୍ର ଟିମ୍ ଓ ଏକ ପ୍ଲାଟୁନ୍ ପୁଲିସ ସହ ଆଜି ଅପରାହ୍ଣରେ ସେଠାରେ ଚଢ଼ଉ କରିଥିଲେ।

**ମହଙ୍ଗା ପଡ଼ିଲା ବଟି ଆଦାୟ**

## ନିଲମ୍ବିତ ହେଲେ ଆଇଆଇସି ମଧୁସ୍ମିତା

ଯାଜପୁର/ବଡ଼ଚଣା,୧୩।୯ (ସମିସ): ବଡ଼ଚଣା ଥାନାର ପୂର୍ବତନ ଅଧିକାରୀ ମଧୁସ୍ମିତା ବେହେରାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗର ପ୍ରମାଣ ମିଳିବା ପରେ ଆଜି ପୁଲିସ ମହାନିର୍ଦ୍ଦେଶକ ତାଙ୍କୁ ନିଲମ୍ବିତ କରିଛନ୍ତି। ଏହା ପୂର୍ବରୁ ତାଙ୍କୁ ଗତ ୭ ତାରିଖରେ ବଡ଼ଚଣା ଥାନାରୁ ଯାଜପୁର ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ମଧୁସ୍ମିତାଙ୍କୁ ବଦଳିକୁ ନେଇ ନାନା ଗୁଜବ କରାଯାଉଥିଲେ ମଧ ତାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗ ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ଆଜି ସ୍ପଷ୍ଟ ହୋଇଛି।

ସୂଚନା ମୁତାବକ, ମଧୁସ୍ମିତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ହୋଇଥିଲା। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରର ଜଣେ ଔଷଧ ବ୍ୟବସାୟୀ ପ୍ରଫୁଲ୍ଲ ସାହୁଙ୍କୁ ବେଆଇନ ଭାବେ ଉଠାଇ ଆଣି ସେ ବଡ଼ଚଣା ଥାନାରେ ୩ଦିନ ଅଟକ ରଖିଥିଲେ। ତାଙ୍କୁ ମୁକୁଳାଇବା ପାଇଁ ମାହାଙ୍ଗା/ନିଶ୍ଚିନ୍ତକୋଇଲି ଅଞ୍ଚଳର ଦୁଇଜଣ ସାମ୍ବାଦିକଙ୍କ ଜରିଆରେ ଅଢ଼େଇ ଲକ୍ଷ ଟଙ୍କା ବଟି ଆଦାୟ କରିଥିଲେ। ସେଥିମଧ୍ୟରୁ ୯୦ ହଜାର ଟଙ୍କା ଫୋନ୍-ପେ'ରେ ଆଦାୟ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପ୍ରଫୁଲ୍ଲଙ୍କ ପରିବାର ବିଭିନ୍ନ ଫୋରମ୍‌ରେ ଅଭିଯୋଗ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ପୁଲିସ ମହାନିର୍ଦ୍ଦେଶକ, ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମଧ ଅଭିଯୋଗ କରିଥିଲେ।

ଏହି ଘଟଣା ଗତ ଜୁନ ମାସରେ ହୋଇଥିଲେ ମଧ ଏହାକୁ ପୁଲିସ ବେଶ୍ ହାଲୁକା ଭାବେ ଗ୍ରହଣ କରିଥିଲା। କିନ୍ତୁ ଏ ସଂକ୍ରାନ୍ତରେ ଗତ ଅଗଷ୍ଟ ୨୩ ତାରିଖରେ ପ୍ରଥମେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା ଏବଂ ଏହା ପରେ ୨୯ ତାରିଖରେ ମଧ "ବଟି ନେଇଥିବା ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ?' ବୋଲି ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ବିଭାଗୀୟ ତଦନ୍ତରେ ତତ୍ପରତା ପ୍ରକାଶ ପାଇଥିଲା। ମଧୁସ୍ମିତାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗ ସଂପୂର୍ଣ୍ଣ ସତ୍ୟ ଜଣାପଡ଼ିବା ପରେ ପ୍ରଥମେ ତାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। କିନ୍ତୁ ଉକ୍ତ ବଦଳି ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ବଡ଼ଚଣା ଥାନା ଓ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ଓ ନାରାବାଜି କରାଯାଇ ପୁଲିସ ଉପରେ ଚାପ ପ୍ରୟୋଗ କରାଯାଇଥିଲା।



ସୂଚନାନୁସାରେ, ବଟି ଆଦାୟ ଘଟଣା ପରେ ବିବାଦୀୟ ହୋଇଯାଇଥିବା ମଧୁସ୍ମିତା ଅଚାନକ ବଡ଼ଚଣା ଅଞ୍ଚଳରେ ଏକ ଗୋରୁଗାଡ଼ିକୁ ଜବତ କରି ନିଜ ପାଇଁ ସମର୍ଥକ ଯୋଗାଡ଼ କରିଥିଲେ। ନିଜର କିଛି ସମର୍ଥକଙ୍କ ଜରିଆରେ ନିଜକୁ 'ଗୋ-ପୁତ୍ରୀ' ବୋଲି ପ୍ରଚାର କରିଥିଲେ। ତେଣୁ ମଧୁସ୍ମିତାଙ୍କୁ ଜଣେ ଗୋ-ରକ୍ଷକ ଭାବେ ଚିତ୍ରଣ କରିବା ସହ ତାଙ୍କ ବଦଳି ପଛରେ ଗୋ-ମାଫିଆଙ୍କ ହାତଥିବା ବାହାନା କରି ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସହିତ କିଛି ସାମ୍ବାଦିକ ଓ ସ୍ଥାନୀୟ ଲୋକ ଥାନା ଓ ଏସ୍‌ପିଙ୍କ କାର୍ଯ୍ୟାଳୟରେ ମଧ ହୋହାଲ୍ଲା କରିଥିଲେ। କିନ୍ତୁ ମଧୁସ୍ମିତାଙ୍କ ବିରୋଧରେ କୌଣସି ଲିଖିତ ଅଭିଯୋଗ ନ ଥାଇ ନିଜ ଥାନା ଅଞ୍ଚଳ ଛାଡ଼ି ଜିଲ୍ଲା ବାହାରକୁ ଯାଇ ଅନ୍ୟ ଥାନା ଅଞ୍ଚଳରୁ ସେ ଅଞ୍ଚଳର ଥାନାକୁ କୌଣସି ସୂଚନା ନ ଦେଇ ଜଣଙ୍କୁ ଉଠାଇ ଆଣି ୩ ଦିନ ଗୁପ୍ତରେ ଅଟକ ରଖିବା ଭଳି ସଂଗୀନ ଅଭିଯୋଗ ହୋଇଥିଲା।

■ ବଡ଼ଚଣା ଥାନାରୁ ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଥିଲେ

■ ଗୋପୁତ୍ରୀ ଆଢୁଆଳରେ କରୁଥିଲେ ବଟି ଆଦାୟ

ଏଭଳି ଗୁରୁତର ଅଭିଯୋଗରୁ ନଜର ହଟାଇବା ପାଇଁ ଗୋ-ରକ୍ଷକ ଭାବେ ନିଜକୁ ଉପସ୍ଥାପନ କରି ଘଟଣାର ଦିଗ ବଦଳାଇବାକୁ ଚେଷ୍ଟା କରୁଥିଲେ କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀ। ସେପଟେ ଜଣେ ଥାନା ଅଧିକାରୀଙ୍କ ବିରୋଧରେ ଏଭଳି ସଂଗୀନ ଅଭିଯୋଗ ଆସିବା ନେଇ ଏଥିରେ ଗୃହ ବିଭାଗ ହସ୍ତକ୍ଷେପ କରି ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏସ୍‌ପି ପ୍ରଥମେ ଗତ ୭ ତାରିଖରେ ମଧୁସ୍ମିତାଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରିବା ପରେ ତାଙ୍କ ନିଲମ୍ବନ ପାଇଁ ସୁପାରିସ କରିବା ପରେ ଆଜି ପୁଲିସ ମହାନିର୍ଦ୍ଦେଶକ (ଚିଠି ନଂ ୩୨୧୫) ତାଙ୍କୁ ନିଲମ୍ବିତ କରିଛନ୍ତି। ମଧୁସ୍ମିତା ନିଜ କାର୍ଯ୍ୟରେ ଅବହେଳା ଏବଂ ଦୁର୍ବ୍ୟବହାର କରିଥିବା ତାଙ୍କ ନିଲମ୍ବନ ଆଦେଶରେ ଉଲ୍ଲେଖ କରାଯାଇଛି।

## ହଷ୍ଟେଲ ଛାତରୁ ଆଇଟିଆଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବସ୍ତାବ୍ଲକ୍, ୧୩।୯ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ସୁନ୍ଦରହୋତା ଗ୍ରାମ ନିକଟ ୬୦ ନମ୍ବର ଜାତୀୟ ରାଜପଥର ତାରିଣୀ ଛକ ନିକଟରେ ଅବସ୍ଥିତ ପପୁଲାର୍ ନାମକ ଏକ ଘରୋଇ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ)ରେ ପଢୁଥିବା ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଅଞ୍ଚଳର ଶୁକୁରମଣି ମାଝି(୧୬)। ହଷ୍ଟେଲ ଛାତ ଉପରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତେବେ ଏହାକୁ ଶୁକୁରମଣିଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି। ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଉଥିବା ଛାତ୍ରୀଙ୍କ ବାପା-ମା' ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକେ**

ଶୁକୁରୁମଣି ଉକ୍ତ ତାଲିମ କେନ୍ଦ୍ରରେ ଇଲେକ୍ଟ୍ରିସିଆନ୍ ବିଭାଗର ପ୍ରଥମବର୍ଷ ଛାତ୍ରୀ। ଶୁକ୍ରବାର ରାତିରେ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କ ଶବ ଛାତ ଉପରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବିଧିବଦ୍ଧ ଭାବେ ମୃତ ଘୋଷଣା କରିଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ କର୍ତ୍ତୃପକ୍ଷଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବି କରିଛନ୍ତି ଛାତ୍ରୀଙ୍କ ପରିବାରଲୋକେ।

● ଗଞ୍ଜେଇ ଚାଲାଣ ବେଳେ ମାଡ଼ି ବସିଲା ପୋଲିସ

# ୪ କେଜି ୫୦ ଗ୍ରାମ ଗଞ୍ଜେଇ ଜବତ



ଟିଟିଲାଗଡ଼,୧୩।୯ (ସମିସ): ଟିଟିଲାଗଡ଼ ପୋଲିସ ଅପରେସନ 'ପ୍ରହାର'କୁ ଗୁରୁତ୍ୱ ଦେଇଛି। ଶନିବାର ସକାଳୁ ଟିଟିଲାଗଡ ଥାନାଅଧିକାରୀ ଶ୍ରୀମତି କଲ୍ୟାଣୀ ବେହେରା ଖବର ପାଇ ଟିଟିଲାଗଡ଼ ସିରଭଟାପଡ଼ା ରେଳ ଷ୍ଟେସନ ନିକଟ ରେଳବାଇ କଲୋନୀ ନିକଟରେ ଜଣେ ଯୁବକକୁ ଧରିଛନ୍ତି। ଏହି ଯୁବକ ଜଣକ ହେଉଛି ଛତିଶଗଡ ରାଜ୍ୟର ମୁକେଶ ପାଟୁଆ। ସେ ରେଳବାଇ କଲୋନୀ ଆଡେ ବୁଲୁଥିବା ବେଳେ ତାକୁ ଅଟକାଇ ପଚରା ଉଚୁରା କରିବା ସହ ଧରିଥିବା ବ୍ୟାଗ ଯାଞ୍ଚ କରିଥିଲେ। ତେବେ ସେହି ବ୍ୟାଗରୁ ୪ କେଜି ୫୦ ଗ୍ରାମ ଗଞ୍ଜେଇ ବାହାରିଥିଲା। ଟିଟିଲାଗଡ଼ ତହସିଲଦାର ଶୁଭାଶିଷ ଶତପଥୀଙ୍କ ଉପସ୍ଥିତିରେ ଏହା ଓଜନ କରାଯାଇଥିଲା।

ବ୍ଲକ୍ ବିଜେଡି ପକ୍ଷରୁ ନୂଆଁଖାଇ ଭେଟଘାଟ

# ତୃଣମୂଳସ୍ତରରେ ସଂଗଠନ ସୁଦୃଢ଼ ପାଇଁ ଆହ୍ୱାନ

ମୁରିବାହାଲ,୧୩।୯ (ସମିସ)

କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ମୁରିବାହାଲ ବ୍ଲକ୍ ମାଲିଶିରା ପଞ୍ଚାୟତ ଅଧୀନ ଖରାଲି ଗାଁ ନିକଟସ୍ଥ ରହେନଚୁଆ ମୁଣ୍ଡା ପର୍ଯ୍ୟଟନ ସ୍ଥଳଠାରେ ମୁରିବାହାଲ ବିଜେଡି ତରଫରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମସ୍ତେ କୁରେପତ୍ରରେ ନୂଆଁ ଚୁଡା ଖାଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା ନୂଆପଡା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢ଼ୋଲକିଆଙ୍କ ଅମର ଆତ୍ମାର ଶାନ୍ତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସମସ୍ତ ଅତିଥି ନିଜ ନିଜ ବକ୍ତବ୍ୟ ରଖିଥିଲେ। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ତୃଣମୂଳ ସ୍ତରରୁ ବିଜେଡିକୁ ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନଙ୍କ ଆହ୍ୱାନ କ୍ରମେ ତଥା ବିଜେଡି ଯୁବ ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଜେଡି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ରାଜୁ ଘିଭେଲା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ପୂର୍ବତନ ବଲାଙ୍ଗୀର ଜିଲ୍ଲା ଉନ୍ନୟନ ଉପାଧ୍ୟକ୍ଷା ନିରୁପମା ମାଝି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, ପୂର୍ବତନ ବିଜେଡି ବ୍ଲକ ସଭାପତି ଆଶାତୁଲ୍ଲା ଖାନ, ବିଜେଡି ନେତ୍ରୀ ପିଙ୍କି ଖରସେଲ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ସୁନ୍ଦରମତି ବାଗ, କିଶୋର ମଝଖଣ୍ଡ, ଦେବାର ବାରିକ, ଚକ୍ରଧର ହେର୍ଣ୍ଣା, ଶିରୋଲ ସରପଞ୍ଚ ପ୍ରତିନିଧି ଲମ୍ବୋଧର ବଗର୍ତ୍ତୀ, ମହେଶ ପୁଟେଲ, ଧନଞ୍ଜୟ ମହାନନ୍ଦ, ବିଷ୍ଣୁ ଜୁଏଡ଼, ଚିତ୍ତରଞ୍ଜନ ବାଗ, ଦୁଲମଣି ବାଗ, କ୍ଷିତିପତି ମହାକୁର, କଷ୍ୟପ ସରାଫ, ଅଗସ୍ତି ବାଗ, ଶ୍ରୀପତି ବଗର୍ତ୍ତୀ, ସବ୍ୟସାଚୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କଣ୍ଟାବାଞ୍ଜିରେ ବିଜେଡି ଯୁବ ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ଏକ ସମୃଦ୍ଧ ବିଜେଡି ସଂଗଠନ ହୋଇପାରିବ ବୋଲି ସମସ୍ତେ ଆଶା ବ୍ୟକ୍ତ କରିଥିଲେ। ବରିଷ୍ଠ ନେତା ଦିଲୀପ ପୃଷ୍ଟି ମଞ୍ଚ ପରିଚାଳନା କରିଥିବାବେଳେ ପୁଲସ୍ତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



● ରାଜେନ୍ଦ୍ର ଢ଼ୋଲକିଆଙ୍କ ପରଲୋକରେ ପ୍ରାର୍ଥନା
● ସମସ୍ତେ କୁରେପତ୍ରରେ ନୂଆଁ ଚୁଡା ଖାଇଲେ

# ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ସ୍କୁଲ ଗେମ୍‌ରେ ୬ ପଦକ

ବଲାଙ୍ଗିର,୧୩।୯ (ସମିସ): କେନ୍ଦୁଝର ଜିଲ୍ଲା ବଡବିଲସ୍ଥିତ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ସ୍କୁଲ ଗେମ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗିର ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘ ସଂପାଦକ ଅସୀମ ଭୋଇଙ୍କ ନେତୃତ୍ୱରେ ଏକ ୧୭ ଜଣିଆ ଟିମ୍ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ୩୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବଲାଙ୍ଗିର କଦମପଡା ସରସ୍ୱତୀ ଶିଶୁ ମନ୍ଦିରର ଜୟମ ସାହୁ ୫୯ରୁ ୬୩ କେଜି ଓଜନ ଖିରୁଗି ବିଭାଗରେ ରୋ÷ପ୍ୟ ପଦକ, ଯୁଜିଏଚ୍ଏସ୍ ଚିକଲବାହାଲର ଜ୍ୟୋତିର୍ମୟ ଜେନା ୫୫ରୁ ୫୯ କେଜିରେ ବ୍ରୋଞ୍ଜ ପଦକ, ୩୫ କେଜି ଓଜନରୁ କମ୍ ପ୍ରିତମ ବିଶ୍ୱାଲ ବୋଞ୍ଜ, ବାଳିକା ବିଭାଗରେ ଶ୍ରାବଣୀ ଜାଲ ୪୪ରୁ ୪୬ କେଜି ଓଜନରେ ବ୍ରୋଞ୍ଜ ପଦକ, ସେହିଭଳି ୧୪ ବର୍ଷରୁ କମ୍ ବାଳକ ଗୋପବନ୍ଧୁ ନନ୍ଦ ୨୩ରୁ ୨୫ କେଜି ଖିରୋଗୀରେ ରୋ÷ପ୍ୟ ପଦକ, ଯୁବରାଜ ତୁମୁନିୟା ୨୭ରୁ ୨୯ ଓଜନରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିରେ ଅସୀମ ଭୋଇ ରାଜ୍ୟ ଟେକ୍‌ନିକାଲ ଅଫିସିଆଲ ତଥା ଜଜ୍ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଚିକଲ ବାହାଲ ଯୁଜିଏଚ୍ଏସ୍ ପିଇଟି ରାଜ କିଶୋର ପାଣିଗ୍ରାହୀ ଓ ଏନ୍‌ବି ଉଚ୍ଚ ବିଦ୍ୟାଳୟ ଜରାସିଂହା ପିଇଟି ପୁଷ୍ପାଞ୍ଜଳି କିଶାନ ମ୍ୟାନେଜର ଭାବେ ଯୋଗଦାନ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି (ସହକାରୀ ନିର୍ଦ୍ଦେଶକ, ଶାରୀରିକ ଶିକ୍ଷା) ଜ୍ୟୋତି ପ୍ରସାଦ ପରିଡା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ମେଡାଲ ସହ ସମ୍ମାନିତ କରିଥିଲେ।



# ସାରସପଡ଼ାରେ ଦୁର୍ଗାପୂଜା ପ୍ରସ୍ତୁତି

ବଙ୍ଗୋମୁଣ୍ଡା,୧୩।୯ (ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ସାରସପଡ଼ା ଗାଁରେ ଚଳିତ ବର୍ଷ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ବର୍ଷର ଆୟବ୍ୟୟ ଏବଂ ବୈଠକରେ ପୂଜା ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା ଯଥା ମଣ୍ଡପ ସଜା, ବିଜୁଳି ବ୍ୟବସ୍ଥା, ସୁରକ୍ଷା, ପାଣି ଓ ପରିଚ୍ଛନ୍ନତା ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଛି। ବିନାୟକ ବାଗ ନୂତନ ସଭାପତି ଭାବେ ଚୟନ ହେଇଛନ୍ତି। ପୂଜା ପାଳନ ସମୟରେ ଶୃଙ୍ଖଳା ରକ୍ଷା, ଲୋକମାନଙ୍କ ସୁବିଧା, ସଂସ୍କୃତିକ କାର୍ଯକ୍ରମ ଆୟୋଜନ ଓ ସାମାଜିକ ସହଭାଗୀତାକୁ ନେଇ ସମସ୍ତଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଭୈରବ ଛୁରା, ଟିକଚନ ତାଣ୍ଡି, ରାଇମଲ୍ ତାଣ୍ଡି, ଜ୍ୟେଷ୍ଠ ତାଣ୍ଡି, ଲାଲୁ ତାଣ୍ଡି, ସାଗର ତାଣ୍ଡି, ରୋହିତ ତାଣ୍ଡି, ମହାନନ୍ଦ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ମେଡିକାଲ କଲେଜ ସମସ୍ୟା ନେଇ ଅଧିକ୍ଷାଙ୍କୁ ଆପ୍‌ର ଫେରାଦ

ବଲାଙ୍ଗିର,୧୩।୯ (ସମିସ): ବଲାଙ୍ଗିରରେ ଆମ ଆଦମି ପାର୍ଟି ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ସମସ୍ୟାକୁ ନେଇ ଅସନ୍ତୋଷ ପ୍ରକାଶ କରିଛି। ଏ ସମ୍ପର୍କରେ ଜିଲ୍ଲା ସଭାପତି ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ ଏକ ଟିମ୍ ଅଧିକ୍ଷାଙ୍କୁ ଭେଟି ଏକ ଦାବିପତ୍ର ଦେଇଛି। ତେବେ ଶ୍ରୀ ପାଣ୍ଡେ କହିଛନ୍ତି ଯେ, ବଲାଙ୍ଗିର ଜିଲ୍ଲାର ଦୁଇ ଜଣ ବିଧାୟକ ମନ୍ତ୍ରୀ ହୋଇଛନ୍ତି। ଜଣେ ଉପମୁଖ୍ୟମନ୍ତ୍ରୀ ଏବଂ ଆଉ ଜଣେ ସ୍ୱାସ୍ଥ୍ୟମନ୍ତ୍ରୀ। ଏହା ସତ୍ତ୍ୱେ ବଲାଙ୍ଗିରରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଛି। ଡାକ୍ତରଖାନାଗୁଡ଼ିକ ଭଗବାନଙ୍କ ଭରସାରେ ଚାଲିଛି। ଏହାଠୁ ଆଉ ଲଜ୍ୟା କ'ଣ ଅଛି ପୋଲି ସେ ପ୍ରଶ୍ନ କରିଛନ୍ତି। ଏଠାକୁ ଦୂର ଦୂରାନ୍ତରୁ ରୋଗୀ ଆସି ହଇରାଣ ହେଉଛନ୍ତି। ହସ୍ପିଟାଲର ବିଭିନ୍ନ ସମସ୍ୟାର ସମାଧାନ ତୁରନ୍ତ କରାଯାଉ। ଡାକ୍ତର ଅଭାବରୁ ଅନେକ ରୋଗୀ ବାହାରକୁ ରେଫର କରାଯାଉଛି। ତେଣୁ ପ୍ରତ୍ୟେକ ବିଭାଗର ବିଶେଷଜ୍ଞ, ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ ରଖାଯାଉ। ମେଡିକାଲ କଲେଜ ହସ୍ପିଟାଲରେ ସ୍ଥାୟୀ ବ୍ଲଡ ବ୍ୟାଙ୍କ କରାଯାଉ। ଏମ୍‌ଆରଆଇ ଏବଂ ସିଟିସ୍କାନ ବ୍ୟବସ୍ଥା କରାଯାଉ। ବାଇକ୍ ଷ୍ଟାଣ୍ଡ ଛାଉଣୀ କରାଯାଉ। ହସ୍ପିଟାଲ ପରିସର ସଫା ରଖାଯାଉ। ମୁଖ୍ୟରାସ୍ତାରୁ ହସ୍ପିଟାଲ ପରିସର ଫାଟକ ପର୍ଯ୍ୟନ୍ତ ଆସୁଥିବା ରାସ୍ତାରେ ଲାଇଟ ବ୍ୟବସ୍ଥା କରାଯାଉ। ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରାଯାଉ। ନଚେତ ଆନ୍ଦୋଳନ ତୀବ୍ର ହେବ ବୋଲି ଆପ ନେତା ପାଣ୍ଡେ କହିଛନ୍ତି। ଜୟପ୍ରକାଶ ମିଶ୍ର, ଅଶୋକ ସୁନା, ରମାକାନ୍ତ ବେହେରା, ସଦାଶିବ ମେହେର, ଅନ୍ତର୍ଯ୍ୟାମୀ ସାହୁ, କାହ୍ନୁକରଣ, ବାଳକୃଷ୍ଣ ନୈକ, କୁନା ତରିଆ, ଶ୍ରୀବଚ ସାହୁ ପ୍ରମୁଖ ଅଧିକ୍ଷାଙ୍କୁ ଭେଟିଥିଲେ।



# ସାଇଟ୍ କଲେଜରେ ଯୋଗ ଶିକ୍ଷା ତାଲିମ

ବଲାଙ୍ଗିର,୧୨।୯ (ସମିସ): ବଲାଙ୍ଗିର ନିକଟସ୍ଥ ସଦାଇପାଲି ପଲ୍ଲିଶ୍ରୀ ବିହାର ପରିସରରେ ସାଇଟ୍ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଯୋଗ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ବିନିକାର ଜଣାଶୁଣା ଯୋଗ ଶିକ୍ଷକ ସୁରେଶ ବେହେରା ଯୋଗଦେଇ ଶିବିରାର୍ଥୀଙ୍କୁ ଯୋଗର ଉପାଦେୟତା ବିଷୟରେ ବୁଝାଇ ବିଜ୍ଞାନ ଯୁଗରେ ମଧ୍ୟ ଏହାର ଚାହିଦା ଥିବା ପ୍ରକାଶ କରିଥିଲେ। ଶତାଧିକ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଯୋଗାସନ କରାଇଥିଲେ। ଏଥିରେ କସ୍ତୁରୀ ବେହେରା ଓ ପ୍ରକାଶ ମେହେର ସହଯୋଗ କରିଥିଲେ। କଲେଜର ଅଧ୍ୟକ୍ଷା ଇଂ. ନମିତା ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୋଗ ଶିବିରରେ ଅନ୍ୟମାନଙ୍କ ମଧ୍ୟରୁ ଶାନ୍ତନୁ ମିଶ୍ର, ଅଶୋକ ପଧାନ, କମରୁନ ନିଶା, ଅମିୟ ଯୋଷୀ, ଅନୁପମା ବାଗ, ଲକ୍ଷ୍ମୀ ମେହେର, ମହମ୍ମଦ କାଜିମ, ଜତିନ ରଣା ପ୍ରମୁଖ ସହଯୋଗ କରିଥିଲେ।

# ଉଷୁ ପ୍ରତିଯୋଗିତାରେ ବଲାଙ୍ଗିରର ସଫଳତା





ବଲାଙ୍ଗିର,୧୩।୯ (ସମିସ): ୬୯ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ବଡବିଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗିର ଉଷୁ ଦଳ ଚମତ୍କାର ପ୍ରଦର୍ଶନ କରିଛନ୍ତି। ହିମାନି ହୋତା ବ୍ରୋଞ୍ଜ ପଦକ, ପ୍ରତିମା ପଟେଲ ବ୍ରୋଞ୍ଜ ପଦକ, ଦିୟା ସାଗର ସ୍ୱର୍ଣ୍ଣ ପଦକ, ମୋହିତ ରୋହିଦାସ ସ୍ୱର୍ଣ୍ଣ , ଅଜୟ ଭୋଇ ବ୍ରୋଞ୍ଜ, ସୁନିଲ ସାହୁ ବ୍ରୋଞ୍ଜ, ଯସରାଜ ପ୍ରଧାନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଦଳ ସହିତ ପିଇଟି ସୌରଭ ପଧାନ, ସତ୍ୟପ୍ରିୟ ନାଗ ଓ ସହଯୋଗୀ କୋଚ ଭାବରେ ଆଲୋକ ନାଏକ ଯାଇଥିଲେ ବୋଲି ଉଷୁ କୋଚ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି। ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷା କ୍ରୀଡାଧିକାରୀ ପ୍ରଦୀପ ପାତ୍ର ଶୁଭେଚ୍ଛା ଜଣାଇଛନ୍ତି।

# ପୁଅ ଜିଉନ୍ତିଆ ଓଷା ପାଇଁ ଚଳଚଞ୍ଚଳ ବେଲପଡ଼ା ଅଞ୍ଚଳ



ବେଲପଡା,୧୩।୯ (ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ଅଞ୍ଚଳ ପୁଅ ଜିଉଁନ୍ତିଆ ଓଷା ପାଇଁ ଚଳ ଚଞ୍ଚଳ ହୋଇପଡିଛି। ମା'ମାନେ ନିଜର ପୁଅମାନଙ୍କ ମଙ୍ଗଳ ମାନସୀ ଏହି ବ୍ରତ ପାଳନ କରିଥାନ୍ତି। ପଶ୍ଚିମ ଓଡ଼ିଶାର ଏହା ଗୋଟିଏ ବଡ଼ ପର୍ବ। ତେବେ ଏହି ପୁଅ ଜିଉଁନ୍ତିଆକୁ ବେଲପଡା ଭାଲୁଖାଇ ଗାଁର ଦାଶ(ବାବାଜୀ ) ପରିବାର ପ୍ରସ୍ତୁତ କରିଥାନ୍ତି। ବ୍ଲକର ବିଭିନ୍ନ ସ୍ଥାନରେ ଏମିତି ଦାଶ ପରିବାର ବର୍ଷ ବର୍ଷ ଧରି ପୁଅ ଜିଉଁନ୍ତିଆ ପ୍ରସ୍ତୁତ କରୁଛନ୍ତି। ଏହା ବିକ୍ରି କରି ଯାହା ପାରିଶ୍ରମିକ ମିଳେ ସେଥିରୁ ସେମାନେ ବର୍ଷକର ଗୁଜୁରାଣ ମେଣ୍ଟାଇଥାନ୍ତି।

# ଜିଲ୍ଲା ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ସାମୂହିକ ତିଳତର୍ପଣ



ବଲାଙ୍ଗିର,୧୩।୯ (ସମିସ): ନରସିଂହ ମନ୍ଦିର ପରିସରରେ ଜିଲ୍ଲା ବ୍ରାହ୍ମଣ ମହାସଭା ସଂପାଦକ ଆଇଜିବୀ ଜୟରାମ ମିଶ୍ରଙ୍କ ଆହ୍ୱାନ କ୍ରମେ ସାମୂହିକ ତିଳତର୍ପଣ ଅନୁଷ୍ଠିତ ହୋଇଛି। ପଣ୍ଡିତ ସନ୍ତୋଷ ଶତପଥୀ, ପଣ୍ଡିତ ଗୋକୁଳା ମିଶ୍ର, ପଣ୍ଡିତ କିଶୋର ମିଶ୍ର, ଶ୍ୟାମସୁନ୍ଦର ଦାଶ ପୌରହିତ୍ୟ କରିଥିଲେ। ପର୍ଶୁରାମ ନାୟକ ଏବଂ ନରେନ୍ଦ୍ର ଆ.ର୍ଯ୍ୟ ସହଯୋଗ କରିଥିଲେ। ଗୋପବନ୍ଧୁ ପୁରୋହିତ, ଲୋକନାଥ ନେପାକ, ଜୟରାମ ମିଶ୍ର ଏବଂ କିଶୋର ମୋହନ ମିଶ୍ର ତିଳତର୍ପଣ କରିଥିଲେ। ସୁଶ୍ରୀ ରାଜଶ୍ରୀ ତ୍ରିପାଠି ଏବଂ ରାମଶଙ୍କର ଶତପଥୀ ସହଯୋଗ କରିଥିଲେ।

# ବଲାଙ୍ଗିର ସିଭିଲ୍ କୋର୍ଟରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର,୧୩।୯ (ସମିସ): ବଲାଙ୍ଗିର କନ୍ଧପାଲି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଓ ରାଜେନ୍ଦ୍ର ଯୁବକ ସଂଘ ପକ୍ଷରୁ ବଲାଙ୍ଗୀର ସିଭିଲ କୋର୍ଟରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରରେ ଅଣ ସଂକ୍ରମକ ରୋଗର ଚିହ୍ନଟ ସହ ରକ୍ତ ପରୀକ୍ଷା କରି ଔଷଧ ଦିଆଯାଇଥିଲା। ଜୀବନ ଶୈଳୀ ଓ ଖାଦ୍ୟପେୟ ଉପରେ ପରାମର୍ଶ ଦିଆଯାଇଥିଲା। ଡାକ୍ତର ନନ୍ଦ କିଶୋର ପାଢ଼ୀ, ଭୀମଭୋଇ ମେଡିକାଲ କଲେଜର ଡାକ୍ତର ଅଶ୍ୱିନୀ ମେହେର, ଡାକ୍ତର ନରେସ ଚନ୍ଦ୍ର ଭାଟି, ଡାକ୍ତର ନମ୍ରତା ଦାସ ଓ ଡାକ୍ତର ଶଉଭ୍ରା ନନ୍ଦଙ୍କ ସହ ରାଜେନ୍ଦ୍ର ଯୁବକ ସଂଘର ପରିଚାଳକ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ତରଫରୁ ଦିବ୍ୟକିଶୋର ପତି, ରାମାନୁଜ ପଣ୍ଡା ଓ ଅନିଲ ମହାକୁର ତଦାରଖ କରାଯାଇଛି। ଶିବିରରେ ଶତାଧିକ ରୋଗୀ ଯୋଗ ଦେଇଥିଲେ।




# ବିଭିନ୍ନ କଲେଜରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ







ଲୋଇସିଂହା,୧୩।୯ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା କଲେଜରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୁଦେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁଥ୍ ରେଡ୍‌କ୍ରସ ଅଧିକାରୀ ଅଧ୍ୟାପକ କ୍ଷୀରୋଦ ପାତ୍ର ପ୍ରାଥମିକ ଚିକିତ୍ସା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ବଲାଙ୍ଗିର ଜିଲ୍ଲା ଏଡସ ନିୟନ୍ତ୍ରଣ ଶାଖା ଓ କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେମନ୍ତ ଦାସ ଏବଂ ଅଧ୍ୟାପକ ଜଗମୋହନ ଦର୍ଜି ଏଡସ ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସନ୍ତୋଷ ଦାଶ, ଜଗନ୍ନାଥ ମହାପାତ୍ର, ଅଧ୍ୟାପିକା ସୁନନ୍ଦାରାଣୀ ମହାପାତ୍ର ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ମୁରିବାହାଲ:** ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ଆନୁକୂଲ୍ୟରେ 'ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ' ଶନିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ କାଉନସିଲର ଘନଶ୍ୟାମ ଖମାରୀ ସଂଯୋଜନା କରିଥିବାବେଳେ ଅଧ୍ୟକ୍ଷ ସରୋଜ ନାୟକ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଦିଲୀପ ପଶୟତ, ଛନ୍ଦାଚରଣ ଖୁଣ୍ଟିଆ, ପ୍ରେମଚାନ୍ଦ ତାଣ୍ଡି, ପଙ୍କଜ ସାହୁ ଓ ଛାତ୍ରଛାତ୍ରୀ ବିଶ୍ୱ ପ୍ରାଥମିକ ଦିବସ ଉପଲକ୍ଷେ ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ମୀରାବାଇ ଗଡତ୍ୟା, ଶୈଳିକା ନାଏକ, ସରିତା ରଣା, ବାବୁଲା ନାଏକ, ପର୍ଶୁରାମ ବାଗ, ବାସୁଦେବ ଦଳାଇ, ଅଭୟ ଦାସ, ଲଳିତ ବଘାର ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଭିଙ୍ଗରାଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

**ବଙ୍ଗୋମୁଣ୍ଡା:** ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡ୍‌କ୍ରସ୍ ବିଭାଗ ତରଫରୁ ପ୍ରାଥମିକ ଉପଚାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗରୁଡଧ୍ୱଜ ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାଥମିକ ଉପଚାର ତାଲିମ କାର୍ଯ୍ୟକ୍ରମରେ ଯୁବ ରେଡ୍‌କ୍ରସ୍ ବିଭାଗର ସଂଯୋଜକ ଅଧ୍ୟାପକ ରଶ୍ମିରଂଜନ ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଙ୍ଗୋମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ପ୍ରାଣବନ୍ଧୁ ଜଗଦଲା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ସାମ୍ବାଦିକ ଅନୀଲ ଖମାରୀ, ଅଧ୍ୟକ୍ଷ ଗରୁଡଧ୍ୱଜ ବେହେରା, ଡକ୍ଟର ପ୍ରାଣବନ୍ଧୁ ଜଗଦଲ୍ଲା, ସୁଧୀର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସିନ୍ଦେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡକ୍ଟର ଜୟନ୍ତ ବାଗ ଯୋଗଦେଇ ପ୍ରାଥମିକ ଉପଚାର ବିଷୟରେ ସ୍ୱେଚ୍ଛା ସେବୀମାନଙ୍କୁ ବିଶେଷ ତଥ୍ୟ ପ୍ରଦାନ କରିଥିଲେ। ନିଜ ତଥା ପରିବାରର ଯଦି କୌଣସି ବ୍ୟକ୍ତି ପୀଡିତ ହୁଅନ୍ତି ତତ୍‌କ୍ଷଣାତ୍ ଚତୁର୍ପାଶ୍ୱରେ ଥିବା ସରଞ୍ଜାମ ଦ୍ୱାରା କିପରି ସେହି ବିପତ୍ତିର ନିରାକରଣ କରିହେବ ଏବଂ ପୀଡିତକୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇ ଜୀବନ ରକ୍ଷା କରିହେବ ସେ ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ଅଧ୍ୟାପକ ନୀଳେଶ ପାରେଖ, ବବିତା ଦାଶ, ଅକ୍ଷୟ ପଧାନ, ଲକ୍ଷ୍ମଣ ବାରିକ, ମହମ୍ମଦ ସଲ୍ମନ୍ ଖାନ, ସୁନୀତା ଦାସ, ମୁରଲୀଧର ମେହେର, ଯୁଗଳ କିଶୋର ବେହେରା, କ୍ଷୀରୋଦ୍ର ରଣା, ସାଗର ରଥ, ରେସମା ନାଗ, ଏଶ୍ୱର୍ଯ୍ୟା ବାରିକ, ସୁଧାଂଶୁ ଶେଖର ପୁଟେଲ୍, ରିଖିରାମ ପୁଟେଲ୍, ମୁରଲୀଧର ପୁଟେଲ୍, କଳ୍ପନା ମେହେର ପ୍ରମୁଖ ସହଯୋଗ କରିଥିଲେ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ଯୁବ ରେଡକ୍ରସ ଅନୁକୂଲ୍ୟରେ ଶନିବାର ବିଶ୍ୱ ପ୍ରାଥମିକ ସେବା ଦିବସ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରମୋଦ ବଡପଣ୍ଡାଙ୍କ ସଭାପତିତ୍ୱ ତଥା ରେଡକ୍ରସ ଉପଦେଷ୍ଟା ହେମନ୍ତ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀତ ଭାବେ ଅଧ୍ୟାପକ ବିଜୟ ଜାଲ, ବଳରାମ ପଧାନ, ମଙ୍ଗଳ ସାହୁ ପ୍ରମୁଖ ଯୋଗଦେଇ ପ୍ରାଥମିକ ସେବାର ମହତ୍ୱ ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ। ସେହିପରି ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଭାପତିତ ଓ ଯୁଥ ରେଡକ୍ରସ ସଂଯୋଜକ ମଳୟ ରଞ୍ଜନ ରଣାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶିବ ପ୍ରସାଦ ହାଁସଦା, ସମ୍ମାନୀତ ଅତିଥି ଭାବେ ଡା. ଶିବବ୍ରତ ଦାସ ଯୋଗଦେଇ ପ୍ରାଥମିକ ଚିକିତ୍ସାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଉଦୟନାଥ ରଥ ଯୋଗଦେଇ ପ୍ରାଥମିକ ସେବାର ମହତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷେ ଜରାସିଂହା ଯୁକ୍ତ ଦୁଇ କଲେଜରେ ଅଧ୍ୟକ୍ଷ ବସନ୍ତ କୁମାର ମନହୀରାଙ୍କ ସଭାପତିତ୍ୱ ଓ ଯୁଥରେଡକ୍ରସ କାଉନସେଲର ଟିଙ୍କୁ ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ହୃଷିକେଶ ପଧାନ, ଚୂଳମଣି ମାଝି ପ୍ରମୁଖ ଯୋଗଦେଇ ବିଶ୍ୱ ପ୍ରାଥମିକ ଚିକିତ୍ସାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ପ୍ରତିଭା ମୁନ୍ନା, ଡିଇଓ ବାଳଶଙ୍କର ମେହେର ପ୍ରମୁଖ ସହଯୋଗ କରିଥିବା ବେଳେ ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।






### ସ୍ତ୍ରୀଙ୍କ ଦଶାହ ନ ସରୁଣୁ ସ୍ୱାମୀଙ୍କ ମୃତ୍ୟୁ

# ବାପା-ମା' ଛେଉଣ୍ଡ ହେଲେ ଚାରି ଭାଇ ଭଉଣୀ

**ଜୁନାଗଡ଼, ୧୩।୯(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଦାସୀଗାଁରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ଏହି ଗାଁ ରେ ଏକ ପରିବାରର ଚାରି ଭାଇ ଭଉଣୀ ଦୁନିଆ ଚିହ୍ନିବା ଆଗରୁ ବାପା-ମାଆ ଛେଉଣ୍ଡ ହୋଇଗଲେ। ଦିନ ଥିଲା ହସଖୁସି ସଂସାର ଭିତରେ ବାପା-ମାଆଙ୍କ ଗହଣରେ ରହି ଖୁସିର ଅଭିନୟ କରୁଥିଲେ।ହେଲେ ସ୍ତ୍ରୀର ଦଶାହ କାର୍ଯ୍ୟ ସାରିବା ପୂର୍ବରୁ ସ୍ୱାମୀର ମୃତ୍ୟୁ ହୋଇଥିଲା। ଦୁଃଖ ଉପରେ ଦୁଃଖ -ଏଭଳି ହୃଦୟ ବିଦାରକ ଘଟଣା କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଦାସୀଗାଁରେ ଦେଖିବାକୁ ମିଳିଥିଲା। ସେମାନଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି




ଯାଇଛି। ଅସହାୟ ତୁଳସୀ ମାଝୀ (୧୭) ରଞ୍ଜନ ମାଝୀ (୧୩), ସଭ୍ୟା ମାଝୀ (୯) ଏବଂ ସତ୍ୟବାନ ମାଝୀ (୭ ଦୁନିଆକୁ ଭଲ ଭାବରେ ଜାଣିବା ଆଗରୁ ବାପା-ମାଆ ଆରପାରିକୁ ଛାଡି ଚାଲିଗଲେ। ବାପା-ମାଆଙ୍କ ଦେହାନ୍ତ ପରେ ଚାରି ଭାଇ ଭଉଣୀ ଅନାଥ ଅସହାୟ ହୋଇପଡ଼ିଛନ୍ତି। ଦୁର୍ଦ୍ଦିନ ଭିତରେ ଏବେ ଚାରି ଭାଇ ଭଉଣୀ ଜୀବନ କାଟୁଥିବା ବେଳେ ସାହାରା ନିହାତି ଆବଶ୍ୟକ ହୋଇ ପଡ଼ିଛି। ସରକାରୀ ସହାୟତା କହିଲେ ପଞ୍ଚାୟତରୁ ଚାଉଳ ମିଳୁଥିବା ଜଣାପଡେ। ନା ମିଳୁଛି ଆବାସ ନା ସରକାରୀ ପ୍ରୋତ୍ସାହନ। ତୁରନ୍ତ ନିରୀହ ଚାରି ଭାଇ ଭଉଣୀ ପ୍ରତି ସରକାର ଦୃଷ୍ଟି ଦେଇ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଖବର ପାଇ ଦାସୀଗାଁ ସରପଞ୍ଚ ଚାରି ଅନାଥ ଭାଇ ଭଉଣୀ ନିକଟକୁ ପହଞ୍ଚି ଆର୍ଥିକ ସହଯୋଗ କରିଛନ୍ତି।

### ସରକାରୀ ସହାୟତା ଦାବି

ପରମ ଆନନ୍ଦ ଅନୁଭବ କରୁଥିଲେ।ହେଲେ ସେହି ଖୁସିକୁ ଦଇବ ସହିପାରିଲାନି।ଗତ ସେପ୍ଟେମ୍ବର ୧ ତାରିଖରେ ମାଆ ମଞ୍ଜୁରି ମାଝୀକୁ ହରାଇଲେ। ସ୍ତ୍ରୀର ମୃତ୍ୟୁ ପରେ ସ୍ୱାମୀ ମଙ୍ଗନିଆ ମାଝୀ ଭାଙ୍ଗି ପଡ଼ିଥିଲେ।ହେଲେ ସବୁ ଦୁଃଖକୁ ଛାତିରେ ଚାପି ଚାରି ଭାଇ ଭଉଣୀଙ୍କ ମୁହଁରେ ହସ ଦେଖିବାକୁ

### ଥୁଆମୂଳ ରାମପୁରରେ ଭୈରବ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ

# କଣ୍ଟା ଗାଦିରେ ବସିଲେ କାଳିସୀ

**ଥୁଆମୂଳରାମପୁର, ୧୩।୯(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁରରେ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଯାଇଛି ପ୍ରସିଦ୍ଧ ଝାମୁଯାତ୍ରା ଉତ୍ସବ। କଳାହାଣ୍ଡିର ଗଡ଼ଜାତ ଅଞ୍ଚଳ ଥୁଆମୂଳରାମପୁରରେ ଚଳିତ ବର୍ଷ ମଧ ଝାମୁଯାତ୍ରା ସହ ଶେଷ ହୋଇଛି ଅଗ୍ନି ଭୈରବ ଦେବଙ୍କ ନବଦିନାତ୍ମକ ବାଲିଯାତ୍ରା ଉତ୍ସବ।ଭାଦ୍ରବ ମାସ ଶୁକ୍ଳ ତ୍ରୟୋଦଶୀ ତିଥିରେ ନିକଟସ୍ଥ ନଦୀର ବାଲି ଆଣାଯାଇ ଶସ୍ୟ ବିଜ ରୋପଣ କରାଯାଇଥିଲା।ଯିବା ପରେ ଗାଦିଆ ବସା ପର୍ବ ଅନୁଷ୍ଠିତ ହୋଇଥିଲା।ଶିବ ଏବଂ ଶକ୍ତି ସ୍ୱରୂପା ଅଗ୍ନି ଭୈରବ ଏବଂ ମାଁ ମାଣିକେଶ୍ୱରୀଙ୍କ କାଳିସୀ ଲାଗି ହେଲା ପରେ ନିଜର ସ୍ଥିତି ଜଣାଇବା ପାଇଁ କଣ୍ଟା ଗାଦିରେ ବସିଥାନ୍ତି। ଶୁକ୍ରବାର ପଞ୍ଚମୀ ତିଥିରେ ବିଧିବିଧାନ ପୂର୍ବକ ଭୋରରୁ କାଠଗୁଡିକୁ ଅଗ୍ନି ସଂଯୋଗ ପାଇଁ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏହାପରେ ଅପରାହ୍ନରେ ଭୈରବ ଦେବଙ୍କ କାଳିସୀ ଲାଗି ହେଲାପରେ ସହର ପରିକ୍ରମା ସାରି ଗାଁ ମାଣିକେଶ୍ୱରୀଙ୍କ କାଳିସୀ ଲାଗି ହୋଇଥିଲା।ପରେ ଦୁହେଁ କଣ୍ଟା ଗାଦିଆରେ ବସି କଣ୍ଟା ଦୋଳିରେ ଝୁଲିଥିଲେ। ପରେ ଅଗ୍ନି ଭୈରବଙ୍କ କାଳିସୀ ଲାଗି ନିଆଁରେ ଚାଲିଥିଲେ। ଅଗ୍ନି ଭୈରବ ପୂଜକ ଯୁବକଲାଲ ପରିଛା ଏବଂ ମା' ମାଣିକେଶ୍ୱରୀଙ୍କ ପୂଜକ ଶରତ ପୁଝାରୀ ଉଭୟଙ୍କୁ ଭୈରବ ଦେବଙ୍କ କାଳିସି ହେଲା ପରେ ଗାଦିଆ ବସା ଏବଂ ପରେ ଅଗ୍ନି ଭୈରବଙ୍କ ସହର ପରିକ୍ରମା ସହ ଅଗ୍ନି ପରୀକ୍ଷା ପର୍ବ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ପୂଜକ ତାପସ ରାୟଗୁରୁ, ଗୌରଚନ୍ଦ୍ର ମୁଣ୍ଡଛିନା, ଅଶୋକ ମୁଣ୍ଡ, ଡମ୍ବରୁଧର ପୁଝାରି ପ୍ରମୁଖ ମନ୍ଦିରର କର୍ତ୍ତା ନିଜନିଜ ଦାୟିତ୍ୱ ତୁଲାଇଥିଲେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ଝାମୁଯାତ୍ରା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସଂଧ୍ୟାରେ ସ୍ଥାନୀୟ କଳାକାରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାପରେ ରାତ୍ର ୧୦ ଘଣ୍ଟା ସମୟରେ କଳାହାଣ୍ଡିର ଲୋକବାଦ୍ୟ ଘୁମୁରାର ପ୍ରତିଯୋଗିତା ହୋଇଥିଲା। କଳାହାଣ୍ଡିର ବିଭିନ୍ନ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିବା ୭ଟି ଘୁମୁରା ଦଳ ଅଂଶଗ୍ରହଣ କରିଥିଲେ।



ପ୍ରତିଯୋଗିତାରେ କଦଳୀମୁଣ୍ଡାର ଘୁମୁରା ଦଳପ୍ରଥମ ହୋଇଥିବା ବେଳେ ମାନପତ୍ର ସହ ୧୬୫୦୦ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେହିପରି ଦ୍ୱିତୀୟ ସ୍ଥାନରେ ବାନେର ଘୁମୁରା ଦଳକୁ ୧୩୫୦୦ ଟଙ୍କା ଏବଂ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିଥିବା ଘଣ୍ଟିଗୁଡା ଦଳକୁ ୧୧୫୦୦ ଟଙ୍କା ପ୍ରଦାନ କରାଯାଇଛି। ଅଂଶଗ୍ରହଣ କରିଥିବା ଅନ୍ୟ ଦଳ ଗୁଡିକୁ ୭୦୦୦ ଟଙ୍କା ଲେଖାଏଁ ସାନ୍ତନା ମୂଳକ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ ଯୋଗ ଦେଇ ମଞ୍ଚ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ ଏବଂ ବିଜେପି ନେତା ବିଷ୍ଣୁ ନାଏକ କୃତୀ ଦଳମାନଙ୍କୁ ପୁରସ୍କୃତ କରିଥିଲେ।ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ବିଜୟା ମାଝୀ, ବିଜେଡି ସଭାପତି କପିଳାସ ନାଏକ, ବିଜେପିର ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ରମେଶ ମାଝୀ, ବରିଷ୍ଠ ବିଜେପି ନେତା ପବିତ୍ର ନାଏକ, ଏବଂ କଂଗ୍ରେସର ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ଜଗାକାଳିଆ ନାଏକ, ପରମେଶ୍ୱରନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ପ୍ରିୟବ୍ରତ ପଣ୍ଡା ଏବଂ ଶଶୀଧର ନାଏକ।ମାଁ ମାଣିକେଶ୍ୱରୀ ପୂଜା କମିଟିର ସଭାପତି ଉର୍ଦ୍ଧ୍ୱବ ପାତ୍ର, ଉପସଭାପତି ମୁକୁନ୍ଦ ଧଙ୍ଗଡ଼ାମାଝୀ, ସମ୍ପାଦକ ଜୀବନାନନ୍ଦ ନାଏକ(ଘେନୁ), ସହ ସମ୍ପାଦକ ହିତେଶ୍ ନାଏକ, କୋଷାଧ୍ୟକ୍ଷ ବରୁଣ ବାଗଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ମଧ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା।

### ମଣିଷ ଓ ମାଛର ନିଆରା ସମ୍ପର୍କ

# ୨୨ବର୍ଷ ଧରି ପୋଷି ରଖିଛନ୍ତି ମାଗୁର ମାଛ

**ନୂଆପଡ଼ା, ୧୩।୯(ସମିସ):** ମଣିଷ ଜୀବ ଜଗତର ଶ୍ରେଷ୍ଠ ଜୀବ। ତଥାପି ଜୀବଜଗତର ସମସ୍ତ ପ୍ରାଣୀ ସହ ସମ୍ପର୍କ ଯେ ଆବାହମାନ କାଳରୁ ରହି ଆସିଛି। ମଣିଷ ଏବଂକଥା କହି ପାରୁନଥିବା ମାଛର ଏକ ଅଦ୍ଭୁତ ପୂର୍ବ ସମ୍ପର୍କର ଉଦାହରଣ ନୂଆପଡ଼ା ଜିଲ୍ଲା ପଟପରପାଲି ଗାଁରେ ଦେଖିବାକୁ ମିଳିଥାଏ। ଜିଲ୍ଲା ସଦର ମହକୁମାଠାରୁ ୬ କିଲୋମିଟର ଦୂରବର୍ତ୍ତୀ ଗୋଡଫୁଲା ପଞ୍ଚାୟତ ଅନ୍ତର୍ଗତ ପଟପରପାଲି ଗ୍ରାମରେ ରହନ୍ତି ସରଜୁ ମହାରାଜ। ତାଙ୍କ ବାଡ଼ି କୂଅରେ ଆଜିକୁ ୨୨ ବର୍ଷରୁ ଉର୍ଦ୍ଧ୍ୱ ହେବ ରହୁଛି ମାଳତୀ ନାମ୍ନୀ ମାଛ। ଦେଶୀ ମାଗୁର ମାଛ ପ୍ରଜାତିର ପ୍ରାୟ ୪ଟି ମାଛ ରହିଛନ୍ତି। ସରଜୁଙ୍କ ଝିଅ ପୂର୍ଣ୍ଣିମା ବାପାଙ୍କୁ ଛୋଟ ବେଳେ କୂଅରେ ମାଛ ପୋଷିବାକୁ କହିଥିଲେ। ଝିଅ ପୂର୍ଣ୍ଣିମା ଓ ମାଳତୀ (ମାଛ) ଏକା ସହ ଛୋଟରୁ ବଡ଼ ହେଲେ। ଏବେ ପୂର୍ଣ୍ଣିମା ବିବାହ କରି ଅନ୍ୟତ୍ର ରହୁଛନ୍ତି କିନ୍ତୁ ମାଳତୀର ଭଲ ମନ୍ଦ ବାପା ମାଁଙ୍କୁ ପଚାରି ବୁଝିଥାନ୍ତି। ଏପରିକି ବାପ ଘରକୁ ଆସିଲେ ସାଙ୍ଗରେ ମାଳତୀ ପାଇଁ ପିଠା ପଣା ବି କରିକି ଆସନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପୂର୍ଣ୍ଣିମାଙ୍କ ବିବାହ ସମୟରେ ମାଳତୀଙ୍କୁ ବି ନାକରେ ନଥ ପିନ୍ଧାଇ ରଖିଛନ୍ତି। ପ୍ରତି ଦିନ ସରଜୁ କିମ୍ବା ତାଙ୍କ ପରିବାରର ଲୋକ କୂଅ ପାଖକୁ ଯାଇ ମାଳତୀଙ୍କ ନାଁ ଧରି ଡାକିଲେ ଦୌଡ଼ି ଆସନ୍ତି। ଏହି ମାଛକୁ ଦେଖିବାକୁ ବିଭିନ୍ନ ସମୟରେ ଲୋକେ ଆସି ରୁଣ୍ଡ ହୁଅନ୍ତି। ମାଳତୀ ଆମ ପରିବାରର ସଦସ୍ୟା ମାଛ ସହ ଏକ ଆତ୍ମୀୟତାର ଡୋରି ବନ୍ଧା ହୋଇଯାଇଛି ବୋଲି ଚାଷୀ ସରଜୁ ମହାରାଜ କହନ୍ତି।



### ରାଷ୍ଟ୍ରୀୟ ଲୋକ ଅଦାଲତ

# ୬୫ ଋଣ ମାମଲାରେ ୭ ଲକ୍ଷ ୭୯ ହଜାର ଟଙ୍କା ଆଦାୟ




**କେସିଙ୍ଗା, ୧୩।୯(ସମିସ):**ତାଲୁକ ଆଇନସେବା ସମିତି କେସିଙ୍ଗା ତରଫରୁ ଅଦାଲତ ପରିସରରେ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି। ବିଚାରପତି ଦୀପ୍ତା ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଲୋକ ଅଦାଲତରେ ୧୬ଟି ଫାଇନାଲ ରିପୋର୍ଟ କେସ ବିଚାର କରାଯାଇ ଶେଷ କରାଯାଇଥିଲା। ସେହିପରି ୬୫ ଟି ପ୍ରାକବ୍ୟାଙ୍କ ଋଣ ଅନାଦେୟ ମାମଲାରେ ମୋଟ ୭ ଲକ୍ଷ ୭୯ ହଜାର ୫୩୨ ଟଙ୍କା ଆଦାୟ କରାଯାଇଥିବା ବେଳେ ୧୪୭ଟି ରାଜସ୍ୱ ମାମଲା ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ରେ ବିଚାର କରାଯାଇ ମୋଟ ୧ ଲକ୍ଷ ୧୩ ହଜାର ୮୫୧ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା। ଏଥିରେ ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସମ୍ପାଦକ ଯୁଗଳ କିଶୋର ଦୀପ, ବରିଷ୍ଠ ଆଇନଜୀବି ସୌମ୍ୟରଞ୍ଜନ ମିଶ୍ର, ସୌରରଶ୍ମି ନନ୍ଦ, ସନ୍ତୋଷ ଦାସ, ହରିପ୍ରସାଦ ତାଣ୍ଡି, ମନୋଜ ନାଗ ପ୍ରମୁଖ ଙ୍କ ସମେତ ସହକାରୀ ସରକାରୀ ଓକିଲ ପ୍ରକାଶ ଦାସ ଓ ଅଦାଲତର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ବିଜେଡି ତରଫରୁ ଶ୍ରଦ୍ଧାଞ୍ଜଳି

# ନୂଆପଡ଼ା ବିଧାୟକ ସିଟକୁ ବିଜୟୀ କରି ଆଣିଲେ ଶ୍ରଦ୍ଧାଞ୍ଜଳି ହେବ

**ନୂଆପଡ଼ା, ୧୩।୯(ସମିସ):** ସ୍ଥାନୀୟ ଖରିଆରରୋଡସ୍ଥିତ ଗଣପତି ପେଲେସଠାରେ ଜିଲ୍ଲା ବିଜେଡି ତରଫରୁ ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ନୂଆପଡ଼ା ବିଧାନସଭାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ସଭାପତି ମନୋଜ କୁମାର ମିଶ୍ର, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲାପରିଷଦ ସଭ୍ୟା ଉମା ଠାକୁର, କୋମନା ବ୍ଲକ ଉପଧ୍ୟକ୍ଷା ଅନୁସୂୟା କୁମ୍ଭାର ପ୍ରମୁଖ ଯୋଗ ଦେଇଥିଲେ। ବିଶେଷ ଅତିଥି ଭାବେ ଢୋଲକିଆଙ୍କ ସୁପୁତ୍ର ଜୟ ଢୋଲକିଆଙ୍କ ସମେତ ତାଙ୍କ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ।ଏହି ଅବସରରେ ସ୍ୱର୍ଗତ ଢୋଲକିଆଙ୍କୁ ସମସ୍ତ ଅତିଥିଙ୍କ ସହ ନିର୍ବାଚନ ମଣ୍ଡଳୀରୁ ଯୋଗ ଦେଇଥିବା ହଜାର ହଜାର କର୍ମୀ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ଜଣାଇଥିଲେ। ଏହି ଅବସରରେ ଅତିଥିମାନେ ଜଣ ଜଣ କରି ନିଜର ଅନୁଭୂତିପୂର୍ଣ୍ଣ ମୁହୂର୍ତ୍ତ ବର୍ଣ୍ଣନା କରିଥିଲେ। ତାଙ୍କ ସହ ବିତାଇଥିବା ପ୍ରତିଟି କ୍ଷଣକୁ ଉପସ୍ଥାପନ କରି ଅଶ୍ରୁ ଢାଳିଥିଲେ। ଆଗକୁ ଉପନିର୍ବାଚନ ହେବା ନିଶ୍ଚିତ ହେଲାଣି। ତେଣୁକରି ବିଜେଡିକୁ ଏକ ବିଧାୟକ ପଦ ଜିତାଇଦେଲେ ତାଙ୍କୁ ଉଚିତ ଶ୍ରଦ୍ଧାଞ୍ଜଳି ହେବବୋଲି ବକ୍ତାମାନେ କହିଥିଲେ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୂଆପଡ଼ା ଏନ୍ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଖରିଆରରୋଡ ଏନ୍ଏସି ଉପାଧ୍ୟକ୍ଷ ବଣ୍ଟି ଡାଗା, ନୂଆପଡ଼ା ବ୍ଲକ ଉପାଧ୍ୟକ୍ଷ ଦିଲିପ କୁମାର ନିର୍ମଳକର, ବିଜେଡି ସାଧାରଣ ସମ୍ପାଦକ ରାଜେଶ କୁମାର ନିଗମ, ଧନୀରାମ ସାହୁ, ଶେଖର ଜୈନ, କାର୍ତିକ ଦୀପ, କାଳିଆ ପ୍ରଧାନ, ରଚନା ଜୈନ, ରମାକାନ୍ତ ଠାକୁର, ରବି ବାଗ, ରାମଲାଲ ହଂସ, ରାଜୁ ଚୌହାନ, ମଳୟ ମଣ୍ଡଳ, ଶିବୁ ପାତ୍ର, ଅଜୟ ଗହୀର ପ୍ରମୁଖ ଯୋଗ ଦେଇଥିଲେ।

# ମାସେ ହେଲା ଦେପୁରଗ୍ରାମରେ ପାନୀୟ ଜଳ ଯୋଗାଣ ବନ୍ଦ

**କଲମପୁର, ୧୩।୯(ସମିସ):** କଲମପୁର ବ୍ଲକ ଦେପୁର ପଞ୍ଚାୟତ ଦେପୁରଗ୍ରାମରେ ପାଇପ୍ ପାଣି ଯୋଗାଣ ମାସେ ହେଲା ବନ୍ଦ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। କାହିଁକି ପାନୀୟ ଜଳ ଯୋଗାଣ ମାସେ ହେବ ଠପ ହୋଇ ପଡ଼ିଛି ତାହା ବୁଝାପଡୁ ନ ଥିବା ବେଳେ ବିଭାଗ କାଦୁଅ ଫିଙ୍ଗାରେ ବ୍ୟସ୍ତ ରହୁଛି।ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ପୂର୍ବରୁ ଆମ ବିଭାଗ ପରିଚାଳନା କରୁଥିଲା, ଏବେ ସରକାର ପଞ୍ଚାୟତମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେଥିପାଇଁ ସେମାନଙ୍କୁ କର୍ମଚାରୀ ଯୋଗାଇ ଦେଇଛନ୍ତି, ପଞ୍ଚାୟତ ସେମାନଙ୍କୁ ଦରମା ମଧ ଦେଉଛନ୍ତି, ଏବେ ତାହା ଆମ ହାତରେ ନାହିଁ ବୋଲି କହିଛନ୍ତି। ପଞ୍ଚାୟତ କର୍ମଚାରୀ କହୁଛନ୍ତି ଆମେ ପମ୍ପ ହାଉସ ଚଲାଇ ପାଣି ଯୋଗାଣ ପାଇଁ ଜଣକୁ ନିଯୁକ୍ତ କରିଛୁ, ସେ ଚଲାଉ ନାହିଁ, ଅନ୍ୟମାନେ କହୁଛନ୍ତି ପମ୍ପ ଚାଳକଙ୍କ ଦେହ ଅସୁସ୍ଥ ଥିବାରୁ ବନ୍ଦ ପଡ଼ିଛି ପାନୀୟ ଜଳ ଯୋଗାଣ କାର୍ଯ୍ୟ।କାରଣ ଯାହା ବି ହେଉନା କାହିଁକି ପାନୀୟ ଜଳରୁ ମାସ ମାସ ଧରି ଜନ ସାଧାରଣଙ୍କୁ ବଞ୍ଚିତ ରଖାଯାଇଛି କାହିଁକି ତାହାହିଁ ବଡପ୍ରଶ୍ନ ପାଲଟିଛି।ସମସ୍ତ ପ୍ରକାର ବ୍ୟବସ୍ଥା ରହିଥିବା ସତ୍ତ୍ୱେ ଦାୟିତ୍ୱ ହିନତାରୁ ଲୋକେ ପାନୀୟ ଜଳରୁ ବଞ୍ଚିତ ହେବା ଘଟଣାକୁ ଜନ ସାଧାରଣ ସହଜରେ ଗ୍ରହଣ କରି ପାରୁ ନାହାନ୍ତି।ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଓଡ଼ିଶାକୁ ଅଣଦେଖା କରୁଛି ଡବଲ ଇଞ୍ଜିନ ସରକାର

# କଳାହାଣ୍ଡିରେ ସମାଜବାଦୀ ପାର୍ଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭବାନୀପାଟଣା, ୧୩।୯ (ସମିସ):** ସମାଜବାଦୀ ପାର୍ଟି କଳାହାଣ୍ଡି ଜିଲ୍ଲାରେ ପଛୁଆ, ଦଳିତ ଓ ଆଦିବାସୀ (ପିଡିଏ) ପଞ୍ଚାୟତ ଓ କର୍ମୀ ସମ୍ମିଳନୀ ଭବାନୀପାଟଣାସ୍ଥିତ ସର୍କିଟ ହାଉସରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବାଇକ୍ ରାଲି ଆଇଟିଆଇ ଠାରୁ ସର୍କିଟ ହାଉସ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହାପରେ ଦଳର କଳାହାଣ୍ଡି ଜିଲ୍ଲା ସଭାପତି ଜଗଦୀଶ ଯାଦବଙ୍କ ଅଧ୍ୟକ୍ଷତାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ମୁଖପାତ୍ର ତଥା ଓଡ଼ିଶା ପ୍ରଭାରୀ ସୁନୀଲ ସିଂ ଯାଦବ ଏବଂ ଓଡ଼ିଶା ପ୍ରଦେଶ ସଭାପତି ଶିବ ହାତୀ ଯାଦବ, ସମାଜବାଦୀ ପାର୍ଟିର ରାଜ୍ୟ ଉପସଭାପତି ଦେବେନ୍ଦ୍ର କହଁର, ଓଡ଼ିଶା ପ୍ରଦେଶ ସାଧାରଣ ସମ୍ପାଦକ ପ୍ରତାପ କିଶୋର ବାରିକ, ରାଜ୍ୟ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ, ପ୍ରଦେଶ ମିଡ଼ିଆ ସେଲ୍‌ର ସଭାପତି ପ୍ରଦୀପ ମିଶ୍ର ଯୋଗଦେଇ ଦଳକୁ ଅଧିକ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ପ୍ରଭାରୀ ଶ୍ରୀ ଯାଦବ ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଜୋର୍ ବର୍ଷିଥିଲେ।




ବିକଶିତ ଓଡ଼ିଶାର ନାରା ଦେଉଥିବା ବିଜେପି ସରକାରରେ ଓଡ଼ିଶା ସମ୍ପୂର୍ଣ୍ଣ ଅବହେଳିତ ହୋଇଛି। ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶା ପ୍ରତି ପ୍ରତ୍ୟେକ କ୍ଷେତ୍ରରେ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ସ୍ୱତନ୍ତ୍ର ରାଜ୍ୟ ପହ୍ୟା ଦାବି ହେଉ କି ଅନ୍ୟ ସମସ୍ତ କ୍ଷେତ୍ରରେ ଓଡ଼ିଶାକୁ ଅଣଦେଖା କରୁଛି ଭାଜପା। ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ଅବହେଳିତ ହୋଇଛି ବୋଲି ଶ୍ରୀ ଯାଦବ କହିଛନ୍ତି। ଏହି ଅବସରରେ ବିଜେପି, ବିଜେଡ଼ି ଓ କଂଗ୍ରେସକୁ ଛାଡ଼ି ଅନେକ ଯୁବକ ସମାଜବାଦୀ ପାର୍ଟିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ଜନ ସଭା ରାଜ୍ୟ ସାଧାରଣ ସମ୍ପାଦକ ରମାକାନ୍ତ ହାତୀ, ଅଳ୍ପସଂଖ୍ୟକ ସଭା ରାଜ୍ୟ ସଭାପତି ମହମ୍ମଦ ସହାବୁଦ୍ଦିନ, ପ୍ରବୀଣ ନାୟକଙ୍କ ସମେତ ଜିଲ୍ଲା ଉପସଭାପତି ଶୋଭାବନ ଭାଟି ଓ ଧବଳେଶ୍ୱର ମାଝୀ, କୃଷକ ମୋର୍ଚ୍ଚାର କଳାହାଣ୍ଡି ଜିଲ୍ଲା ସଭାପତି ରାଜେନ୍ଦ୍ର ଗଡ଼ତିଆ, ଭବାନୀପାଟଣା ବ୍ଲକ ସଭାପତି କିର୍ତ୍ତିଚନ୍ଦ୍ର ଗଉଡ, ତୁଳମଣି ନାଗ, ଜିଲ୍ଲାର ସମସ୍ତ କର୍ମକର୍ତ୍ତା ଏବଂ କର୍ମୀ ସାମିଲ ହୋଇଥିଲେ। ଶେଷରେ କଳାହାଣ୍ଡି ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଇନ୍ଦ୍ରାବତୀ ମାଛକୁ ମିଳିବ ବ୍ରାଣ୍ଡ ମାନ୍ୟତା

**କେସିଙ୍ଗା, ୧୩।୯(ସମିସ)** କଳାହାଣ୍ଡି ଜିଲ୍ଲାର ପ୍ରଗତିର ପ୍ରଥମ ପାହାଚ ଜିଲ୍ଲାର ଗର୍ବ ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ଆଜି କଳାହାଣ୍ଡି ଗର୍ବିତ। ଇନ୍ଦ୍ରାବତୀର ପାଣିରେ ଚାଷ କାମ ହେବା ସହିତ ବିଜୁଳି ଉତ୍ପାଦନ ମଧ ହେଉଛି।ବର୍ତ୍ତମାନ କଳାହାଣ୍ଡି ସ୍ୱଦେଶୀ ଜାଗରଣ ମଞ୍ଚ ଓ ସ୍ୱାବଲମ୍ବୀ ଭାରତ ଅଭିଯାନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଇନ୍ଦ୍ରାବତୀ ଜଳ ପ୍ରକଳ୍ପ ରେ ଥିବା ବିଭିନ୍ନ ପ୍ରକାରର ମାଛକୁ ଇନ୍ଦ୍ରାବତୀ ମାଛର ମାନ୍ୟତା ପ୍ରଦାନ ପାଇଁ ଉକ୍ତ ସାଂଗଠାନିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରସ୍ତାବ ଦେଇ ଅନୁରୋଧ କରିଛନ୍ତି। ପ୍ରସ୍ତାବ ଶୁଣିଲା ପରେ ଓ ଅନୁଧ୍ୟାନ ପରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଯଥାର୍ଥ ଲାଗିବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କ ଫିସୋରି ଭିବାଗର ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଉକ୍ତ ପ୍ରସ୍ତାବ ଉପରେ ବିଚାର କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯାହାର ପତ୍ର ସଂଖ୍ୟା ୧୩୯୧୩/ ୧୧.୯.୨୦୨୫। ସରକାରୀ ପତ୍ର ଅନୁଯାୟୀ ସରକାର ଙ୍କ ପକ୍ଷରୁ ଫିସେରି ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରକାରର ପ୍ରକଳ୍ପ ମଧ୍ୟରୁ ଯେଉଁ ପ୍ରକଳ୍ପରେ ଉକ୍ତ ପ୍ରସ୍ତାବ ଯଥାର୍ଥ ବିବେଚିତ ହେବ ଉକ୍ତ ପ୍ରକଳ୍ପରେ ପ୍ରସ୍ତାବକୁ ଅନୁମୋଦନ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଥାଉକି ଚିଲିକା ରେ ମଧ ସେମିତି ଏକ ପ୍ରକଳ୍ପରେ ଚିଙ୍ଗୁଡ଼ି ଚାଷ କରାଯାଇ ଅଞ୍ଚଳର ମସ୍ୟଜୀବିଙ୍କ ଆର୍ଥିକ ଅନଟନ ଦୂର କରାଯାଇଥିଲା। ସେମିତି କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀରେ ମଧ ଏକ ପ୍ରକଳ୍ପ କଲେ ଅଞ୍ଚଳର ମସ୍ୟଜିବୀଙ୍କୁ ରୋଜଗାର ମିଳିବା ସହିତ କଳାହାଣ୍ଡିର ମାଛ ଇନ୍ଦ୍ରାବତୀ ଫିସ ବ୍ରାଣ୍ଡ ଭାବରେ ସାରା ଭାରତ ବର୍ଷ ରେ ନାମ କମାଇବ। ମୁଖ୍ୟମନ୍ତ୍ରୀଙ୍କ ଉକ୍ତ ବିଷୟ ଉପରେ ଗୁରୁତ୍ୱାରୋପ କରିଥିବାରୁ ଅଞ୍ଚଳବାସୀଙ୍କ ସହ କେସିଙ୍ଗାର ଯୁବ ସଂଗଠକ ସୁରେଶ ରାଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

### ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୮୪୧ ମାମଲା ଫଇସଲା

**ଭବାନୀପାଟଣା, ୧୩।୯(ସମିସ)**

କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଗୁଡିକରେ ଚଳିତ ବର୍ଷ ୨୦୨୫ ର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ, ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ଜିଲ୍ଲା ଆଇନ ସେବା ପ୍ରାକରଣ ସ୍ନିଗଧା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ ଅଦାଲତରେ ୨୦ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧, ୨୨, ୬୫, ୮୩୮ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୧ଟି ଦେବାନୀ ମକଦ୍ଦମା ଫଇସଲା କରାଯାଇଥିଲା, ବିଚାର




ଯୋଗ୍ୟ ୨୧୭ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା। ଏନ୍ଆଇ ଆକ୍ଟ କେସ (ଦଫା-୧୩୮) ୧୫ ଟି ଫଇସଲା କରାଯାଇ ୩୮, ୯୫, ୧୮୧ଟଙ୍କା ଆଦାୟ କରାଯାଇଥିଲା।ବିବାହ ଜନିତ ମକଦ୍ଦମା ୭ଟି ଫଇସଲା କରାଜାଇଥିଲା। ରାଜସ ମକଦ୍ଦମା ୯୯୯ଟି ଫଇସଲା କରାଯାଇ ଟ.୮, ୫୦, ୭୦୭ଟଙ୍କା ଆଦାୟ କରା ଯାଇଥିଲା ଓ ୫୨୨ଟି ପ୍ରାକ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୧, ୪୯, ୩୭, ୮୮୭ଟଙ୍କା ଆଦାୟ କରାଯାଇଥିଲା। ଲୋକ ଉପଯୋଗି ସେବା ସମ୍ବନ୍ଧୀୟ ବିବାଦ ୨୫ଟି ଫଇସଲା କରାଯାଇ ୬୪୦୦ଟଙ୍କା ଆଦାୟ କରାଯାଇଥିଲା। ୧୩ଟି ମନି ରିକୋଭରି କେଶ ଫଇସଲା କରାଯାଇ ୧୩୨୯୮୬୦ଟଙ୍କା ସମାଧାନ କରାଯାଇଥିଲା। କନ୍‌ଜୁମର ବିବାଦ ୨ଟି ମାମଲା ଫଇସଲା କରାଯାଇ ୩୧୬୩୪୧ଟଙ୍କା ସମାଧାନ କରାଯାଇଥିଲା। ଲୋକ ଅଦାଲତରେ ଭିଜିଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ, ପରିବାର ଅଦାଲତ ଜଜ୍, ରାଜଶ୍ରୀ ମହାପାତ୍ର, ସିନିୟର ସିଭିଲ ଜଜ୍, ସୁଦିପ୍ତା ଦେହୁରି, ସିନିୟର ସିଭିଲ ଜଜ୍ ମହିଳା କୋର୍ଟ, ମନସନି ରଥ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧୀକରଣ, କଳାହାଣ୍ଡି, ସ୍ନିଗଧା ପଣ୍ଡା, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତି ପୂଜା ପ୍ରିୟଦର୍ଶିନି ପତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ (ଏଫଟିଏସସି) ଯଦୁମଣି ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ। ବିମା କମ୍ପାନୀ ଓକିଲ ଦିବ୍ୟରଞ୍ଜନ ବହିଦାର, ପରମାନନ୍ଦ, ସୁରେସ କୁମାର ପାତ୍ର ଓ ଓକିଲ ସଂଘ ସଭାପତି ସୁଧାଂସୁ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଦଶପୁର ପଞ୍ଚାୟତର ଦସ୍ତାବିଜ୍ ନିରୀକ୍ଷଣ କଲେ ଉପଜିଲ୍ଲାପାଳ

**ଗୋଲାମୁଣ୍ଡା, ୧୩।୯(ସମିସ):** ଗୋଲାମୁଣ୍ଡା ବ୍ଲକ ଦଶପୁରପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସମସ୍ତ ପ୍ରକାର ଦସ୍ତାବିଜର ନିରୀକ୍ଷଣ କରିଛନ୍ତି ଧର୍ମଗଡ଼ ଉପଜିଲ୍ଲାପାଳ



ପ୍ରେକ୍ଷା ଅଗ୍ରୱାଲ। ପଞ୍ଚାୟତରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଅର୍ଥ ଅନୁମୋଦନ ହୋଇଥାଏ ଏବଂ ଏହାକୁ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଅତିରିକ୍ତ ହିସାବ ନିରୀକ୍ଷକ ପରିଚାଳନା କରିଥାନ୍ତି, ପଞ୍ଚାୟତକୁ ପଞ୍ଚଦଶ ଅର୍ଥ କମିଶନ, ପଞ୍ଚମ ରାଜ୍ୟ ଅର୍ଥ କମିଶନ, ମନରେଗା ଯୋଜନା, ପଞ୍ଚାୟତ ପାଣ୍ଠି, ସାଧାରଣ ବଣ୍ଟନ ବ୍ୟବସ୍ଥା, ହରିଶ୍ଚନ୍ଦ୍ର ଯୋଜନା, ଭତ୍ତା ଇତ୍ୟାଦିରୁ ଅର୍ଥ ଆସିଥାଏ, ଏହି ସବୁ ଦସ୍ତାବିଜକୁ ଉପଜିଲ୍ଲାପାଳ ଧର୍ମଗଡ଼, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଏବିଡ଼ିଓ ଗୋଲାମୁଣ୍ଡା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥାଇ ଟିକିନିକି ଭାବରେ ନିରୀକ୍ଷଣ କରିଥିଲେ। ସୂଚନା ମୁତାବକ ସଠିକ ଭାବରେ ଦଶପୁର ପଞ୍ଚାୟତ ସରପଞ୍ଚ ଓ ପିଇଓ ଦସ୍ତାବିଜ ଦାଖଲ କରି ପାରି ନ ଥିଲେ ବୋଲି ସୂଚନା ମିଳିଛି। ପିଇଓ ଏବଂ ସରପଞ୍ଚଙ୍କ ବିରୋଧରେ କଣ ପଦକ୍ଷେପ ନେବେ ଦେଖିବାକୁ ବାକି ରହିଲା।


ସୃଜନିକା

ସକାଳ THE SAKALA
www.sakalaepaper.com

# ନୀଳମଣି

ମହାଶ୍ୱେତା ସାହୁ





ଏଇ ଆକାଶ ବି ତୁମର ନୁହେଁ ! ଯେଉଁଠି ଜହ୍ନ, ତାରା, ଆକାଶରେ ଆସନ୍ତି ଓ ଯାଆନ୍ତି। ସୂର୍ଯ୍ୟ ମଧ୍ୟ ନୁହେଁ, ତୁମ ନୁହେଁ! କାରଣ ମୁଁ ସମୟର ଦାସ ନୁହେଁ, ମୁଁ ସମୟକୁ ଦାସ କରେ। ମୁଁ... ରାବଣ!! ମୋର ଦଶଟା ମୁଣ୍ଡ...ହା...ହା...ହା... ମୁଁ ରାବଣ!!

- "ମୋ ପାଇଁ କିନ୍ତୁ ତୁମେ ନୀଳମଣି!! ଅଜବ ମଣିଷ ତୁମେ। ଅସମାହିତ ପ୍ରଶ୍ନ ପରି ତୁମେ। ଅଡୁଆ ସୂତାଖିଅ ପରି ତୁମେ ଯେତେ ତୁମକୁ ଖୋଲିବ ସେତେ ଗୁଡ଼େଇ ହୋଇ ଯାଉଥିବ। ତୁମକୁ ବୁଝିବା ଭାରି କଷ୍ଟ" କହିଥିଲା ମାନିନୀ ବିମୂଢ଼ ହୋଇ।

କଥାକଥାକେ ତମକୁ କଷ୍ଟ ହୋଇଯାଏ। ଅଭିମାନର ଅସରନ୍ତି ଗନ୍ତାଘର ଯେପରି ତୁମେ। ପ୍ରତି କଥାରେ ଅଭିମାନ। ପ୍ରତିକଥାରେ ଅହଂକାର।

- "ଅହଂକାରୀ କେବଳ ଅହଂକାରୀ ହୁଏ। ପ୍ରେମ କରିପାରେନା। ପ୍ରେମିକ ତୁମେ ହୋଇ ପାରିବନି। ତୁମ ପାଖରେ କେହି ରହିପାରିବେନି। ପ୍ରକୃତ କଥା ତୁମ ପାଖରେ କେହି ରହିବେ ନାହିଁ।" କହିଲା ଅଭିମାନ କରି ମାନିନୀ।

- "କିନ୍ତୁ, ଏଇ ଅହଂକାରୀ ପ୍ରେମହୀନ ମଣିଷକୁ ତ' ତୁମେ ପ୍ରେମ କର !" କହିଥିଲା ଆକାଶ ଦାସ। ତା'ର ଦୁଇ ହାତକୁ ମେଲେଇ କହିଥିଲା- "ଜାଣିରଖ, ତଥାପି ଏଇ ଲୋକଟାର ଏଇ ଅହଂକାର ହିଁ ତା'ର ଗହଣା। ଅହଂକାର ବିନା ତା'ର ଅସ୍ତିତ୍ୱ ନାହିଁ। ଏଇ ଅହଂକାର ପାଇଁ ହିଁ ସେ ସଭିଙ୍କ ପ୍ରିୟ। କାରଣ ଯେବେ ଅଭାବଗ୍ରାସେ, ସେବେ ଏଇ ଅହଂକାରୀ କେବଳ ଏହି ଅହଂକାର ସହ; ଅଭାବ ସହ ଯୁଦ୍ଧ କରେ। ଆଉ ବିଜୟ ମଧ୍ୟ ପାଏ।"

ନିଜ କଥା କହି କହି ଥକି ପଡ଼େନା ଆକାଶ ଦାସ। ନିଜ ମୁହଁରେ ନିଜର ପାପପୁଣ୍ୟକୁ ବଖାଣେ। ବିନ୍ଦାସ ଭାବରେ ଜୀଇଁବାକୁ ସାଥୀ ଖୋଜେ।

କାହାର ଇଚ୍ଛାକୁ ଜାଣିବାର ପ୍ରୟାସ କରେନା, ପ୍ରଶ୍ନ ବିନା ସାଥୀ ବାଛେ। ଭାବେ କେବଳ ସମ୍ପର୍କ ପାଇଁ ନାରୀ ଓ ପୁରୁଷ ଲୋଡ଼ା। ବାକିସବୁ ଅଯୋଗ୍ୟ ବ୍ୟାପାର। ନିଜକୁ ସେ ଶ୍ରେଷ୍ଠ ଭାବେ। ଶ୍ରେଷ୍ଠ ମଧ୍ୟ କହେ। ତେଣୁ ସେ ଶ୍ରେଷ୍ଠା ଖୋଜେ।

କହେ ମୋଠୁ ଶ୍ରେଷ୍ଠ ପ୍ରେମିକ ଏ ଦୁନିଆରେ ପାଇବ ନାହିଁ। ଯେ ନିର୍ଭେଜାଲ ଭଲ ପାଇପାରେ। ସବୁ ଅତୀତର ଇତିହାସକୁ ପଛକରି ତୁମକୁ ସତୀ ପରି ପୂଜା କରିପାରେ। ଯେ ପ୍ରେମକୁ ଶ୍ରେଷ୍ଠ ତପସ୍ୟା ଭାବେ। ଯେ ପ୍ରେମିକାକୁ ପୂଜା କରିପାରେ। ଦେହରେ ନୁହେଁ ଆତ୍ମାରୁ ଖୋଜେ। ତାସହ ଖେଳିବ, ବୁଲିବ, ହସିବ, ଡେଇଁବ, ଖାଇବ.... । କିନ୍ତୁ ତାକୁ ନଷ୍ଟ କରିବ ନାହିଁ। ପ୍ରେମିକା ତା'ର ଦେବୀଟିଏ !

- ମୁଁ ବୁଝୁଛି ମୁଁ ପ୍ରେମ କରିବା ଶିଖି ନାହିଁ। ପ୍ରେମିକ ପାଖରେ ଯେଉଁ ଶବ୍ଦରେ ଯାଦୁଥିବା କଥା, ସେ ଯାଦୁ କରିପାରୁନି। ସତ କହିଦିଏ...ମତେ କ'ଣ ହୁଏ କେଜାଣି ମୁଁ ସତ କହିଦିଏ!! ସେପାଇଁ ମୋର ପ୍ରେମିକା କିଏ ରହେନି ବେଶୀଦିନ!! କଣ୍ଠରେ ହତାଶ ଥିଲା, ଦୁଃଖ ଥିଲା।

- ଏତେ ବି ସତ କୁହନା, ଯେକେହି ସତକୁ ସହ୍ୟ କରିପାରିବେ ନାହିଁ। - ବିବସ ହୋଇ କହିଥିଲା ମାନିନୀ।

ହଁ ଜାଣୁଛି ମୁଁ ଅସଭ୍ୟ, ମୋ ଶବ୍ଦରେ ବାଡ଼ବତା ନାହିଁ, କିନ୍ତୁ ମୁଁ ଏତେ ଖରାପ ମଧ୍ୟ ନୁହେଁ। ମୁଁ ପ୍ରେମ ଖୋଜୁଛି। ପ୍ରେମିକା ଖୋଜୁଛି, ଯେ ରହିବ ମୋ ସହ ଜୀବନର ଶେଷଯାଏ। ମୁଁ ବଦଳି ଯିବାକୁ ଚେଷ୍ଟା କରିବି। ତୁମେ ଜାଣି ରଖ।

କିନ୍ତୁ ସ୍ଥିର କିଛି ମଧ୍ୟ ନୁହେଁ। ଏ ଜୀବନ କିମ୍ବା ସମ୍ପର୍କ ମଧ୍ୟ ଚିରସ୍ଥାୟୀ ନୁହେଁ। ଖୁବ୍ ଅନ୍ତରଙ୍ଗ ଆପଣାର ବୋଧ ହଉଥିବା ସବୁଠାରୁ ପ୍ରିୟ ମଣିଷଟା ଦିନେ ସେତେ ପ୍ରିୟ ରହେ ନାହିଁ। ସମୟ ସହ ବଦଳିଯାଏ ସବୁ। ଏଇ ବଦଳିବା କିଛି ଭୁଲ୍ ନୁହେଁ – ଏହା ହିଁ ସତ୍ୟ !! ଏହାକୁ ଗ୍ରହଣ କରିବା ଉଚିତ।

- ହା...ହା...ହା... ଯାହା ବଦଳିଯାଏ ତା' କି ପ୍ରେମ। ଯାହା ଛାତିରେ ନ ରହେ ସେ କି ପ୍ରେମ, ଯାହା ତୁମକୁ ଚିରକାଳ ଆବଦ୍ଧ କରେ ବଦଳିଯିବାର ରାସ୍ତା ଦେଖାଏ ସେ କି ସମ୍ପର୍କ... ?? ଉଚ୍ଚ ହାସ୍ୟ କରି କହିଲା ଆକାଶ।

ମାନଚିତ୍ରର ଅନେକ କଥା ବଦଳିଯିବ, ମାତ୍ର ପ୍ରତ୍ୟେକ ଦିନ ନୂଆ ହୋଇ ସମ୍ପର୍କରେ ନୂତନତା ଆଣୁଥିବ।

ଜାଣୁ ଆକସ୍ମିକ ଦୁଃଘଟଣା ବା ଘଟଣାରୁ ତିଆରି ହୁଏ ସମ୍ପର୍କ। ଯେବେ ଅଡୁଆସୂତା ଖିଅ ହୋଇଯାଏ, ସେତେ ନିବିଡ଼ ହୋଇଯାଏ। ଆଉ ସେଥିରୁ ମୁକୁଳି ନ ପାରିବା ହିଁ ସମ୍ପର୍କର ମାଧୁର୍ଯ୍ୟ ଥାଏ!!

ଜୀବନ ଜୀଇଁ ପାରିଲେ ଖୁବ୍ ସୁନ୍ଦର। ନ ପାରିଲେ ଜୀବନ ଗୋଟେ ବୋଝ। ଦ୍ୱାପର ହେଉ କି ତ୍ରେତୟା ଅବା କଳି ସବୁକାଳେ ରାବଣର ମୃତ୍ୟୁ ସୁନିଶ୍ଚିତ!!- ଏତେ ସବୁ କଥା କହୁଥିବା ଲୋକ ଆଖିରେ ଲୁହ ଥିଲା। ସେ ଲୁହ କିନ୍ତୁ ଏକାନ୍ତ ନିଜସ୍ୱ, ଏକାନ୍ତ ଅନ୍ତରଙ୍ଗ।

ଦୁଃଖୀ ହୋଇ କହୁଥିଲା ଆକାଶ ଦାସ। ଲୁହ ଛଳ ଛଳ ଆଖିରେ କହିଲା – "ଜାଣ ତୁମେ ଏମିତି ପ୍ରେମାସ୍ପଦ, ତୁମକୁ ବୁଝାଇ ପାରୁନି କି ବୁଝି ମଧ୍ୟ ପାରୁନି। ଏମିତି ଜାଗାରେ ଅଛ ଯେଉଁଠି ମୁଁ ତୁମକୁ ପାର କରିପାରୁନି କି ପାଇ ମଧ୍ୟ ପାରୁନି। ତୁମକୁ ଅତିକ୍ରମ କରିଯିବାର କ୍ଷମତା ଯେମିତି ମୋ ପାଖରେ ନାହିଁ।"

ତୁମେ ଏମିତି ତର୍ପଣ ଯାହା ବିନା ପୂଜା ଅର୍ଘ୍ୟ। ତୁମେ ଏମିତି ଯେଉଁଠି ପ୍ରେମ ଓ ଘୃଣା ଏକାକାର। ଧର୍ମ ଓ ପ୍ରେମ ମଧ୍ୟରେ ଫରକ କିଛି ନାହିଁ। ଧର୍ମ ଓ ପ୍ରେମରେ ଶୁଦ୍ଧ ଭାବନା ଲୋଡ଼ା, ସୁଦ୍ଧ ମନୀଷା ଲୋଡ଼ା ଯାହା ତୋ ପାଖରେ ନାହିଁ। ତୁମେ ଗୋଟେ ପଥର।

ମାନିନୀ ନିରବ ହୋଇ ଯାଇଥିଲା – "ଅହଂକାରୀ ତୁମେ, କଦାପି ବଦଳିବ ନାହିଁ" ବୋଲି ବାହୁଡ଼ି ଗଲା।

ତୋ ପାଖରେ ମୁଣ୍ଡବାଡ଼େଇ ରକ୍ତାକ୍ତ ହେବା ଛଡ଼ା ଭିନ୍ନ କିଛି ପ୍ରାପ୍ତି ନାହିଁ। ସତକୁ ମୁଁ ରକ୍ତାକ୍ତ, କ୍ଷତାକ୍ତ, ଯନ୍ତ୍ରଣାରେ ଛଟପଟ ହଉଥିବା ରାବଣ ଯେ ଜାଣେ ସୀତାକୁ କଦାପି ପାଇବ ନାହିଁ। ସୀତା ହିଁ ତା'ର ମୃତ୍ୟୁର କାରଣ ସବୁ ସତ୍ତ୍ୱେ ସେ ସୀତାକୁ ପ୍ରେମ କରିବା ଛାଡ଼ିଲା ନାହିଁ!!

ଗୋଟେ ନିଷ୍ଫଳ ପ୍ରାର୍ଥନା ସହ ଆକାଶ ଦାସ ବସିଥିଲା ମନ୍ଦିର ବେଢ଼ାରେ। ଯେଉଁଠି ଚମ୍ପାଫୁଲର ମହକ, କୋଇଲିର କୁହୁତାନ ସତ୍ତ୍ୱେ ଗୋଟେ ନିର୍ଜନକୁଞ୍ଜର ହାହାକାର ଶୁଭୁଥିଲା ପବନରେ। ପବନର ବାସ୍ନାରେ ମଧ୍ୟ ଗୋଟେ ଅସହାୟ ଆବେଗ ବନେଇ ଦେଇଥିଲା ସ୍ରୋତର ଢେଉ ପରି ଆକାଶ ଦାସର ଛାତିରେ।


ପ୍ରିୟତମା ମାନିନୀ ଯେବେ ପ୍ରତିଶ୍ରୁତି ପରିହାର କରି ଅନ୍ୟ କାହାର ଜୀବନସାଥୀ ପାଲଟି ସାରିଥିଲା। ତଥାପି ଆକାଶ ଦାସ ଗୋଲାପି କାଗଜର ଡଙ୍ଗା କରି ତା' ଦେହରେ ନୀଳ ରଙ୍ଗର ସାହିରେ ମାନି... ଲେଖି ପାଣିରେ ଭସାଇ ଦେଉଥିଲା....!! ■

ଅଧ୍ୟାପିକା ଓଡ଼ିଆ ବିଭାଗ
ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ
ସେକ୍ଟର -୦୨, ରାଉରକେଲା-୨
ସୁନ୍ଦରଗଡ଼-୭୬୯୦୦୬

## ପୁସ୍ତକ ପରିଚୟ

### ବହ୍ନିକା

**ଶୁଭଶ୍ରୀ ଶୁଭସ୍ମିତା ମିଶ୍ର**





ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

"ଦେବୀ ତୁ ଦର୍ପଣରେ ମୋତେ ଦିଶୁଥାଉ ମୋର ଛାଇ ପରି/ ମୁଁ ତୋତେ ବାରମ୍ବାର ଆଉ ବାରମ୍ବାର ଗୋଟାଏ/ କେବେ ମୋ ଜେଜେମା'ର କବର ତଳୁ ତ/କେବେ ମୋ ବୋଉର ରକ୍ତଝରା ଜରାୟୁରୁ,/ ତୁ ପାହି ଆସୁଥାଉ ଦେବୀ/ ସୂର୍ଯ୍ୟାସ୍ତର ଲୋହିତ ଲାଲିମାରେ/ ତୋର ମୁହଁ ଦିଶେ ଧରିତ୍ରୀ ପରି,/ ତୋ ମୁହଁ ଦିଶେ ଧର୍ଷିତା ନାରୀ ପରି!" ( ଦେବୀସୂକ୍ତ) ଏଭଳି ଦେବୀ ଓ ନାରୀର ନାନା ରୂପ ପ୍ରତିଫଳିତ ହୋଇଛି ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କ 'ବହ୍ନିକା' କବିତା ପୁସ୍ତକରେ। କେବେ ନାରୀର କୋମଳ ରୂପକୁ ପୁଣି କେବେ ନାରୀର ମହିଷାମର୍ଦ୍ଦିନୀ ରୂପକୁ ଆଙ୍କିବାରେ କବି ବେଶ୍ ସିଦ୍ଧହସ୍ତ। 'ଦେବୀମୁହଁ', 'ଅଗ୍ନି ଓ ଅସ୍ତ୍ର', 'ଦେବୀ ଓ ରକ୍ତବୀର୍ଯ୍ୟ', 'ଦେବୀ ଓ ପ୍ରେମିକ', 'ରୂପଜୀବୀ', 'ଈଶ୍ୱରବୋଧ', 'ଅଭାଗ୍ୟଲିପି', 'ନିଆଁରଙ୍ଗ', 'ଯୁଦ୍ଧୋତ୍ତର ଜଣେ ସ୍ତ୍ରୀଲୋକର ଡାକ', 'ଈଶ୍ୱରଙ୍କ ମୃତ୍ୟୁରେ', 'ଆସନ୍ତା ଦୁର୍ଗାପୂଜା', 'ଜାତିଭେଦ', 'ଲିଲିଥ୍' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ନାରୀ ଆଖିର ଲୁହ, ହୃଦୟର ବେଦନା ଏହି ପୁସ୍ତକର ଅନେକ କବିତାରେ ପ୍ରସ୍ଫୁଟିତ ହୋଇଉଠିଛି ଜୀବନ୍ତ ଭାବେ। ସାମାଜିକ ଅବ୍ୟବସ୍ଥା, ସାମାଜିକ ମୂଲ୍ୟବୋଧର ଅବକ୍ଷୟ, ରୁଢ଼ିବାଦୀ ଚିନ୍ତାଧାରା, ନାରୀ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି ଅନେକ କବିତାରେ। 'ବହ୍ନିକା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ହରମାନ୍ ହେସ୍‌ଙ୍କ ସିଦ୍ଧାର୍ଥ

**ଅନୁସୃଜନ: ପ୍ରଦୀପ୍ତ ଶ୍ରୀଚନ୍ଦନ**




ଏଥେନା ବୁକ୍ସ
ଭୁବନେଶ୍ୱର
ତୃତୀୟ ସଂସ୍କରଣ: ୨୦୨୪
ମୂଲ୍ୟ: ୨୫୦ ଟଙ୍କା

ସମଗ୍ର ବିଶ୍ୱ ସାହିତ୍ୟରେ ଏକ କାଳଜୟୀ ଉପନ୍ୟାସ ହେଉଛି ହରମାନ୍ ହେସ୍‌ଙ୍କ 'ସିଦ୍ଧାର୍ଥ'। ଏହି ଲୋକପ୍ରିୟ ଉପନ୍ୟାସକୁ ଓଡ଼ିଆ ଭାଷାରେ ଅନୁସୃଜନ କରିଛନ୍ତି ପ୍ରଦୀପ୍ତ ଶ୍ରୀଚନ୍ଦନ। ବୌଦ୍ଧ ଯୁଗର ସମୟ ଓ ସମାଜ ଭିତ୍ତିଭୂମି ଉପରେ ଏହି ଉପନ୍ୟାସଟି ଆଧାରିତ। ଉପନ୍ୟାସର ମୁଖ୍ୟ ଚରିତ୍ର 'ସିଦ୍ଧାର୍ଥ'ଙ୍କ ଆତ୍ମଲିପିର ଏକ ସୃଜନାତ୍ମକ ପରିପ୍ରକାଶ ଏହି ଉପନ୍ୟାସ। ବୌଦ୍ଧ ଧର୍ମ ଓ ଦର୍ଶନର ପ୍ରତିଫଳନ 'ସିଦ୍ଧାର୍ଥ' ଉପନ୍ୟାସରେ ପାଠକମାନେ ଅନୁଭବ କରିପାରିବେ। ତତ୍କାଳୀନ ଜୀବନଧାରା, ସାମାଜିକ ପୃଷ୍ଠଭୂମି, ଆଧ୍ୟାତ୍ମିକ ଅବବୋଧ, ସତ୍ୟ ଓ ଶାନ୍ତିର ସନ୍ଧାନ, ଶାଶ୍ୱତ ମାନବୀୟ ପ୍ରେମର ବର୍ଣ୍ଣନା 'ସିଦ୍ଧାର୍ଥ' ଉପନ୍ୟାସକୁ ଅଧିକ ଲୋକପ୍ରିୟ କରିଛି। ନିର୍ବାଣ ନୁହେଁ ଜୀବନ ହିଁ ଲୋଡ଼ା- ଏହି ଦର୍ଶନ ପ୍ରତିଫଳିତ ହୋଇଛି ଉପନ୍ୟାସରେ । ସିଦ୍ଧାର୍ଥଙ୍କ ଜୀବନ, ଜିଜ୍ଞାସା, ଦର୍ଶନକୁ କେନ୍ଦ୍ର କରି ଉପନ୍ୟାସର କାହାଣୀ ଗତିଶୀଳ। ଉପନ୍ୟାସଟିକୁ ସୁଖପାଠ୍ୟ କରିବା ପାଇଁ 'ବ୍ରାହ୍ମଣ ପୁତ୍ର,'ଶ୍ରମଣମାନଙ୍କ ସହିତ', 'ଗୌତମ', 'ଜାଗୃତି', 'କମଳା', 'ଜନସମାଜରେ', 'ସଂସାର', 'ନଦୀ ତଟରେ', 'ନୌବାହକ', 'ପୁତ୍ର' ଆଦି କେତୋଟି ଭାଗରେ ବିଭକ୍ତ କରାଯାଇଛି। ସିଦ୍ଧାର୍ଥଙ୍କ ଜନ୍ମ, ଜୀବନ ଓ ପୁନର୍ଜନ୍ମକୁ କେନ୍ଦ୍ର କରି ଏକ ମହିମ୍ନ ଉପଲବ୍ଧି ଓ ସୃଜନଶୀଳତାର କଳାତ୍ମକ ପରିପ୍ରକାଶ ହେଉଛି 'ସିଦ୍ଧାର୍ଥ' ଉପନ୍ୟାସ। 'ସିଦ୍ଧାର୍ଥ' ଉପନ୍ୟାସଟି ପାଠକଙ୍କ ହୃଦୟସ୍ପର୍ଶୀ ହେବ ବୋଲି ଆଶା କରାଯାଏ। ■

## ସୁଇସାଇଡ୍ ନୋଟ୍

ବିରଜା ବଳ



ନା, ମୁଁ ଚୋରି କରିନି ମା' ।
ପେଟରେ ଭୋକର କଳାବାଦଲ
ଖେଳି ବୁଲୁଥିବା ବେଳେ
ଦୋକାନରୁ ପବନରେ ଉଡ଼ି ଆସିଥିବା
ପାଞ୍ଚଟଙ୍କିଆ ତିନି ପ୍ୟାକେଟ୍ ଚିପ୍ସ
ଗୋଟେଇ ଆଣିଥିଲି ମା'।
ଏତିକି ମୋ'ର ଅପରାଧ ।

ମୁଁ ଚୋର, ମତେ କାନଧରି ଉଠ୍ ବସ୍ କରାଯାଏ ଓ
ଆଣ୍ଠେଇ ଦିଆଯାଏ ମଝି ରାସ୍ତାରେ
ତାଚ୍ଛଲ୍ୟଭରା ହସରେ
ମୋ' ଗାଲରେ ବସୁଥାଏ
ଗୋଟିଏ ପରେ ଗୋଟିଏ ଚାପୁଡ଼ା
ଦିନ ମଝିର ଖରାର ତେଜରେ ମୋ' ବିକଳ ଅଭିମାନ
ମରିଯାଉଥାଏ ମା'।

ତୁମେ ଶିଖେଇଥିବା, ପ୍ରେମ, ଭଲପାଇବା ଓ
ମୋ'ର କୁନି କୁନି କଳ୍ପନା ନିରୀହ ଦୀର୍ଘଶ୍ୱାସରୁ ବାହାରି
କୁଆଡ଼େ ମିଳେଇ ଯାଉଥାଏ ମା'

ତୁମେ ଶିଖେଇଥିବା
ମଣିଷ ଓ ଭୂମିର କେତେ ଯେ କଥା
ମଣିଷ ଓ ଆକାଶର କେତେ ଯେ କଥା
ତୁମର ଗେହ୍ଲାପଣ ଓ ମୋ'ର ଚପଳପଣର
କେତେ ଯେ କଥା !!!
ମୋ'ର ଚୋରପଣକୁ ତମେ କ'ଣ ବିଶ୍ୱାସ କରିବ ମା'?

ତମଠୁ ଶିଖିଚି ଭୋକରେ ରହିବାର କଳା
ମୋ' ପାଟିରେ ଦୁଇଗୁଣ୍ଡା ଭାତ ଗୁଞ୍ଜିଦେଇ
ତମେ କେମିତି ଶୋଇପଡ଼ ଗଭୀର ନିଦ୍ରାରେ
ତୁମ ପେଟ ଉପରେ ମଥାରଖି
ଭୋକକୁ ମୁଁ ଶୁଣିପାରେ ତୁମ ପେଟର କଳକଳରେ ।

ମୁଁ ବୁଝିଯାଇଛି ଭୋକର ସ୍ୱାଦ ପରି
ଚୋରି ଜିନିଷର ସ୍ୱାଦ ନଥାଏ ମା'।


କାହିଁକି କେଜାଣି ଏ ସୁନ୍ଦର ପୃଥିବୀ ମୋ'ର
କ୍ଷଣକେ ନରକ ବୋଲି ପ୍ରତେ ହେଲା
ମଣିଷର ମାନବିକତା ମୋ' ପାଠ ବହିର
ଡାଇନୋସର ପରି ବିଲୁପ୍ତ ହୋଇଯାଉଥିଲା
ଜୀବନର ଆହତ ଫର୍ଦ୍ଦସବୁ ଫଡ଼ଫଡ଼ ହୋଇ
ଚିରିଗଲା ବେଳେ
ଜନ୍ମନେଲା ଏକ ସିଦ୍ଧାନ୍ତ
ମୋ' ଆଗରେ ପୁଣ୍ୟତୋୟା ଗଙ୍ଗାର
ଢେଉଢେଉକା ନୀଳ ଜଳରାଶି, ଉତ୍ତାଳ ତରଙ୍ଗ
ଛିଡ଼ିଗଲା ମୋ'ର ସବୁ ଆଶା,
ଆକାଂକ୍ଷାର ରଙ୍ଗିନ ଜାଲ ମା' ।

ନା, ମୁଁ ଚୋରି କରିନି ମା'
ନା, ମୁଁ ଚୋରି କରିନି ମା'

ଏ ପତ୍ର ପଢ଼ିସାରିଲା ପରେ
ତୁମ କୋଳ ଉପରେ ମତେ ଅନୁଭବ କରିବ ମା'
ଗୋଟେ ମଲା କୁନି ପୃଥିବୀକୁ
ଥରୁଟିଏ ଆଲିଙ୍ଗନ କରିବ ମା'
ମୋ' ନିରପରାଧ ଛାଇଟିକୁ କ୍ଷମା କରିଦବ ମା' । ■

(କବିତାର ବସ୍ତୁ ଆହରଣ : ପ୍ରିୟ ଅନୁସୃଜକ ପ୍ରଦୀପ କୁମାର ରାୟଙ୍କ ଫେସ୍‌ବୁକ ଆଲେଖରୁ । ପଶ୍ଚିମବଙ୍ଗର ପାଁଶକୁଡ଼ାର ତେର ବର୍ଷର ବାଳକ କୃଷ୍ଣେନ୍ଦୁର କରୁଣ ଆତ୍ମହତ୍ୟାର କାହାଣୀ)

ଚିତ୍ରକଳ୍ପ
ବାଲିଗଣ୍ଡ, କୁଆଁରପୁର
ରାମବାଗ, ଯାଜପୁର -୧୪
ମୋ : ୭୭୯୦୦୦୩୪୪୨



## ବାପା

ଅୟସ୍‌କାନ୍ତ



କି ହେବ ବାପା ହେ
ତମ ବନ୍ଦ ବାକ୍ସ ଭିତରର
ଆଣ୍ଠୁ ନ ନୁଚା ଖଦୀ
ଗୋଲ ଚଷମା
ଅଣ୍ଟା ବନ୍ଧା ଘଡ଼ି
ତମ ନୂଆନୂଆ ସତ୍ୟାଗ୍ରହରେ
ଆଗ୍ରହ ଥିଲେବି,
ଆଉ ଚାଲିପାରେ ନାହିଁ
ଏବେତ
ମୁଁ ଚାଲେନା
ତମେ ଚାଲନା
ତବେ ଚାଲେ
କା' ଛାଇ
କା' ଛାଇ
କା' ଛାଇ!
ତୁଚ୍ଛାଟାରେ ସିନା ସାବରମତୀରେ
ବଂଶୀ ବାହୁନଇ
ମୁଁ ଚାଲେନା
ତମେ ଚାଲନା
ଚାଲେ ଛାଇ
ଚାଲେ ଛାଇ
ଚାଲେ ଛାଇ! ■

ଗ୍ରାମ୍ୟ ନିର୍ମାଣ ଉପବିଭାଜନ
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୮୭୬୩୩୯୩୧୧୬

## କବିତାରେ ଉତ୍ତର ଆଧୁନିକତା

ଡକ୍ଟର ଚନ୍ଦ୍ରକଳା ନାୟକ



ଅନେକ ସାହିତ୍ୟିକଙ୍କ ମତ ଉତ୍ତର ଆଧୁନିକ କବିତା କିଛି ବି ନାହିଁ। ଏହା କେବଳ ଏକ ଶାବ୍ଦିକ ଚାତୁରୀ। ଉତ୍ତର ଆଧୁନିକ ତତ୍ତ୍ୱ ପାଶ୍ଚାତ୍ୟ ସାହିତ୍ୟର ଏକ ଆଧାରିତ ଶବ୍ଦ। ବିଶେଷ ଭାବେ କବିତା ରଚନା କ୍ଷେତ୍ରରେ ଉତ୍ତର ଆଧୁନିକ ତତ୍ତ୍ୱଟି ଆଦୌ ଗ୍ରହଣୀୟ ନୁହେଁ। ଆଧୁନିକ ତ ବୁଝାପଡ଼େ। କିନ୍ତୁ ଉତ୍ତର ଆଧୁନିକ କ'ଣ ? ବୋଧହୁଏ ଏହା ଏକ ସମୟର କବିତା। ୧୯୮୦ ପରବର୍ତ୍ତୀ କବିତାର ଧାରା ଉତ୍ତର ଆଧୁନିକତା ବୋଲି ଗ୍ରହଣ କରାଯାଇଛି। ଏଭଳି ଦ୍ୱନ୍ଦ୍ୱ ତ ସଦାସର୍ବଦା ଲାଗିଛି। ଏହାର ନିଷ୍କର୍ଷ ମଧ୍ୟ କଠିନ।

ବାସ୍ତବ ସତ୍ୟ ଏହା ଯେ, ଏହା ପାଶ୍ଚାତ୍ୟ ସାହିତ୍ୟର ଏକ ତତ୍ତ୍ୱ। ଏମିତି ଦେଖିଲେ ଅନେକ ତତ୍ତ୍ୱ ଅଛି, ଯଥା – ବାମବାଦ, ରହସ୍ୟବାଦ, ମାକ୍ସବାଦ, ପ୍ରୟୋଗବାଦ, ଅସ୍ତିତ୍ୱବାଦ, ଅତି ବାସ୍ତବବାଦ। ଏସବୁ ପାଶ୍ଚାତ୍ୟ ସାହିତ୍ୟରୁ ଆଧାରିତ। ଏସବୁକୁ ଆମେ ଆମ ସାହିତ୍ୟରେ ପରୀକ୍ଷାଧର୍ମୀ ଭାବରେ ଗ୍ରହଣ କରିଛେ। ଯଥାସାଧ୍ୟ ପ୍ରୟୋଗ ବି କରିଛେ। ତେବେ ଏଥିରେ ଦ୍ୱନ୍ଦ୍ୱ ରହିବା ଅନାବଶ୍ୟକ। ଆଧୁନିକ ଶବ୍ଦକୁ ନେଇ ମଧ୍ୟ ଅନେକ ଦ୍ୱନ୍ଦ୍ୱ। ଆଧୁନିକ କବିତାଗୁଡ଼ିକ ମଧ୍ୟ ଅନେକ ସମାଲୋଚନାର ଶରବ୍ୟ ହୋଇଛି। ଏହାର କାରଣ ହେଉଛି, ଆଧୁନିକ କବିତାର ଦୁର୍ବୋଧ୍ୟତା, କ୍ଲିଷ୍ଟତା, ଅବୋଧତା ଏବଂ ପାଠକୀୟ ଗ୍ରହଣୀୟତାଠାରୁ ଦୂରରେ ରହିବା। କେବଳ ଆଧୁନିକ କବିତା ବୌଦ୍ଧିକତା ମଧ୍ୟରେ ସୀମାବଦ୍ଧ ହେବା। ଏହି ଆଧୁନିକ କବିତା ନିର୍ଦ୍ଦିଷ୍ଟ ଶ୍ରେଣୀର ପାଠକଙ୍କ ପାଇଁ ରଚିତ ହୋଇଥାଏ। ସାଧାରଣ ମଣିଷର ଚେତନ ଶକ୍ତିକୁ ଏହା ଛୁଇଁ ପାରିନାହିଁ। ତଥାପି ସାହିତ୍ୟରେ ଏହାର ପରୀକ୍ଷା ଅନବରତ ଚାଲିଛି। ଗଦ୍ୟମୟତା ଏହାର ମୁଖ୍ୟ ବିଷୟ। ସାଧାରଣ ଭାବେ ତାର ଅନ୍ତସତ୍ତାକୁ ବୁଝିବା କଷ୍ଟସାଧ୍ୟ। ବାସ୍ତବ ସତ୍ୟଟି ହେଉଛି, ଏହା ପାଶ୍ଚାତ୍ୟ ସାହିତ୍ୟର ଆତ୍ମିକ ସତ୍ତାର ଅନୁକରଣ। ଆମର ନିଜସ୍ୱ ପ୍ରାୟତଃ ଏଥିରେ କିଛି ନାହିଁ। ଇଲିୟାଟୀୟ କାବ୍ୟ ଦୃଷ୍ଟିରୁ ଏହା ମୋହାବିଷ୍ଟ ।

ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କଠାରୁ ଅଦ୍ୟାବଧି ଅନେକ କବିତା ଏହି ଧାରାରେ ରଚନା କରାଯାଇଛି। ହୁଏତ ସବୁ କବିତା ଏହି ଧାରାର ଅନ୍ତର୍ଭୁକ୍ତ ନୁହନ୍ତି । କହିବାକୁ ଗଲେ ଉତ୍ତର ଆଧୁନିକ କବିତା ଦୁର୍ବୋଧ୍ୟତା ବିରୋଧରେ ଏକ ପ୍ରତିବାଦ। ପାଠକ ଓ ଲେଖକଙ୍କ ମଧ୍ୟରେ ଦୂରତା ହ୍ରାସ କରିବାର ଏକ ପ୍ରୟାସ। ପାଠକର ନିକଟତର ହେବାକୁ କବିଟିର ଏହା ପ୍ରଥମ ଅଭିଳାଷ। ଉତ୍ତର ଆଧୁନିକ କବିତା – ସମାଜର ପ୍ରତିନିଧିଟିଏ। ଏହା କୌଣସି ବ୍ୟକ୍ତିର ଜାଗିର ନୁହେଁ, ବରଂ ଏହା ସର୍ବଜନାଦୃତ ଶ୍ରୋତଟିଏ । ଗୋଟିଏ ଅର୍ଥରେ କହିଲେ ପାଠକର ଗ୍ରହଣୀୟତା ହିଁ ଉତ୍ତର ଆଧୁନିକତା। କବିଟିଏ କେବେ ବି ଅହଂକାରୀ ନହେଉ ଏହି ମୂଳତତ୍ତ୍ୱକୁ ଉତ୍ତର ଆଧୁନିକ କବିତା ବଖାଣିଥାଏ।

ରହସ୍ୟମୟତାକୁ ପରିତ୍ୟାଗ କରି ବାସ୍ତବତାରେ ସେ ବିଶ୍ୱାସ କରେ। ମାଟି ପ୍ରତି ଅହେତୁକ ମୋହ ଉତ୍ତର ଆଧୁନିକ କବିତାର ପ୍ରମୁଖ ବିଭବ। ଆଧ୍ୟାତ୍ମିକତା ଅପେକ୍ଷା ଜୀବନ ଜଗତ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଥାଏ। ଉତ୍ତର ଆଧୁନିକ କବିଟିଏ କେବଳ ଅନ୍ୟର ଇଚ୍ଛା ଅଭୀପ୍ସାକୁ କୋଳାଗତ କରିଛି । ଆତ୍ମ ସଚେତନ ହୋଇ ଆତ୍ମ ଆବିଷ୍କାରକ ହେବା କବି ପାଇଁ ଏକ ସଂକେତ ଆଣିଛି। କାରଣ ଉତ୍ତର ଆଧୁନିକ କବିତାରେ କବିତା ନିଜସ୍ୱ ଚେତନାର ଅଭିବ୍ୟକ୍ତି ସାଜିଥାଏ । ସମାଜ ସହିତ ତା'ର ସଂପୃକ୍ତି, ପାରିପାର୍ଶ୍ୱିକ ପରିବେଶ ପ୍ରତି ଆସକ୍ତି, ନିଜ ଭିତରେ ଅନ୍ୟର ଅନ୍ୱେଷଣ, ଅନ୍ୟ ପ୍ରତି ନିଜର ଅନ୍ତରଙ୍ଗତା, ବିଶେଷ ଭାବରେ ହୃଦୟଶୀଳତା ହିଁ ଏହାର ପ୍ରକୃତ ଉତ୍ସ।

ଉତ୍ତର ଆଧୁନିକ କବି କେବେ ବି ପଳାୟନବାଦୀ ନୁହେଁ। ଜୀବନର ବିବିଧ କ୍ଷେତ୍ରକୁ ସାମ୍ନା ବି କରେ, ତା'ର ସମାଧାନର ବାଟ ବି ଫିଟାଏ। ପରମ୍ପରାକୁ ପୁନଃ ଭାବରେ ଗଢ଼ି ତୋଳେ। ଏହି ଧାରାର କବିଟିଏ ନୂତନ ସାଂସ୍କୃତିକ, ଐତିହାସିକ ଓ ନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରେ। ବିଶ୍ୱାସ ରଖେ - ବ୍ୟକ୍ତିର ସ୍ୱତନ୍ତ୍ରତାରେ ଏବଂ ସାଧାରଣ ମଣିଷର ଅନ୍ତସତ୍ତାରେ। ଆତ୍ମିକ ଆବେଦନ ହିଁ କବିତାଟିକୁ ପୂର୍ଣ୍ଣ ରୂପ ପ୍ରଦାନ କରିଥାଏ। ଆଧୁନିକ କବିତାର ସମସ୍ତ ସଂଜ୍ଞାକୁ ଉତ୍ତର ଆଧୁନିକ କବିତା ବିଶ୍ୱାସ କରେନାହିଁ। ବ୍ୟକ୍ତି ସତ୍ତା ଜୀବନ ଜିଜ୍ଞାସା ସହ ସମାହିତ ହୋଇ ଏଥିରେ ଅଭିବ୍ୟକ୍ତ ହୁଏ । ଏହାର କାବ୍ୟିକ ସ୍ୱର କରୁଣା ବିଚଳିତ, କୋମଳତାରେ ସ୍ନିଗ୍ଧତା, ହୃଦୟବତ୍ତା, ଅନ୍ତରଙ୍ଗତା କାବ୍ୟିକ ଚେତନାର ଭୂମି ହୋଇ ଥିବାରୁ ପାଠକଙ୍କୁ ଖୁବ୍ ସ୍ପର୍ଶ କରିପାରେ। କବିତାରେ ଈଶ୍ୱର ଅପେକ୍ଷା ମଣିଷ, ଆଧ୍ୟାତ୍ମିକତା ଅପେକ୍ଷା ମାନବିକତା, ପଳାୟନ ଅପେକ୍ଷା ପରିଗ୍ରହଣତା ଅଧିକ ସଂଗଠିତ ହୋଇଛି। ଉତ୍ତର ଆଧୁନିକ କବିତା ନିଃସଙ୍ଗତା, ବୀତସ୍ପୃହତା, ସ୍ୱପ୍ନ ଭଙ୍ଗରେ ଆଦୌ ଭରସା କରେ ନାହିଁ। ଉତ୍ତର ଆଧୁନିକ କବିତା ଅନ୍ଧାର ଭିତରେ ଏକ ଆଲୋକର ଅନ୍ୱେଷଣ କରେ।

ଲଣ୍ଡନ ପୋଲ ଭାଙ୍ଗି ଯିବାର ଏକ ପୁରୋଦୃଷ୍ଟି ସମ୍ପନ୍ନ ପ୍ରତୀକାତ୍ମକ ବିବିଧତା ଉତ୍ତର ଆଧୁନିକ କବିକୁ କେବେ ବି ବ୍ୟତିବ୍ୟସ୍ତ କରିନାହିଁ। ବର୍ଣ୍ଣବୈଷମ୍ୟ, ମଦମୃତ୍ୟୁ, ବିସ୍ଥାପିତଙ୍କ ଅସହାୟତା, କନ୍ଧମାଳର ଦଙ୍ଗା, ଭଣ୍ଡବାବା, ମହିଳାଙ୍କୁ ହତ୍ୟା – ଏହିଭଳି ନିଷ୍ପେଷିତ ଓ ନିପୀଡ଼ିତ ମାନବାତ୍ମର ସ୍ୱରକୁ ଏହା ବାରମ୍ବାର ଅନୁରଣିତ କରିଛି। ଏଗୁଡ଼ିକ ଉତ୍ତର ଆଧୁନିକ କବିତାର କେତେକ ଉପଜୀବ୍ୟ କାବ୍ୟବସ୍ତୁ।

ଉତ୍ତର ଆଧୁନିକ କବିଟିର ସାମ୍ୟବାଦୀ ଦୃଷ୍ଟି ତୀକ୍ଷ୍ଣ, ସ୍ୱଷ୍ଟ, ସତ୍ୟନିଷ୍ଠ। ଏହା ହୃଦୟର ଏକ କାରୁଣିକ ଉପଲବ୍ଧ। ଅନ୍ୟର ଦୁଃଖ ଓ ଉତ୍ପୀଡ଼ନକୁ ନିଜ ଭିତରେ ଆତ୍ମସ୍ଥ କରିବାର ସମସ୍ତ ଭାବନା ତା ଭିତରେ ଉପଲବ୍ଧ କରିହୁଏ। ଉତ୍ତର ଆଧୁନିକ କବିତାର ସାମ୍ୟବାଦୀ ଦୃଷ୍ଟି ବିଶେଷ ଭାବେ ସହାନୁଭୂତି ସମ୍ପନ୍ନ, ଆନ୍ତରିକ, ବ୍ୟକ୍ତିପକ୍ଷ ଓ ଅଭିବ୍ୟକ୍ତି ପକ୍ଷ ଭିତରେ ସନ୍ତୁଳନଟିଏ ବେଶ ସ୍ପଷ୍ଟ। ସ୍ୱାଭାବିକ ଭାବେ ବ୍ୟକ୍ତିଗତ ସ୍ୱତନ୍ତ୍ର ଅନୁଭୂତି ଅନୁଭବର ସାଧାରଣୀକରଣ ମଧ୍ୟରେ ସମ୍ଭବ ହୋଇ ପାରିଛି। ଯଥାର୍ଥରେ ଏଗୁଡ଼ିକ ହିଁ ଉତ୍ତର ଆଧୁନିକ କବିତାର ଆତ୍ମିକ ଭାବବସ୍ତୁ । କିନ୍ତୁ ଏହାର ଆଙ୍ଗିକ ଶୈଷ୍ଠବ ଆତ୍ମା ସହିତ ସଂପୃକ୍ତ।

ଜଣେ ବିଶିଷ୍ଟ କବିଙ୍କ ଭାଷାରେ କବିର ଆଙ୍ଗିକ ହିଁ ଆତ୍ମିକ। ଯେଉଁଥିରେ ଭାବଟି ଗମ୍ଭୀର ଥିବ, କିନ୍ତୁ ଅଙ୍ଗ ଯଦି ଦୁର୍ବଳ ହେବ ତେବେ ତାହା ସଫଳ କବିତା ସୃଷ୍ଟି କରିବା ଅସମ୍ଭବ । ଶବ୍ଦଚିତ୍ର ପ୍ରୟୋଗ ଆଜିର ନୁହେଁ। ମାଟିର ମହାକବି ଶୁଦ୍ରମୁନି ଶାରଳା ଦାସଙ୍କଠାରୁ ଏପର୍ଯ୍ୟନ୍ତ ଏହା କବିତାର ପ୍ରମୁଖ ବିଭବ। ଶବ୍ଦଚିତ୍ର ହିଁ କାବ୍ୟିକ ଭାବାବେଗକୁ ସାନ୍ଦ୍ର କରିଥାଏ । ଶବ୍ଦର ଚୁମ୍ବକୀୟ ଶକ୍ତି ଦ୍ୱାରା ଚିତ୍ରଟି ଆମ ଅନ୍ତରର ଗଭୀରତାକୁ ସ୍ପର୍ଶ କରିଥାଏ। ଚିତ୍ରକଳ୍ପଟିଏ ତ ଆମର ମନନ ଶୀଳତାକୁ ଖୋରାକ ଯୋଗାଇ ଥାଏ। ମାତ୍ର ଅତ୍ୟଧିକ ବିମ୍ବ ପ୍ରୟୋଗ ଦ୍ୱାରା କବିତାକୁ ନିମ୍ନଗାମୀ କରି ଗଢ଼ି ତୋଳେ। ବିଶ୍ୱବ୍ୟାପୀ କାବ୍ୟାଦର୍ଶକୁ ଅନୁକରଣ ଗୁଡ଼ାଏ ଅଯୌକ୍ତିକ ଶବ୍ଦଚିତ୍ର ନିର୍ମାଣ କରିବାର ମାର୍ଗ ଦେଖାଉଛି। ଆତ୍ମଦର୍ଶୀ ସମାଲୋଚକଙ୍କ ଉତ୍ସାହ ପାଇଁ ସିଧାସଳଖ କଥା କହିବାର ଯେଉଁ ଶୈଳୀ ଆମେ ଗ୍ରହଣ କରିବା ଆରମ୍ଭ କରିଛେ, ସେଥିରେ ବିମ୍ବ ତ ରହିବ, ହେଲେ ତାହା କବିତାକୁ ଭାରାକ୍ରାନ୍ତ କରିବ ନାହିଁ। କବି ବିଶ୍ୱର ଆଶ୍ରୟ ନେଇ ବାସ୍ତବ ସତ୍ୟକୁ କେବେ ବି ପ୍ରତାରିତ କରି ପାରିବ ନାହିଁ। ଗୋଟିଏ ବାକ ବିମ୍ବରେ ଯାହା ସତ୍ୟ ତାହାକୁ ସ୍ପଷ୍ଟ ଭାବେ ପ୍ରକାଶ କରିବ। ଏହି ଧର୍ମରେ ଉତ୍ତର ଆଧୁନିକ କବିତା ଇନ୍ଦ୍ରିୟବୋଧ ଓ ଭାବର ସଂପ୍ରସାରଣ ହରାଇ ନାହିଁ। ଏହି କବିତା ଧୀରେ ଧୀରେ ଜଟିଳତାରୁ କିପରି ମୁକ୍ତ ହେବାକୁ ତା'ର ପ୍ରୟାସ ଆରମ୍ଭ କରିଛି। କବିତା ସର୍ବଦା ସ୍ୱୟଂ ସଂପୂର୍ଣ୍ଣ । ଶବ୍ଦଚିତ୍ର ଓ କଥାକଳ୍ପ ଯେ ଉତ୍ତର ଆଧୁନିକ କବିତାରେ ନାହିଁ, ତାହା କହିହେବ ନାହିଁ । କିନ୍ତୁ ତାହା ସାର୍ବଜନୀନତା ଓ ବୋଧଗମ୍ୟତାକୁ ବଜାଇ ରଖିଛି । ସାଧାରଣ ଜୀବନରୁ ତଥ୍ୟ ଆହରଣ କରି ଏହାର ସାର୍ବଜନୀନତା ସର୍ବୋତ୍କୃଷ୍ଟ ହୋଇ ପାରିଛି । ଭାଷା ଓ ଭାବର ସରଳତା , ସ୍ୱଚ୍ଛନ୍ଦତା ଉତ୍ତର ଆଧୁନିକ କବିତାର ଅନ୍ୟତମ ମୁଖ୍ୟ ବୈଶିଷ୍ଟ୍ୟ।

ଉତ୍ତର ଆଧୁନିକ କବିତାର କବି ଚେତନାରେ ଯେଉଁ ଶବ୍ଦଚିତ୍ର ନିର୍ମାଣ କରେ, ସେହି ବିମ୍ବ ଆମ ଭାବବିଶ୍ୱରେ ସହଜରେ ପ୍ରତିଫଳିତ କରେ। ଆମ କଳ୍ପନାର ପରିସରକୁ ପରିବ୍ୟାପ୍ତ କରେ। କବିର ଏକ ପୂର୍ଣ୍ଣାଙ୍ଗ ରୂପରେଖ ତିଆରି କରିବା ସହ ଅନୁଭବକୁ ଏକ ଶାବ୍ଦିକ ଗୁଣ ପ୍ରଦାନ କରେ। ଉତ୍ତର ଆଧୁନିକ କବିତା କବିର ମାନସିକ ଅନ୍ତଃସ୍ୱର ହୋଇ ଥିବାରୁ ରୂପ ବିନ୍ୟାସ ଅପେକ୍ଷା ଭାବ ବିନ୍ୟାସକୁ ଯଥେଷ୍ଟ ଗୁରୁତ୍ୱ ଦିଏ।

ଉତ୍ତର ଆଧୁନିକ କବିତା ବୁଦ୍ଧିର ବିପ୍ଳବ ନୁହେଁ। ଏହା ହୃଦୟର ବିପ୍ଳବ। ଉତ୍ତର ଆଧୁନିକ କବିତା ସିଧା ସଳଖ ହୃଦୟକୁ ଛୁଏଁ। ଭାଷାର ଆନୁଷ୍ଠାନିକତାରୁ ଏହା ଅନେକ ପରିମାଣରେ ବିମୁକ୍ତ। ଆଳଙ୍କାରିକ ଆଟୋପ ନାହିଁ ସତ, ଅଛି ଏଥିରେ ନିଷ୍କପଟ ସ୍ୱାଭାବିକତା। ସର୍ବଶେଷରେ ଉତ୍ତର ଆଧୁନିକ କବିତା ଏକ ଅନୁଶୀଳନାତ୍ମକ ଆଲେଖ୍ୟ। ବିବିଧତାରେ ବିଶ୍ୱାସ କରୁଥିବା ଏହି କବିତା, ଆଙ୍ଗିକର ବିବିଧତାକୁ ମଧ୍ୟ ସମ୍ମାନର ସହ ଗ୍ରହଣ କରିଥାଏ। ■

ଅଧ୍ୟାପିକା
ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ
ଛତିଆ, ଯାଜପୁର
ମୋ: ୯୪୩୭୯୫୭୬୧୭

ଛାତ୍ରଙ୍କ ଆଖିରେ ସହପାଠୀ ଫେଭି-କୁଇକ୍ ଲଗାଇବା ଘଟଣା

## ପ୍ରଧାନ ଶିକ୍ଷକ ନିଲମ୍ବିତ

ଫିରିଙ୍ଗିଆ, ୧୩।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ପଞ୍ଚାୟତ ସଲାଗୁଡ଼ା ସେବାଶ୍ରମରେ ୮ ଜଣ ତୃତୀୟ ଓ ଚତୁର୍ଥଶ୍ରେଣୀ ଛାତ୍ରଙ୍କ ଆଖିରେ ସହପାଠୀ ଫେଭିକୁଇକ ଲଗାଇବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଜିଲ୍ଲାପାଳ ବେଦଭୂଷଣ ଏହି ଘଟଣାରେ ସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁଙ୍କୁ ନିଲମ୍ବନ କରିଛନ୍ତି। କାର୍ଯ୍ୟରେ ଅବହେଳା, ବିଦ୍ୟାଳୟରେ ଅନୁପସ୍ଥିତ ରହିବା ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ରାତିରେ ସେବାଶ୍ରମରେ ସମସ୍ତେ ଖାଇପିଇ ଶୋଇଥିବା ବେଳେ ୪ର୍ଥ ଓ ୫ମରେ ପଢୁଥିବା ୮ ଛାତ୍ରଙ୍କ ଆଖିରେ ସେମାନଙ୍କର କିଛି ସହପାଠୀ ଫେଭିକୁଇକ୍ ଲଗାଇ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭ଜଣଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ଅଣାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଭଲ ନ ଥିବା ଜଣାପଡ଼ିଛି। ବିଦ୍ୟାଳୟରେ ଶିକ୍ଷକଙ୍କ ଅବହେଳାରୁ ଏଭଳି ଘଟିଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ବ୍ୟକ୍ତିଗତ କାର୍ଯ୍ୟରେ ଆଶାକର୍ମୀଙ୍କୁ ନିୟୋଜିତ କରୁଛନ୍ତି ଏଏନ୍‌ଏମ୍

■ କାମ ନ କଲେ ଚାକିରିରୁ ବିଦା ଧମକ

■ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ସିଡିଏମ୍‌ଓ



ମୋହନା,୧୩।୯ (ସମିସ): ସୁରକ୍ଷିତ ମାତୃତ୍ୱ ଲାଭ କରିବାରେ ସହଯୋଗ ସହ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ସ୍ଥାନରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲିଛନ୍ତି। ପ୍ରତ୍ୟେକ ଆରୋଗ୍ୟ କେନ୍ଦ୍ରରେ ଜଣେ ଲେଖାଏଁ ଏଏନ୍‌ଏମ୍ ନିଯୁକ୍ତ କରିବା ସହ ତାଙ୍କ ଅଧୀନରେ ଆଶାକର୍ମୀଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। କିନ୍ତୁ ଉପାନ୍ତ ଅଞ୍ଚଳରେ ଆଶାକର୍ମୀଙ୍କୁ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ ସହ ଏଏନ୍‌ଏମ୍ ନିଜ ସରକାରୀ ଗୃହର ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଭଳି ସଂଗୀନ ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି ଗଜପତି ଜିଲ୍ଲା ମୋହନା ବ୍ଲକର ବୁଡୁଲି ସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ। ସେଠାରେ ଦାୟିତ୍ୱରେ ଥିବା ଏଏନ୍‌ଏମ୍ ବିଶ୍ୱରଞ୍ଜନୀ ପାଣି ସେକ୍ଟରର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଆଶାକର୍ମୀଙ୍କୁ ଉପକେନ୍ଦ୍ରର ସଫେଇ, ବଗିଚା କାମ, ଘାସବଛା ଆଦି କାର୍ଯ୍ୟରେ ଲଗାଉଥିବା ଆଶାକର୍ମୀମାନେ ଅଭିଯୋଗ କରୁଛନ୍ତି। ଯଦି କେହି କାର୍ଯ୍ୟ କରିବାକୁ ଅମଙ୍ଗ ହୁଏ, ତାକୁ ଉପର ଅଧିକାରୀଙ୍କୁ କହି ଚାକିରିରୁ ବାହାର କରିବାର ଧମକ ମଧ୍ୟ ଦେଉଛନ୍ତି ଏଏନ୍‌ଏମ୍। ଏନେଇ ଗ୍ରାମବାସୀ, ଜନପ୍ରତିନିଧି ଅବଗତ ହେବା ପରେ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏଏନ୍‌ଏମ୍‌ଙ୍କ ମନମୁଖୀ କାର୍ଯ୍ୟ ସମ୍ପର୍କରେ ଲିଖିତ ଭାବେ ଏକ ଅଭିଯୋଗ ପ୍ରଦାନ କରିଛନ୍ତି। ଏଭଳି ଦବଙ୍ଗ କାର୍ଯ୍ୟଶୈଳୀ ପ୍ରଦର୍ଶନ କରୁଥିବା ଏଏନ୍‌ଏମ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।

ଏନେଇ ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏମ୍.ଏମ୍ ଅଲ୍ଲୀଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ, ଅଭିଯୋଗ ପାଇବା ପରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୟ ପଣ୍ଡାଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଏଏନ୍‌ଏମ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ତୃତୀୟ ଶ୍ରେଣୀ ଛାତ୍ରକୁ ବାକ୍ସରେ ପୂରାଇଦେଲେ ସହପାଠୀ

ଅଚେତ ଅବସ୍ଥାରେ ଉଦ୍ଧାର

ବଣାଇଁ, ୧୩।୯ (ସମିସ): ଜଣେ ତୃତୀୟ ଶ୍ରେଣୀ ଛାତ୍ରକୁ ସହପାଠୀ ଏକ ବାକ୍ସ ଭିତରେ ପୂରାଇଦେବା ଏବଂ ୪ ଘଣ୍ଟା ପରେ ଛାତ୍ରଜଣଙ୍କ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହେବା ଘଟଣା ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକ୍ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଜର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଏହି ଅଘଟଣ ଘଟିଛି। ସୂଚନାନୁସାରେ, ଶୁକ୍ରବାର ସ୍କୁଲ ହଷ୍ଟେଲରେ ରହୁଥିବା ଦୁଇ ଛାତ୍ରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ, ତୃତୀୟ ଶ୍ରେଣୀର ସ୍ୱସ୍ତିକ କିସାନ ନାମକ ଜଣେ ଛାତ୍ରକୁ ଅନ୍ୟ ଜଣେ ଛାତ୍ର ଏକ ବାକ୍ସରେ ବନ୍ଦ କରିଦେଇଥିଲା। ସ୍ୱସ୍ତିକ କ୍ଲାସ୍‌କୁ ନ ଆସିବାରୁ ଶିକ୍ଷକ ଏବଂ ଅନ୍ୟ ଛାତ୍ରଛାତ୍ରୀମାନେ ତାକୁ ଖୋଜାଖୋଜି କରିଥିଲେ। କିନ୍ତୁ ଦୀର୍ଘ ସମୟ ପରେ ମଧ୍ୟ ନ ପାଇବାରୁ ପ୍ରଧାନ ଶିକ୍ଷକ ତା' ପରିବାରଲୋକଙ୍କୁ ଖବର ଦେଇଥିଲେ। ବାପା-ମାଆ ମଧ୍ୟ ସ୍କୁଲରେ ପହଞ୍ଚି ଖୋଜାଖୋଜି କରିଥିଲେ। ତେବେ ଦୀର୍ଘ ୪ ଘଣ୍ଟା ପରେ ସ୍ୱସ୍ତିକର ବାକ୍ସକୁ ଖୋଲିବାରୁ ତା' ଭିତରେ ସେ ମୁମୂର୍ଷୁ ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ଉଦ୍ଧାର କରିବା ପରେ ବାପା-ମାଆ ତାକୁ ସାଙ୍ଗରେ ଘରକୁ ନେଇଯାଇଥିଲେ। ଏ ସଂପର୍କରେ ପ୍ରଧାନ ଶିକ୍ଷକ ଗଙ୍ଗାଧର ସେଠଙ୍କ ପଚାରିବାରୁ ଛାତ୍ରଜଣଙ୍କ ବଡ଼ଛାତ୍ରଙ୍କ ମାଡ଼ ଭୟରେ ନିଜ ବାକ୍ସରେ ପଶି ଲୁଚି ରହିଥିବା କହିଥିଲେ।

## ୬୨୯ ଫୁଟ୍ ଛୁଇଁଲା ହୀରାକୁଦ ଜଳସ୍ତର

ଖୋଲିଲା ୨ ଗେଟ୍

ସମ୍ବଲପୁର, ୧୩।୯ (ସମିସ): ଶନିବାର ଅପରାହ୍ଣ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୯୧ ଫୁଟ୍ ଛୁଇଁଛି। ନଦୀବନ୍ଧର ବାମ ପାର୍ଶ୍ୱ ଓ ଡାହାଣ ପାର୍ଶ୍ୱର ଗୋଟିଏ ଲେଖାଏଁ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୨,୪୯୪ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୪,୩୭୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୨,୭୦୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚେନାଲ ଦେଇ ୨୭,୦୬୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୩୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩.୨୦ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୩.୨୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୩୩ ଫୁଟ୍ ରହିଥିଲା।

୩୦ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୩୦୬୬୯୫ ମାମଲାର ଫଇସଲା

୨୬୫କୋଟି ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ

କଟକ,୧୩।୯ (ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ଆନୁକୁଲ୍ୟରେ ରାଜ୍ୟବ୍ୟାପୀ ୩୦ଗୋଟି ଜିଲ୍ଲା ଓ ବିଭିନ୍ନ ତାଲୁକ ସ୍ତରରେ ଆଜି ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩,୦୬,୬୯୫ଟି ମାମଲା ଫଇସଲା ହୋଇଛି ଓ ମୋଟ ୨୬୫କୋଟି ୨୬ଲକ୍ଷ ୯୫ହଜାର ୭୩୯ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ ହୋଇଛି। ସମାଧାନ ହୋଇଥିବା ମାମଲା ଗୁଡିକ ମଧ୍ୟରେ ପ୍ରାକ ମକଦ୍ଦମା ସ୍ତରୀୟ ୭୬୪୪ଟି ମାମଲା ଓ ବିଚାରାଧିନ କୋର୍ଟ ମାମଲା ୨୨୯୩୬ଟି ଓ ୨,୭୬,୦୯୩ଟି ରାଜସ୍ୱ ମାମଲା ଏହିପରି ମୋଟ ୩,୦୬,୬୯୫ଟି ମାମଲା ଫଇସଲା କରାଯାଇଛି। ଫଇସଲା ହୋଇଥିବା ବିଚାରାଧୀନ ମାମଲା ଗୁଡିକ ମଧ୍ୟରେ ୩୭୦ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ଏନଆଇ ଆକ୍ଟ ମାମଲା ୨୨୦୦ଟି, ଟଙ୍କା ଅସୁଲି ମାମଲା ୬୮୨ଟି ଓ ୧୩୦୯ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲା ଫଇସଲା କରାଯାଇପାରିଛି। ସେହିଭଳି ୬୬୦ଟି ପାରିବାରିକ ଓ ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ), ୨ଟି ଜମି ଅଧିଗ୍ରହଣ ବିବାଦ, ୩୫ଟି ବିଦ୍ୟୁତ, ଜଳ ବିଲ୍ ସଂପର୍କିତ,୩୯ଟି ଶ୍ରମ ଓ ନିୟୋଜନ ସଂପର୍କିତ ୨୭୬୦୯୩ଟି ରାଜସ୍ୱ ମାମଲା,ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୫,୩୭୯ଟି ,ଖାଉଟି ଓ କ୍ୱାସି ଜୁଡିସିଆଲ ମାମଲା ୩୨ଟି,୨୨୨୮ଟି ଅନ୍ୟାନ୍ୟ ଦେୱାନୀ ମାମଲା ,ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ୨ଟି,ଡିଆରଟି ମାମଲା୮ଟି , ଶିକ୍ଷା ଟ୍ରିବୁନାଲ ମାମଲା ୮ଟି, ଶ୍ରମ ଅଦାଲତ ମାମଲା ୨ଟି,ଶିଳ୍ପ ଟ୍ରିବୁନାଲ ମାମଲା ୨ଟି ଅନ୍ତର୍ଭୁକ୍ତ ବୋଲି ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ହରିଶ ଟଣ୍ଡନ, ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଂଜନ ପାଠକଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ରାଜ୍ୟର ବିଭିନ୍ନ ଜିଲ୍ଲା,ତାଲୁକ ଓ ଟ୍ରିବୁନାଲ ସ୍ତରରେ ଅନୁଷ୍ଠିତ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜସ୍ଥାନରୁ ୧୫ରେ...

ଏହାପରେ ଜୁନ ୨୯ରେ ଅର୍ଥାତ ୯ ଦିନ ପୂର୍ବରୁ ପୂରା ଦେଶକୁ ମୌସୁମୀ ପରିବ୍ୟାପ୍ତ ହୋଇଥିଲା। ସାଧରଣତଃ ଏହା ଜୁଲାଇ ୮ରେ ସାରା ଦେଶକୁ ସମ୍ପୂର୍ଣ୍ଣ ଭାବେ କଭର କରିଥାଏ। ଏଥର ସାରା ଦେଶରେ ଏପର୍ଯ୍ୟନ୍ତ ୮୩୫.୨ ମିମି ବର୍ଷା ହୋଇଛି। ସ୍ୱାଭାବିକ ଠାରୁ ଏହା ୭ ପ୍ରତିଶତ ଅଧିକ।

ଇତିମଧ୍ୟରେ ହିମାଚଳ ପ୍ରଦେଶର ବିଳାଶପୁରର ନାମହୋଲରେ ଶୁକ୍ରବାର ବିଳମ୍ବିତ ରାତିରେ ବାଦଲ ଫଟା ବର୍ଷା ହୋଇଥିଲା। ଫଳରେ ଆବର୍ଜନା ତଳେ ୧୦ଟି ଗାଡି ଦବି ଯାଇଛି। ଅନେକ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହିପରି ମଣ୍ଡି ଜିଲ୍ଲାର ଧର୍ମପୁରରେ ସପଡ଼ି ରୋହ ଗାଁରେ ଶନିବାର ସକାଳେ ଭୂସ୍ଖଳନ ହେବାରୁ ଅନେକ ଘର ପାଣି ।।ରେ ରହିଛି। ହିମାଚଳରେ ବର୍ଷା, ବନ୍ୟା ଓ ଭୂସ୍ଖଳନରେ ଏପର୍ଯ୍ୟନ୍ତ ମୋଟ ୩୮୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ରାଜ୍ୟରେ ଏଥର ସମାନ୍ୟଠାରୁ ଅଧିକ ୪୩ ପ୍ରତିଶତ ବର୍ଷା ହୋଇଛି। ଜୁନ୍ ୧ରୁ ସେପ୍ଟେମ୍ବର ୧୨ ପର୍ଯ୍ୟନ୍ତ ହାରାହାରି ୬୭୮.୪ ମିମି ବର୍ଷା ହୋଇଥାଏ। କିନ୍ତୁ ଏଥର ମୌସୁମୀ ଋତୁରେ ୯୬୭.୨ ମିମି ବର୍ଷା ହୋଇଛି। ଉତ୍ତରପ୍ରଦେଶର ଉନ୍ନାଓରେ ଗଙ୍ଗା ନଦୀର ଜଳସ୍ତର ବିପଦ ସଂକେତର ୨୩ ସେମି ଉଚ୍ଚରେ ରହିଛି। ଫଳରେ ୮୦ଟି ଗାଁ ବନ୍ୟା ଘେରରେ ରହିଛି। ୧୦୦ରୁ ଉର୍ଦ୍ଧ୍ୱ ପରିବାର ବାସହାର ହୋଇଛନ୍ତି। ହିମାଚଳରେ ଏପର୍ଯ୍ୟନ୍ତ ସାମାନ୍ୟଠାରୁ ୧୩୩ ପ୍ରତିଶତ ଅଧିକ ବର୍ଷା ହୋଇଛି।

### ଭାରତ-ପାକ୍...

କୁହାଯାଇଛି ଯେ ସାମାଜିକ ଗଣମାଧ୍ୟମରେ ପାକିସ୍ତାନୀ ଖେଳାଳି ଭାରତୀୟଙ୍କ ପ୍ରତି ଅପମାନସୂଚକ ଶବ୍ଦ ବ୍ୟବହାର କରୁଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କ ସହିତ ଖେଳାଯିବା ଉଚିତ ନୁହେଁ। ପହଲଗାମ ଆକ୍ରମଣର ଶିକାର ପରିବାର ମଧ୍ୟ ଏହି ମ୍ୟାଚ୍‌କୁ ବିରୋଧ କରିଛନ୍ତି। ସେମାନେ କହିଛନ୍ତି ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଯେଉଁ ୨୬ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ପ୍ରତି ବିସିସିଆଇର ଟିକିଏ ହେଲେ ସମବେଦନା ନାହିଁ।

ଅନ୍ୟପକ୍ଷରେ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ ଆତଙ୍କବାଦକୁ ସମର୍ଥନ କରୁଥିବା ପର୍ଯ୍ୟନ୍ତ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ମ୍ୟାଚ୍ ନଖେଳିବାକୁ ଭାରତ ନିଷ୍ପତ୍ତି ନେଇଛି। କିନ୍ତୁ ବହୁଦେଶୀୟ ଟୁର୍ଣ୍ଣାମେଣ୍ଟରେ ଏହା ସମ୍ଭବ ନୁହେଁ, କାରଣ ଭାରତୀୟ ଟିମ୍‌କୁ ଏହା କ୍ଷତି ପହଞ୍ଚାଇବ।

ଦେଶ ଭିତରେ ଏହି ମ୍ୟାଚ୍‌କୁ ନେଇ ଉତ୍ତେଜନା ଦେଖାଦେଇଥିବା ବେଳେ ବିସିସିଆଇ ମୁହଁ ଖୋଲୁ ନାହିଁ। ତେବେ ଯାହା ଖବର ମିଳିଛି ଯେ ଏହାର ଅଧିକାରୀ ଆସନ୍ତାକାଲିର ମ୍ୟାଚ୍‌ରେ ଉପସ୍ଥିତ ରହିବେ ନାହିଁ। କେବଳ ଜଣେ ଅଧିକାରୀ ଉପସ୍ଥିତ ରହିବେ।

### ନୂଆପଡ଼ାରେ ହେବ...

ଜାରି ସୂଚନା ଅନୁସାରେ ସେପ୍ଟେମ୍ବର ୧୪ତାରିଖ ସୁଦ୍ଧା ମତଦାନ କେନ୍ଦ୍ରର ପୁନଃବ୍ୟବସ୍ଥାପନ ବା ପରିବର୍ତ୍ତନ ସହ ୧୫ତାରିଖରେ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ସେହିଦିନଠାରୁ ସେପ୍ଟେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ଏହା ଉପରେ ଦାବି ଓ ଆପତ୍ତି ଦାଖଲ ଆହ୍ୱାନ, ଅକ୍ଟୋବର ୭ ସୁଦ୍ଧା ଦାବି ଓ ଆପତ୍ତିର ସମାଧାନ ଏବଂ ଅକ୍ଟୋବର ୯ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଁ ନିର୍ବାଚନ ଅଧିକାରୀ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଏହାପରେ ମତଦାନ ପାଇଁ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି।

### ମେଲୋଡି ଗାର୍ଲଙ୍କୁ...

ସନ୍ଦେହ କରିନଥିଲେ। ପୂର୍ବ ଯୋଜନା ମୁତାବକ, ଚନ୍ଦନ ଓ ପ୍ରସନ୍ନ ଯୁବତୀଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଅଚେତ କରିବା ପରେ ରୁମ ଭିତରେ ଜଣଙ୍କ ପରେ ଜଣେ ବାରମ୍ବାର ଦୁଷ୍କର୍ମ କରିଥିଲେ।

ଅପରାହ୍ଣରେ ଯୁବତୀଙ୍କ ଚେତା ଫେରିବା ବେଳକୁ ରୁମକୁ ବାହାର ପଟରୁ ତାଲା ପଡ଼ିଥିଲା। କବାଟ ବାଡ଼େଇବା ପରେ କେୟାରଟେକର୍ ରାଜେଶ ତାଲା ଖୋଲି ରୁମକୁ ଆସିଥିଲା। ରାଜେଶ ମଧ୍ୟ ଦୁଷ୍କର୍ମ କରିବାକୁ ଚାହୁଁଛି ବୋଲି ଯୁବତୀଙ୍କୁ କହିଥିଲା। ତା' କଥା ଶୁଣି ଯୁବତୀଜଣଙ୍କ କାନ୍ଦିବାରୁ ଚନ୍ଦନ ଓ ପ୍ରସନ୍ନ ରୁମରେ ପହଞ୍ଚିଥିଲେ। ପରେ ଏକ କାର୍ ଭଡ଼ା କରି ଯୁବତୀଙ୍କୁ ପଠାଇ ଦେଇଥିଲେ। କାର୍ ଚାଳକଜଣଙ୍କ ପୀଡ଼ିତାଙ୍କୁ ରସୁଲଗଡ଼ ଛକରେ ଛାଡ଼ି ପଳାଇଥିଲା। ସେହି ସମୟରେ ପୀଡ଼ିତାଙ୍କ ସାଙ୍ଗ ଫୋନ୍ କରିବାରୁ ସେ କାନ୍ଦି କାନ୍ଦି ସବୁ କଥା କହିଥିଲେ। ପୀଡ଼ିତାଙ୍କ ସାଙ୍ଗ ତାଙ୍କୁ ରସୁଲଗଡ଼ ଛକରୁ ଉଦ୍ଧାର କରି ଘରକୁ ନେଇଥିଲେ। ଏହାର ପରଦିନ ପୀଡ଼ିତାଙ୍କ ବଡ଼ ଭଉଣୀ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୀଡ଼ିତାଙ୍କ ଡାକ୍ତରୀମାଇନା କରିବା ସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୮୩ ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। ଆଜି ମୁଖ୍ୟ ଅଭିଯୁକ୍ତ ଚନ୍ଦନ, ପ୍ରସନ୍ନ ଓ କେୟାରଟେକର୍ ରାଜେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଭୁଶୁଡ଼ିଲା ମାର୍କେଟ୍...

ପଡ଼ିଥିଲା। ଫଳରେ କମ୍ପ୍ଲେକ୍ସର ଉପର ମହଲା ମଧ୍ୟ ଧରାଶାୟୀ ହୋଇଥିଲା। ସୌଭାଗ୍ୟବଶତଃ ଷ୍ଟଲ୍ ଭିତରେ କାମ କରୁଥିବା ଶ୍ରମିକମାନେ ଦୌଡ଼ି ବାହାରକୁ ଚାଲି ଆସିଥିଲେ। କିନ୍ତୁ ବେକେରୀ ସମ୍ମୁଖରେ ପାନ ଦୋକାନ କରି ପରିବାର ଚଳାଉଥିବା ବେକେରୀ ମାଲିକଙ୍କ ଭାଇ ଲୋକନାଥ ପାତ୍ର ଛାତ ତଳେ ଚାପି ହୋଇ ରହି ଯାଇଥିଲେ। ଖବର ପ୍ରଚାର ହେବା ମାତ୍ରେ ୬ଟି ଜେସିବି ମେସିନ୍ ସହ ଓଡ୍ରାଫ ଟିମ୍ କୋରାପୁଟ, ଜୟପୁର, ସେମିଳିଗୁଡା ଏବଂ ଲକ୍ଷ୍ମୀପୁର ଅଗ୍ନିଶମ ବିଭାଗ କର୍ମଚାରୀ ତଲାସୀ କୁକୁର ନେଇ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଏବଂ ଅନ୍ୟ ଅଧିକାରୀ ସେଠାରେ ପହଞ୍ଚିଥିଲେ। କଟର୍ ଦ୍ୱାରା ଛାତ କାଟି ଚାପି ହୋଇ ରହିଥିବା ଲୋକନାଥ ପାତ୍ରଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କମ୍ପେଲକ୍ସ ପ୍ରାୟ ୪୦ବର୍ଷ ପୁରୁଣା ଓ ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ଥିବାରୁ ଜିଲ୍ଲା ପ୍ରଶାସନ ଏହାକୁ ବିପଦସଂକୁଳ ବୋଲି ଘୋଷଣା କରିଛି। କୌଣସି ବ୍ୟବସାୟୀ ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସରେ ଦୋକାନ ନ ଖୋଲିବା ଏବଂ ଜନସାଧାରଣ ସେଠାକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ, ମୃତକଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କା ସହାୟତା ଦିଆଯାଇଛି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ସୂଚନା ଦେଇଛନ୍ତି।


**ODISHA HYDRO POWER CORPORATION LTD.,**

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in CIN : U40101OR1995SGC003963

CAD-1739

No. HHEP/Tech-WK-104, Vol-IV/6161 Date : 10.09.2025

**NOTICE INVITING TENDER NO HHEP-53/2025**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Contractors having **valid HT License with supervision for EHT works** issued from ELBO, Govt of Odisha, valid IT PAN, GST registration certificate and past experience for carrying out such type of work as mentioned below.

| Sl. No. | Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|---|
| 1 | Annual Maintenance Contract for two years for maintenance of equipments of 132KV Switchyard, 11KV Switch house & LT Systems of HHEP,Burla | Rs. 11800/- (Rs. 10000 + GST @ 18%) | 57565/- |

- Sale of tender paper: **16.09.2025 (10.00AM) to 03.10.2025 upto 05.30PM**
- Receipt of tender paper: **04.10.2025 upto 03.30PM**
- Date & time of opening of tender: **04.10.2025 at 04.00PM**
- For details of tender documents / terms & conditions / corrigendum / errata / addendum if any please visit our website www.ohpcltd.com.

Sd/-

OIPR-04007/11/0072/2526 C&P Head. HHEP. Burla



**VEHICLE FOR SALE**

MARUTI TOUR S, Model - 2023, Registration No-OD-34-R-0993, in as is where is condition. Contact: M/S Sundaram Finance Limited, JAJPUR ROAD BRANCH, Ph: 94371 02409 within 7 days

**VEHICLE FOR SALE**

ITL SONALIKA SOLISYAN DI 42 TRACTOR WITH TRAILER, Model - 2022, Registration No-OD-09-X-3898, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

**AFFIDAVIT**

By virtue of an Affidavit sworn before Executive Magistrate, Basudevpur, dated 24 April 2025.I, Sukanta Kishor Mohanty, age- 40 years, S/o- Gagan Mohanty, Address- Village- Mallikadeipur, P.O./ P.S. - Naikanidihi, Dist.: Bhadrak, Odisha, declare that I have changed my name from Sukanta Kishor Mohanty, to Sudarshan Mohanty, S/o- Gagan Mohanty. Henceforth, I shall be know as Sudarshan Mohanty, S/o- Gagan Mohanty for all purposes.

Sudarshan Mohanty

**AFFIDAVIT**

By virtue of an affidavit sworn before Executive Magistrate Angul dated 26/08/2025, I **Shraddha Tulsiyan,** Address: Old Daily Market, Laxmi Bazar, Angul, Pin-759122, Odisha, declare that I have changed my name from **Shraddha Kansal** to **Shraddha Tulsiyan.** Henceforth, I shall be known as **SHRADDHA TULSIYAN** (new name) for all purposes.

**Shraddha Tulsiyan**

**AFFIDAVIT**

By virtue of an affidavit No. 5403 sworn before the Executive Magistrate, Champua on dated-08/09/2025. I **Alekh Kumar Sahoo**, Permanent resident of Vill- Dhaladihi, Po/Ps- Champua, Dist- Keonjhar, Odisha, Pin- 758041 declare that I have changed my minor daughter's name from **Sangita Sahoo** (old name) To **Aradhya Sahoo** (new name). Henceforth she shall be known as **ARADHYA SAHOO,** D/o- Alekh Kumar Sahoo for all future purposes.

**Sd/- Alekh Kumar Sahoo**

**DOCUMENT LOST**

I, **Maheswar Panda,** S/o Dinabandhu Panda, resident of GN-4, Ganesh Nagar, Gandamunda, PS- Khandagiri, Bhubaneswar, Dist- Khorda, Odisha do hereby declare that, Original Sale Deed bearing No. 230, 1152, 130 & 1722 & ROR vide Khata No. 453/128, 1133/2436 & Land Passbook No. 07054178/35 has been lost somewhere in Jagamara Bazar while I travelling from Ganesh Nagar To Royal Garden, Aiginia on 08/09/2025. If any person finds the same, may please contact to my address or nearest police station & if anyone will misutilize it I will not be responsible for it.

**Maheswar Panda**

**AFFIDAVIT**

By virtue of affidavit C.F. No. 2461, dtd. 18.08.2025 in the court of the Executive Magistrate, Sambalpur, I, Balkeshi Yadab, aged about 45 years have changed my name and address from Sawariya Devi, W/o- Bindeshwari Ray, resident of At- Shilauri, Po- Marhowrah, Dist.- Saran (Bihar) to Balkeshi Yadab, aged about 45 years, W/o- Bindheswari Yadab, resident of At- Dindayal Nagar (Dhipapada), Po/Ps- Burla, Dist.- Sambalpur (Vide my Aadhaar Card No. 698622954248) for all purposes.

**Sd/- Balkeshi Yadab**

**AFFIDAVIT**

By virtue of an affidavit sworn before the Executive Magistrate, Jajpur Road no 3474 dated 07/02/2025 I Amulya Kumar Nayak declare that My wife surname is wrongly printed as Swagatika Nayak in my daughter's birth certificate issued by CHC Korei (700) in place of Swagatika Jena. Hence she will be known as **Swagatika Jena alias Nayak** for all purposes.

**Sd/- AMULYA KUMAR NAYAK**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Affidavit No.111, on dated, 12.09.2025, I Triloknath Mohapatra, resident of Plot No.1385/9, Sastri Nagar, Unit-4, Ps- Kharvel Nagar, Bhubaneswar, Dist-Khordha, Odisha, PIN-751001, declare that I have changed my name from Trilok Mohapatra to Triloknath Mohapatra. Henceforth, He shall be known as **TRILOKNATH MOHAPATRA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate,Cuttack , vide No.7920 dated 11.09.2025, I, Sajida Khatun, M/o Arsalan Raja Khan, Resident of At/Po-Rasulpur, PS-Tirtol, Dist-Jagatsinghpur, PIN-754104, Odisha declare that I have changed my Son's name from Aramlan Raja Khan to Arsalan Raja Khan. Henceforth, He will be known as **ARSALAN RAJA KHAN** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Debe Kabasi**, aged about 27 years, W/o.: Irma Kabasi, D/o.: Laka Madkami resident of Village: Fulaguda, PO.: Sikhapali, P.S./Dist.: Malkangiri, Odisha, declare by this Affidavit No.: 1601/2025, Dated: 12.09.2025 that I have changed my name from Debe Madkami to **Debe Kabasi**. Henceforth I shall be known as **Debe Kabasi**, for all future purposes.

**NOTICE**

By virtue of an affidavit sworn before the Notary Public, Cuttack, dated 22.08.2025 I, Swami Anupamanand Saraswati, S/o- Subash Pradhan permanent resident of At-Tholanda, P.O.- Alladi, PS- Jagannath Prasad, Dist- Ganjam, Odisha, Pin- 761120 have changed my name and surname from Bikram Pradhan to Swami Anupamanand Saraswati. Henceforth, I shall be known as **Swami Anupamanand Saraswati** for all purposes.

**Swami Anupamanand Saraswati**

**AFFIDAVIT**

By virtue of an affidavit CF No.-47, dtd.25.07.2025 in the court of the Executive Magistrate, Bhubaneswar, I, Raja Das, S/o- Babu Das, resident of Plot No. 1190, Raghunath nagar, Satya Nagar, Dumduma, Po- Dumduma, Ps- Khandagiri, Bhubaneswar, Dist.- Khordha, Odisha, Pin-751019 have changed my name from Sek Raja to Raja Das. Hencefroth I shall be known as Raja Das for all purposes.

**Sd/- Raja Das**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated. 08.09.2025, I Bharat Hial, S/o- Madhu Hial, Vill.- Kamata, Po.- Kamata, Ps.- Tentulikhunti, Dist.- Nabarangpur, Odisha, Pin-764049, declare that, I have changed my minor Daughter 's name from **SECOND BABY OF LYDIA HIAL** to **ABIGAIL HIAL**. Henceforth she shall be known as **Abigail Hial** for all purposes.

Sd/- **Bharat Hial**

**NOTICE**

By virtue of an affidavit sworn before the Notary Public, Cuttack, dated 02.09.2025 I, Basanti Sahoo, W/o – Avimanyu Moharana, D/o. Late Panchanan Sahoo, resident of At–Ramagarh, P.O.- Kotasahi, P.S-Tangi, Dist- Cuttack, Odisha, Pin-754022 have changed my name from Basanti Moharana to Basanti Sahoo. Henceforth, I shall be known as Basanti Sahoo for all purposes.

**Basanti Sahoo**

**AFFIDAVIT**

By virtue of an affidavit CF No.-34, dtd.04.09.2025 in the court of the Executive Magistrate, Bhubaneswar, I, Dipa Sethi, W/o- Santosh Kumar Sethi, resident of Plot No. 122, Balanaga, Maa Narayani Mandir, Sainsasan, Po-Dakhinaradasa, Dist.- Puri, Odisha, Pin-752114 have changed my name from Dwipa Sethy to Dipa Sethi. Hencefroth I shall be known as Dipa Sethi for all purposes.

**Sd/- Dipa Sethi**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide No. 776 dt. 10.09.2025 I Sri Puppala Srinivas, S/o- Late Puppala Jagannath Rao resident of Gill Petrol Pump back side, Chamuriaguda, Nabarangpur, Dist.- Nabarangpur, Odisha- 764059 state that I intend to rectify the names in the school admission records and enter our names as **PUPPALA SOHAN KUMAR**, S/O- **PUPPALA SRINIVAS** (Father) and **PUPPALA KALPANA** (Mother) in place of P. SOHAN KUMAR, S/o- P. SRINIVAS (father) and P. KALPANA (mother) in respective columns to avoid future litigations.

Sd/- Puppala Srinivas

**AFFIDAVIT**

I, Smt. Padmini Kumari Mishra, W/o- Sri Debendra Mishra, resident of Gadia Street, Nabarangpur, Dist.- Nabarangpur state vide affidavit no. 1000 dtd.13.09.2025 that, my actual and correct name is **Padmini Kumari Mishra** but in my daughter **Eva Mishra**'s admission in PM Kendriya Vidyalaya, Nabarangpur my name has been entered as Padmini Mishra. Hence **Padmini Kumari Mishra** and **Padmini Mishra** is one and same same person. Henceforth, I shall be known as **Padmini Kumari Mishra** for all official purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated. 03.09.2025, I Chandralal Durga, S/o- Late Sobha Harijan, Vill.- Tota Street, Nabarangpur, Po.- Nabarangpur, Ps.- Nabarangpur, Dist- Nabarangpur, Odisha, Pin - 764059, declare that, I have changed my minor Daughter's name from **RITWISHALAL HARIJAN** to **RITWISHALAL DURGA**. Henceforth she shall be known as **Ritwishalal Durga** for all purposes.

Sd/- **Chandralal Durga**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated. 01.09.2025, I REBATI HARIJAN, W/o- Sahul Bagh, Vill- Bhatisalguda, Nabarangpur, Po.-Nabarangpur, P/s.- Nabarangpur, Dist- Nabarangpur, Odisha, Pin - 764059 declare that, I have changed my name from **SAMA HARIJAN** to **REBATI HARIJAN**. Henceforth I shall be known as **REBATI HARIJAN** for all purposes.

Sd/- **REBATI HARIJAN**

**AFFIDAVIT**

I, Raja Ramesh, S/o- R. P. Raja resident of Vill.- Balda, Po.- Balda, Ps.- Padwa Dist.- Koraput, Odisha state vide affidavit no.777 dtd.05.9.2025 that, I have changed my son's name from **Raja Yagesh** to **R. Yogesh** and his Date of Birth is **18/03/2009**. Henceforth he will be known as **R. Yogesh** for all future purposes.

**AFFIDAVIT**

By virtue of an affidavit vide no.-.3455, dated 10/09/2025 sworn before Executive Magistrate, Banpur declare that, I, Sangram Keshari Palai, S/o- Basudev Palai, At- Nuagada, Po.- Badakul, Ps.- Balugaon, Dist.- Khordha, Odisha, Pin-752030 declare that, I **Sangram Keshari Palai** and **Sangram Keshri Palai** is one and same person. But I want to keep my name as **Sangram Keshari Palai** as per adhar for all purposes.

Sangram Keshari Palai

**AFFIDAVIT**

By virtue of an affidavit sworn before The Executive Magistrate Banpur, Dist.- Khordha vide no-3404, Dated- 6/9/2025, I Gangadhar Nayak, aged about 57yrs., S/O- Kaibalya Nayak, At- Balipadar, Po./Ps.-Banpur, Dist.- Khordha, Pin-752031, Odisha, declare that I have changed my minor Daughter's name from **Debasmita Debabarni Nayak** to **Debasmita Nayak**, which is mentioned in Certificate. Henceforth, he shall be known as **Debasmita Nayak** for all purpose.

Debasmita Nayak

**AFFIDAVIT**

By virtue of an affidavit No 12/33 dated 11/09/2025 before the Notary Public, Puri, I, Dasarathi Satapathy, S/o- Late Ramachandra Satapathy, At/Po- Bhagabanpur, PS- Brahmagiri, Puri - 752011 declare that now onwards I shall be known as **DASHARATHI SATAPATHY** for all future purpose.

**AFFIDAVIT**

I, Smt. Urmila Behera, W/o- Sri Tapan Kumar Behera, resident of Vill./Po.- Mirganguda, Ps.- Nabarangpur, Dist.- Nabarangpur vide affidavit no. 997 dtd.12.9.2025 state that my actual and correct name is **URMILA BEHERA**. At the time of my daughter Sudhansubala Behera's admission in PM Kendriya Vidyalaya, Nabarangpur my name has been entered as Urmilla Behera. Hence **Urmila Behera** and **Urmilla Behera** is one and same person. Henceforth I shall be known as **Urmila Behera** for all official purposes.

ସକାଳ
THE SAKALA



# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ଟୁକୁନି




**ଟିଟିଲାଗଡ଼,୧୩।୯(ସମିସ):** ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ସଇଁତଲାକୁ ବିଜେଡ଼ି ସରକାର ସମୟରେ ଏନଏସି ମାନ୍ୟତା ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା; ହେଲେ ବର୍ତ୍ତମାନର ସରକାର ରାଜ୍ୟରେ ନୂତନ ଏନଏସି ଘୋଷଣା କରିଥିବା ବେଳେ ସଇଁତଲାକୁ ବାଦ ଦେଇଛନ୍ତି। ଏହା ସଇଁତଲା ଅଞ୍ଚଳବାସୀଙ୍କ ପ୍ରତି ଏକ ବଡ଼ ଧୋକା। ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଏହା କହି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ୟୁରିଆ ସାର ପାଇଁ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ହାହାକାର ପଡିଛି। ସରକାରୀ କଳ କିନ୍ତୁ ସ୍ଥାଣୁ ପାଲଟିଛି। ଚାଷୀଙ୍କ ପ୍ରତି ସରକାରଙ୍କ ରୁକ୍ଷ ମନୋଭାବ ଅତ୍ୟନ୍ତ ନିନ୍ଦନୀୟ ଓ ଚିନ୍ତାଜନକ ବୋଲି କହି ଶ୍ରୀମତୀ ସାହୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ବାଚନ ସମୟରେ ଟିଟିଲାଗଡ଼ ଜିଲା ଗଠନ ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିବା ଟିଟିଲାଗଡ଼ ବିଧାୟକ ଏହାର ଜବାବ ରଖନ୍ତୁ ବୋଲି କହିଥିଲେ। ଏହା ସହ ସଇଁତଲାକୁ ଏନଏସି ମାନ୍ୟତା ଦାବି ଏବଂ ୟୁରିଆ ସାରର ଅଭାବି ବିକ୍ରି ଆଦି ରାଜ୍ୟ ସରକାରଙ୍କ ଅନେକ ଅବହେଳା ନେଇ ଆସନ୍ତା ୧୬ରେ ସଇଁତଲାଠାରେ ରାସ୍ତାରୋକ କରାଯିବ ବୋଲି ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ସରପଞ୍ଚ ସୁବ୍ରତ ନାଗ, ସମିତି ସଭ୍ୟ ଉମାକାନ୍ତ ରଣା, ସଇଁତଲା ଡ୍ରାଇଭର ସଂଘ ସଭାପତି ଦେବେନ୍ଦ୍ର ଭୋଇ, ବୁଲବୁଲ ମେହେର, ଜ୍ଞାନରଞ୍ଜନ ସରାଫ, ପୂର୍ବତନ ସରପଞ୍ଚ ଡୋଳାମଣି ଥପା, ନିଲୁ ମହାନନ୍ଦ, ସୁଜିତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କ ପରିବାର ଲୋକଙ୍କ ହାତଗୋଡ଼ ବାନ୍ଧି ଡକାୟତି

**ଟିଟିଲାଗଡ଼,୧୩।୯(ସମିସ):** ଟିଟିଲାଗଡ଼ ସହରର ହାଟପଦା ପଡାରେ ଶୁକ୍ରବାର ମଧ୍ୟ ରାତ୍ରିରେ ଏକ ବଡ଼ ଧରଣର ଡକାୟତି ହୋଇଛି। ପଡାର ବ୍ୟବସାୟୀ ବିମଳ ଅଗ୍ରୱାଲ (ମଙ୍ଗଲୁ) ଶୋଇଥିବା ବେଳେ ରାତି ପ୍ରାୟ ୧ରୁ ୨ଟା ମଧ୍ୟରେ ୮ରୁ ୧୦ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ଘରେ ପଶିଥିଲେ। ବିଭିନ୍ନ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ମଙ୍ଗଲୁ ଏବଂ ତାଙ୍କ ପୁଅ ବୋହୂଙ୍କ ଗୋଡ଼ ହାତ ବାନ୍ଧି ଲୁଟପାଟ କରିଥିଲେ। ପ୍ରାୟ ୪ ଭରି ସୁନା, ୪୫ ହଜାର ଟଙ୍କା ସହ ୨ଟି ମୋବାଇଲ ଲୁଟି ନେଇଥିଲେ। ଏନେଇ ଟିଟିଲାଗଡ଼ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ରାସ୍ତା ପାଇଁ ଜାତୀୟ ରାଜପଥ ଅବରୋଧ



## ସାମିଲ ହେଲେ ପୁରୁଷ, ମହିଳା ସମେତ ସ୍କୁଲ ଛାତ୍ର



**ସଇଁତଲା,୧୩।୯(ସମିସ)**

ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ବରଗାଁସ୍ଥିତ ୨୬ ନମ୍ବର ଜାତୀୟ ରାଜପଥରୁ ଡଙ୍ଗରମୁଡ଼ାକୁ ସଂଯୋଗ ହୋଇଥିବା ରାସ୍ତା ଦୀର୍ଘ ଦିନ ହେଲା ଶୋଚନୀୟ ଅବସ୍ଥା ହୋଇପଡିଛି। ବର୍ଷର ସବୁ ସମୟରେ ଲୋକେ ସମସ୍ୟାର ସାମ୍ନା କରିବାକୁ ପଡୁଛି। ବର୍ଷା ଦିନେ ଲୋକେ ନାହିଁ ନ ଥିବା ସମସ୍ୟାର ସାମ୍ନା କରନ୍ତି। ତା ସହ ସ୍କୁଲ, କଲେଜ ଛାତ୍ରଛାତ୍ରୀ, ବ୍ୟବସାୟୀ ସାଧାରଣଲୋକଙ୍କୁ ଅନେକ ବାଧା ଦେଇଥାଏ। ତେବେ ଏ ନେଇ ଲୋକେ ଅନେକ ଥର ସ୍ଥାନୀୟ ଲୋକେ ପ୍ରଶାସନଠୁ ଆରମ୍ଭ କରି ନେତାମନ୍ତ୍ରୀଙ୍କୁ ଗୁହାରି କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନାହାନ୍ତି। ଏଣୁ ବାଧ ହୋଇ ଶନିବାର ସ୍ଥାନୀୟ ଲୋକେ ୨୬ ନମ୍ବର ଜାତୀୟ ରାଜପଥର ବରଗାଁ ଛକରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବିଜେଡି ନେତା ସୁରେନ୍ଦ୍ର ସିଂ ଭୋଇ ପହଞ୍ଚି ଏଥିରେ ସାମିଲ ହୋଇଥିଲେ।

ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ମାଣିକ କୁମ୍ଭାର ଓ ଶ୍ରୀମନ୍ତ ପଣ୍ଡା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୨ ମାସ ପରେ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ସୂନାଯୋଗ୍ୟ, ବିଜେଡି ସରକାର ଥିବା ସମୟରେ ଏହି ରାସ୍ତା ଲାଗି ୪୦୨.୬୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା; ହେଲେ ନିର୍ବାଚନ ହେତୁ କାମର ଟେଣ୍ଡର ହୋଇ ନ ଥିଲା। ସରକାର ପରିବର୍ତ୍ତନ ହେବା ପରେ ଏହି କାମ ଅଟକି ରହିଛି।

# ଉପରଝର-ରେଙ୍ଗାଲି ରାସ୍ତାରୁ ବନ୍ଧୁକ ଜବତ



**ଦେଓଗାଁ,୧୩।୯(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଉପରଝର ଅଞ୍ଚଳରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଦେଓଗାଁ ଥାନାରୁ ପ୍ରାୟ ୧୫ କିଲୋମିଟର ଦୂର ହେଉଥିବାରୁ ଅପରାଧୀ ଖୁଲମଖୁଲା ଅପରାଧ କରୁଥିବା ପ୍ରାୟ ସମୟରେ ନଜରକୁ ଆସୁଛି। ଶୁକ୍ରବାର ରାତି ପ୍ରାୟ ୮ ଟାରେ ଉପରଝର-ରେଙ୍ଗାଲି ରାସ୍ତାରେ ଦୁଇଜଣ ଯୁବକ ବାଇକରେ ଆସି ରେଙ୍ଗାଲି ଗାଁର ଜଣେ ଯୁବକଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ମାଡ ମାରିଥିଲେ। ସଂପୃକ୍ତ ଯୁବକ କୌଣସି ପ୍ରକାରେ ସେଠୁ ଚାଲିଆସି ଗାଁ ଲୋକଙ୍କୁ ଫୋନ୍ କରିଥିଲେ। ଗାଁ ଲୋକ ଠେଙ୍ଗାବାଡି ଧରି ଦୌଡିବାରୁ ଯୁବକଦ୍ୱୟ ଗୋଟିଏ ବନ୍ଧୁକ ଓ ବାଇକ୍ ଛାଡି ପଳାଇଥିଲେ। ଖବର ପାଇ ଡିଏସପି ସମର୍ଥ କେ. ବେହେରା ପହଞ୍ଚି ବନ୍ଧୁକ ଓ ବାଇକ ଜବତ କରି ତଦନ୍ତ ଜାରି ରଖିଛନ୍ତି।

**● ହିନ୍ଦୀ ଭାଷା ରାଷ୍ଟ୍ରୀୟ ଏକତାର ଏକ ବଳିଷ୍ଠ ମାଧ୍ୟମ**

# ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ

**ଭବାନୀପାଟଣା,୧୩।୯(ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ'ରାଷ୍ଟ୍ରୀୟ ଶିକ୍ଷାନୀତି ଓ ହିନ୍ଦୀ ଭାଷା' ଶୀର୍ଷକରେ ଆଭାସୀ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ନିବେଦିତା ନାଥ ସ୍ୱାଗତ ଅଭିଭାଷଣ ଦେଇ ଅନ୍ୱୋଷାର ସୃଷ୍ଟି ଓ ଉଦ୍ଦେଶ୍ୟ ସଂପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ। ଏହି ଅଭିଭାଷଣରେ ଗୁରୁ ଘାସିଦାସ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡରୁ ଡ. ଗୌରୀ ତ୍ରିପାଠୀ (ପ୍ରଫେସର, ହିନ୍ଦୀ ବିଭାଗ) ବକ୍ତାରୂପେ ଉପସ୍ଥିତ ହୋଇ ରାଷ୍ଟ୍ରୀୟ ଶିକ୍ଷାନୀତି ଆଧାରରେ ହିନ୍ଦୀ ଭାଷାର ଗୁରୁତ୍ୱ, ହିନ୍ଦୀ ଭାଷାର ଭବିଷ୍ୟତ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ହିନ୍ଦୀ ଭାଷା କେତେ ଦୂର ସମର୍ଥ ହେବ ସଂପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ହିନ୍ଦୀ ଭାଷା ରାଷ୍ଟ୍ରୀୟ ଏକତାର ଏକ ବଳିଷ୍ଠ ମାଧ୍ୟମ ବୋଲି ବକ୍ତା କହିଥିଲେ। ଉକ୍ତ ଅଭିଭାଷଣରେ ହିନ୍ଦୀ ବିଭାଗ ମୁଖ୍ୟ ଡୋଳାମଣି ଧରୁଆ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଗୋବିନ୍ଦ ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ଉଦୟନାଥ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବକ୍ତା ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରି ଜିଜ୍ଞାସା ମୋଚନ କରିଥିଲେ। ହିନ୍ଦୀ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଅନଲାଇନରେ ଯୋଡି ହୋଇ ଉକ୍ତ ଅଭିଭାଷଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

**ହାତୀ ଘର ଭାଙ୍ଗିବା ଘଟଣା**

# ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲେ ସାମ୍ବାଦିକ

**ଲାଞ୍ଜିଗଡ଼,୧୩।୯(ସମିସ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ଦିନକୁ ଦିନ ହାତୀଙ୍କ ଉପଦ୍ରବ ବଢୁଥିବା ବେଳେ ମୂଷାନାଳ ସେକ୍ସନ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଢୋଡ଼ୱାଲୀ ଗାଁରେ ଦୁଇଟି ପରିବାରର ଦୁଇଟି ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଦେଇ ରାସନ ସାମଗ୍ରୀ ସହିତ ଆସବାବପତ୍ର ନଷ୍ଟ କରି ଦେଇଥିଲେ। ସୂଚନାଯୋଗ୍ୟ ପାହାଡ଼ପଦର ପଞ୍ଚାୟତ ଅନ୍ତର୍ଗତ ପଟାଙ୍ଗପଦର ଗାଁର ଦୁଇ ପରିବାର କିଛି ବର୍ଷ ହେବ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଢୋଡ଼ୱାଲୀ ଗାଁରେ ରହି ପୋଡୁଚାଷ କରି ଆସୁଥିଲେ। ହେଲେ ଗତ ୮ ତାରିଖ ବିଳମ୍ବିତ ରାତିରେ ୨୨ଟିକିଆ ହାତୀ ପଲ ଗାଁକୁ ଆସି ଦୁଇଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିବା ବେଳେ ଦୁଇଟି ପରିବାର ଅଳ୍ପକେ ବର୍ତ୍ତୀ ଯାଇଥିଲେ। କିନ୍ତୁ ଏବେ ଯାଏଁ ପ୍ରଶାସନ ପକ୍ଷରୁ ଦୁଇ ପରିବାରକୁ କୌଣସି ସହାୟତା ମିଳିପାରିନାହିଁ। ଏହି ପରିପ୍ରେକ୍ଷୀରେ ଶନିବାର ଲାଞ୍ଜିଗଡ଼ ସାମ୍ବାଦିକ ସମୂହ ପକ୍ଷରୁ ସାମ୍ବାଦିକ ସୁଶାନ୍ତ ମାଝୀ, ଦିଲ୍ଲୀପ ନାଏକ, ମନୋଜ ଦୋରା, ତୁଳସୀ ରାମ ପ୍ରଧାନୀ, ସାଗର ବେନାଲ, ପ୍ରଦାନ ମାଝୀ,ଦେବାନନ୍ଦ ମାଝୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଦୁଇ ପରିବାରର ଦୁଗୀ ମାଝୀ ଓ ପୁରାଣା ମାଝୀଙ୍କୁ ସାକ୍ଷାତ କରି ଆର୍ଥିକ ସହାୟତା ସହ ରାସନ ସାମଗ୍ରୀ ପ୍ରଦାନ କରିଥିଲେ। ତେବେ ଉକ୍ତ ଅଞ୍ଚଳରେ ଏତେ ବଡ ଅଘଟଣରୁ ଦୁଇ ପରିବାର ଅଳ୍ପକେ ବର୍ତ୍ତୀଯାଇଥିଲେ ସୁଦ୍ଧା ଘଟଣା ସ୍ଥଳକୁ କୌଣସି ରାଜ ନେତା କିମ୍ବା ପ୍ରଶାସନ ଆସିନାହାନ୍ତି ବୋଲି ଦୁଇ ପରିବାର ଲୋକେ ପ୍ରକାଶ କରିବା ସହ ସହାୟତାର ହାତ ବଢ଼ାଇଥିବା ଉକ୍ତ ସାମ୍ବାଦିକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।



**କସ୍ତୁପଡ଼ାରେ ନିଶା କାରବାର**

# ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ଯୁବଗୋଷ୍ଠୀ

**କେସିଙ୍ଗା,୧୩।୯(ସମିସ):** କଳାହାଣ୍ଡି ଜିଲ୍ଲା ରେ ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ କେସିଙ୍ଗା ବ୍ଲକ ବି ନିସ୍ତାର ପାଇନାହିଁ ବ୍ଲକ୍‌ର କସ୍ତୁପଡ଼ା ଗ୍ରାମର ବଙ୍ଗଳାପଡ଼ା ରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଛି। ଗ୍ରାମର କିଛି ଯୁବଗୋଷ୍ଠୀ ସମାଜସେବୀ ଜିତୁମିଶ୍ରଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ଯୁବକ ଶନିବାର ଦିନ କେସିଙ୍ଗା ଥାନାକୁ ଆସି ଗ୍ରାମରେ କିଛି ବେପାରୀ ଚୋରା ଦେଶୀ ବିଦେଶୀ ମଦ, ଗଞ୍ଜେଇ ଏପରିକି କଫ ସିରପ୍ ବିକ୍ରୀକରି ଗ୍ରାମର ଭବିଷ୍ୟତକୁ ନଷ୍ଟ କରୁଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଚୋରା ନିଶାଦ୍ରବ୍ୟ ବିକ୍ରୀ ଯୋଗୁଁ ପାଖପଡିସାର ମାଁ ଭଉଣୀ ମାନେ ସେହି ରାସ୍ତାରେ ଏକୁଟିଆ ଯିବା ଆସିବା କରିବାରେ ନିଜକୁ ସୁରକ୍ଷିତ ମଣୁ ନଥିବା ଜଣାଇଛନ୍ତି।ପୁଣି ସାହି ବାସୀ ଉକ୍ତ ମଦ ବ୍ୟବସାୟୀଙ୍କୁ ଚୋରା ମଦ ଓ ନିଶାଦ୍ରବ୍ୟ ବିକ୍ରି ବନ୍ଦ କରିବାକୁ କହିଲେ ସାହି ର ଲୋକଙ୍କୁ ନାଲି ଆଖି ଦେଖାଉଛି ଓ ଧମକ ଚମକ ଦେଉଛନ୍ତି ବୋଲି ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି।କେସିଙ୍ଗା ଥାନାରେ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଥାନାର ଏସଆଇ ରେଣୁକା ଖେସ ଲିଖିତ ଅଭିଯୋଗପତ୍ର ଗ୍ରହଣ କରି ଅଭିଯୋଗର ଉଚିତ ତଦନ୍ତ କରି ଗ୍ରାମରେ ଚୋରି ନିଶା କାରବାର ବନ୍ଦ କରିବାକୁ ପୋଲିସ ଗ୍ରାମବାସୀଙ୍କୁ ସହଯୋଗର ଭରଷା ଦେବା ପରେ ଗ୍ରାମବାସୀ ଚାଲି ଯାଇଥିଲେ।ଅଭିଯୋଗ ପରେ ଯଦି ପୁଲିସ ସମସ୍ୟାର ସମାଧାନ ନ କରେ ତାହାହେଲେ ଆଗାମୀ ଦିନରେ କାଶ୍ତୁପଡ଼ାରେ ଜୋର୍‌ସୋରରେ ମଦମୁକ୍ତି ଅଭିଯାନ ଆରମ୍ଭ କରି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



# କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟରେ ବିଶ୍ୱ ଫାଷ୍ଟଏଡ଼ ଦିବସ




**କଣ୍ଟାବାଞ୍ଜି,୧୩।୯(ସମିସ):** କଣ୍ଟାବାଞ୍ଜି ମହାବିଦ୍ୟାଳୟ ଯୁବ ରେଡ଼କ୍ରସ ୟୁନିଟ୍ ଦ୍ୱାରା ମହାବିଦ୍ୟାଳୟରେ ବିଶ୍ୱ ଫାଷ୍ଟ ଏଡ଼ (ଆଶୁ ଚିକିତ୍ସା) ଦିବସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମଲୋଚନ ବର୍ମା ସଭାପତିତ୍ୱ କରିଥିଲେ। ଖରିଆର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ତରୁଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ରେଡ଼ କ୍ରସ ସଂଯୋଜକ ରୋହିତ କିଶୋର କୁମ୍ଭାର ସ୍ୱାଗତ ଭାଷଣ ଦେଇଥିଲେ। ସଡ଼କ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କୁ କିପରି ସାହାଯ୍ୟ କରାଯାଇପାରିବ, ସାପ କାମୁଡ଼ା, କୁକୁରକାମୁଡ଼ା, ବିଜୁଳି ମାରିବା, ପୋଡାଜଳା, ପାଣିରେ ବୁଡ଼ିବା ଇତ୍ୟାଦିରୁ କିପରି ପ୍ରାଥମିକ ଚିକିତ୍ସା ମାଧ୍ୟମରେ ଲୋକଙ୍କୁ ବଞ୍ଚାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରୟୋଗାତ୍ମକ ସଚେତନତା କରାଯାଇଥିଲା। ବବିତା ଦେବଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପ୍ରଦ୍ୟୁମ୍ନ ବାଗ, କ୍ରିଷ୍ଣା ମେହେର, ଉମେଶ ବାଗ, ନିଳାମ୍ବର ସାରକା, ଅଧ୍ୟାପିକା ପ୍ରଭାସିନୀ ରାଉତରାୟ, ବିଳାସିନୀ ମଲ୍ଲିକ, ସୁଚି ବେହେରା, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗଗନ ସେଠ, କ୍ଷେତ୍ରମୋହନ ଷଣ୍ଢ, ମହେନ୍ଦ୍ର ଷଣ୍ଢ ସହଯୋଗ କରିଥିଲେ। ଜ୍ଞାନ ବିକାଶ ଧରୁଆ, ଆଶୀର୍ବାଦ ଅଗ୍ରୱାଲ, ସୌମ୍ୟରଂଜନ ତ୍ରିପାଠୀ, ଲିଙ୍ଗରାଜ ପନିକା, ମୋହନ ପୁଟେଲ, ଅବିନାଶ ସାହୁ, ଚକ୍ର ମାଝୀ, ପ୍ରଶାନ୍ତ କୁଅଁର, ପ୍ରଶାନ୍ତ ନାୟକ, କ୍ଷୀରୋଜ ମହାନନ୍ଦ, ଦୁଷ୍ମନ୍ତ ମହାନନ୍ଦ, ଡୋଳାମଣୀ ମହାନନ୍ଦ, ରବି ବଗର୍ତ୍ତି, ସୁନୀଲ କର୍ଣ୍ଣାଲ, ବିଦ୍ୟା ସାହୁ, ମୋତିଲାଲ, ମଧୁସ୍ମିତା ସାହୁ, ଅନୁପମା ଦରୱାନ, ବେବି ମହାକୁର, ସ୍ୱୀକୃତ ମହାକୁର, ଅନନ୍ଦିନୀ ମାଝୀ, ଟ୍ୱିଙ୍କିଲ ସାହୁ, ପ୍ରିୟଙ୍କା ପୁଟେଲ, ରୀନା ପୁଟେଲ, ନମିତା ଭୋଇ, ରାଧାରାଣୀ ଜ୍ୟୋତିଷ, ପୂଜା ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ଟୁଲିଫୁଙ୍କାରେ ନୂତନ ଡାକ୍ତରଖାନା ଗୃହ ଉଦ୍‌ଘାଟିତ



**ବଙ୍ଗୋମୁଣ୍ଡା,୧୩।୯(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଉପାନ୍ତ ଟୁଲିଫୁଙ୍କା ଗ୍ରାମରେ ନୂତନ ଭାବରେ ତିଆରି ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ରଞ୍ଜୁବାଳା ବେହେରା, ଟୁଲିଫୁଙ୍କା ସରପଞ୍ଚ ଯମୁନା ବେହେରା, ସିନ୍ଧେକେଲା ଜୋନ ଜିଲ୍ଲା ପରିଷଦ ଦାମ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଏଡିଏମଓ ଡ. ସୁଧା ବରଳା, ସିନ୍ଧେକେଲା ମେଡିକାଲ ଅଧିକାରୀ ଡ ଜୟନ୍ତ ବାଗ, ଟୁଲିଫୁଙ୍କା ପିଏଚସି ଇନଚାର୍ଜ ଡ ସନ୍ଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ହକ୍ ମାଗିଲେ ଏନ୍‌ପିଏସ୍ ଶିକ୍ଷକ

**ବାଲାଙ୍ଗୀର,୧୩।୯(ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗୀର ଜିଲ୍ଲା ହାଇସ୍କୁଲ ଏନପିଏସ (ନୂତନ ପେନସନ ସ୍କିମ) ଶିକ୍ଷକ ସଂଘ ତରଫରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ୨୦୦୪ ମସିହାରୁ ୨୦୧୩ମସିହା ମଧ୍ୟରେ ଓଡ଼ିଶାର ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତ ଠିକା ଶିକ୍ଷକଙ୍କ ୬ବର୍ଷର ଠିକା ଚାକିରିକୁ ମୂଳ ଚାକିରିରେ ଗଣନା କରିବା ସହ ୬ଟି ଜାତୀୟ ଇନକ୍ରିମେଣ୍ଟ ଯଥା ଶୀଘ୍ର ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଏହା ସହ ମାଧ୍ୟମିକ ବିଦ୍ୟାଳୟରେ ବହୁ ସଂଖ୍ୟକ ପ୍ରଧାନ ଶିକ୍ଷକ ପଦ ଖାଲି ପଡଛି। ଏଣୁ ଓଡ଼ିଶାର ମାଧ୍ୟମିକ ଶିକ୍ଷା ଅବସ୍ଥା ଶୋଚନୀୟ ହୋଇ ପଡିଛି ବୋଲି କୁହାଯାଇଥିଲା। ତାଲିମପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବରିଷ୍ଠତା ତାଲିକା ପ୍ରକାଶନରେ ଅହେତୁକ ବିଳମ୍ବ ହେବା ପ୍ରମୁଖ ଦାବି ଉପସ୍ଥାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ବଲାଙ୍ଗୀର ଜିଲ୍ଲାର ଶିକ୍ଷକ ନେତା ମନୋରଞ୍ଜନ ସାହୁ, ଶିକ୍ଷାବିତ ନରେନ୍ଦ୍ର ମିଶ୍ର, ଡୋଳାମଣୀ ସାହୁ, ଶରତ ନାଗ, ବିନୋଦ ମିଶ୍ର, ସୁଧାଂଶୁ ବାରିକ, ଦେବାଶିଷ ବିଶି, ଦୀପାଞ୍ଜଳି ଯୋଶୀ, ବୀରକିଶୋର ସୁନା, କପିଳେଶ୍ୱର କୁମ୍ଭାର, ଶକ୍ତିବାଇ ପଣ୍ଡା ପ୍ରମୁଖ ଉଦବୋଧନ ଦେଇଥିଲେ। ହେମନ୍ତ ବାରିକ ସଭା ପରିଚାଳନା କରିଥିଲେ। ଦ୍ୱିତୀ ରଞ୍ଜନ ମହାଲିଙ୍ଗ ଧନ୍ୟବାଦ ଦେଇଥିଲେ। ପ୍ରତିବାଦ ସଭା ପରେ ସମସ୍ତ ଏନପିଏସ ଶିକ୍ଷକ, ଶିକ୍ଷୟିତ୍ରୀ ଶୋଭାଯାତ୍ରାରେ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡିକ ଶୀଘ୍ର ପୂରଣ ନ ହେଲେ ଚଳିତ ମାସ ୨୨ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଆନ୍ଦୋଳନରେ ବଲାଙ୍ଗୀର ଜିଲ୍ଲାର ସମସ୍ତ ଏନପିଏସ ଶିକ୍ଷକ, ଶିକ୍ଷୟିତ୍ରୀ ସମୂହ ଛୁଟିରେ ଯାଇ ଯୋଗଦେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



# ବଲାଙ୍ଗିର ଜିଲ୍ଲାରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



**ବଲାଙ୍ଗିର,୧୩।୯(ସମିସ):** ବଲାଙ୍ଗିର ଜିଲ୍ଲା କୋର୍ଟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଡ. ପବିତ୍ର ମୋହନ ସାମଲ, ବିମଳ ଚାନ୍ଦ, ବିକ୍ରମ କେଶରୀ ପଟ୍ଟନାୟକ, ଅଞ୍ଜଳି ପାଢୀ, ଶଙ୍ଖ ଚକ୍ରବର୍ତ୍ତୀ, ଆଶିଷ କୁମାର ସାହୁ, କୁନ୍‌ମୁନ୍ ଆଚାର୍ଯ୍ୟ, ବୈଶାଳୀ ନାୟକ, ଅନ୍ନପୂର୍ଣ୍ଣା ଷଡଙ୍ଗୀ, ଶାଶ୍ୱତୀ ମହାପାତ୍ର, ସାଧକ କାର୍ଜୀ, ଦୀପାଳି ଦାସ, ଅର୍ଘ୍ୟରୂପା ମିଶ୍ର, ଶିଶିର ଭୋଇ ପ୍ରମୁଖ ବିଭିନ୍ନ ଅଦାଲତର ବିଚାରପତିଗଣ ଯୋଗଦେଇ ମାମଲାଗୁଡିକର ମିମାଂସା କରିଥିଲେ। ସମୁଦାୟ ୯୨୪୧ଟି ମାମଲାର ଫଇସଲା ହୋଇଛି। ଏଥିରେ ସିଭିଲ କୋର୍ଟ ରେଜିଷ୍ଟ୍ରାର ଶ୍ରୀଦୀପ ମିଶ୍ର, ସରକାରୀ ଓକିଲ ଓ ଜିଲ୍ଲା ଓକିଲ ସଂଘର ଓକିଲଗଣ ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ ରାଜସ୍ୱ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ, ଜଙ୍ଗଲ ବିଭାଗ, ଜଳ ବିଭାଗ, ବିଦ୍ୟୁତ୍ ବିଭାଗ, ବିଏସଏନଏଲ୍ ଏବଂ ଅନ୍ୟ ବିଭାଗର କର୍ମଚାରୀ ମଧ୍ୟ ଏହି ଲୋକ ଅଦାଲତରେ ଭାଗ ନେଇଥିଲେ। ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯାଗରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବଲାଙ୍ଗିର ଜିଲ୍ଲା କାରାଗାରର ଅନ୍ତେବାସୀଙ୍କ ଉତ୍ସାହ ବୃଦ୍ଧି କରିବା ପାଇଁ ସେମାନଙ୍କ ଦ୍ୱାରା ତିଆରି ବିଭିନ୍ନ ହସ୍ତତନ୍ତ ବସ୍ତ୍ର ଜିଲ୍ଲା କାରାଗାର କର୍ମଚାରୀଙ୍କ ଦ୍ୱାରା ବିକ୍ରି କରାଯାଇଥିଲା। ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ ପରିଚାଳନା କରିଥିଲେ। ସେହିପରି ଟିଟିଲାଗଡ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ମଧ୍ୟ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଜଜ ସନ୍ଦୀପ କୁମାର ପଟ୍ଟନାୟକ, ସିଭିଲ ଜଜ (ବରିଷ୍ଠ), କୃଷ୍ଣଚନ୍ଦ୍ର ନାୟକ ଏବଂ ଏସଡିଜେଏମ ସୁମିତ କୁମାର ପାଣିଗ୍ରାହୀ ବିଭିନ୍ନ ମାମଲାର ମିମାଂସା କରିଥିଲେ। ବରିଷ୍ଠ ଓକିଲ କୃଷ୍ଣଚନ୍ଦ୍ର ସାହୁ, ରାଧେଶ୍ୟାମ ଅଗ୍ରୱାଲ, ତନୟ କୁମାର ଠାକୁରଙ୍କ ସମେତ ସମସ୍ତ ଓକିଲଗଣ ଉପସ୍ଥିତ ଥିଲେ। ୩୮୩ ମକଦ୍ଦମା ମଧ୍ୟରୁ ୩୪ଟି ଫଇସଲା କରାଯାଇ ୧୦,୬୫,୨୩୯ ରାଶି ଆଦାୟ କରାଯାଇଥିଲା। ନ୍ୟାୟାଳୟର ବିଚାରାଧୀନ ମାମଲାର ୫୧୫ଟି ମକଦ୍ଦମା ମଧ୍ୟରୁ ୨୪୫ଟିର ଫଇସଲା ହୋଇ ମୋଟ ୨୫,୬୮,୬୫୩ ଆଦାୟ କରାଯାଇଛି।

# କଦଳୀଝରଣ ମନରେଗା ଟଙ୍କା ଆତ୍ମସାତ ଅଭିଯୋଗର ନୂଆମୋଡ଼

## ତଦନ୍ତ ପରିସରରକୁ ଆସିଲେ ତତ୍କାଳୀନ ଏଇ, ଜିଆରଏସ | ଦୁର୍ନୀତି ଚାପିବାକୁ ଗାଁକୁ ଟଙ୍କା ଦେବା ନେଇ ଚର୍ଚ୍ଚାରେ ଯନ୍ତ୍ରୀ

**ଖପ୍ରାଖୋଲ,୧୩।୯(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଲୁହାସିଂହା ପଞ୍ଚାୟତ କଦଳୀଝରଣ ଗ୍ରାମର ଭାଲୁପତ୍ରାରେ ମନରେଗା ଟଙ୍କା ଆତ୍ମସାତ ଅଭିଯୋଗ ନୂଆମୋଡ଼ ନେଇଛି। ଏକ ଟାଙ୍କି ଖନନରେ ଦୁର୍ନୀତି ହୋଇଥିବା ନେଇ ପ୍ରଶାସନର ତଦନ୍ତରେ ଏବେ ଏକ ନୂଆ ମୋଡ଼ ନେଉଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଗୋଟିଏ ପଟେ ପ୍ରଶାସନ ଟଙ୍କା ଆତ୍ମସାତ ଅଭିଯୋଗର ତଦନ୍ତ ଉପରେ ଗୁରୁତ୍ୱ ଦେଇଛି। ଏକ ତଦନ୍ତକାରୀ ଦଳ ଗତ ଗୁରୁବାର ଦିନ ଭାଲୁପତ୍ରା ଯାଇ ମାପଚୁପ କରିଛି। ତେବେ ସେହି ସମୟରେ ଯନ୍ତ୍ରୀ ଦିଲୀପ ରାଉତ ବାଧା ସୃଷ୍ଟି କରିଥିଲେ। ତୁମେ କାମ ଜାଣିନାହିଁ। ତୁମକୁ ମାପଚୁପ ଆସେନି କହି ତଦନ୍ତକାରୀ ଦଳକୁ ଭୁଆଁ ବୁଲାଇଥିବା ଦେଖିବାକୁ ମିଳିଥିଲା। ଏହି ଯନ୍ତ୍ରୀ ଜଣକ କୁଆଡେ କଦଳୀଝରଣ ଗ୍ରାମକୁ ନିଜ ପକ୍ଷ ରଖିବା ପାଇଁ ବଡ ପରିମାଣର ଆର୍ଥିକ ରାଶି ଦେଇଥିବା ତଥା କିଛି ଶ୍ରମିକଙ୍କୁ ନିଜ ଫୋନ୍ ମାଧ୍ୟମରେ ଟଙ୍କା ପଠାଇବା ଖପ୍ରାଖୋଲଠାରୁ ପାଟଣାଗଡ଼ ପର୍ଯ୍ୟନ୍ତ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ଥିବା ତତ୍କାଳୀନ ଗ୍ରାମ ରୋଜଗାର ସେବକ ମୃତ୍ୟୁଞ୍ଜୟ ନନ୍ଦ, ସୁନିତା ବାରିକ ଓ ସହଯୋଗୀ ଯନ୍ତ୍ରୀ କୁଳମଣୀ ଭୋଇଙ୍କୁ ପ୍ରଶାସନ ତଦନ୍ତ ପରିସରକୁ ଆଣିଛି। ସମସ୍ତଙ୍କୁ ବ୍ୟକ୍ତିଗତ ଭାବରେ ପୁଙ୍ଖାନୁପୁଙ୍ଖ ପଚରା ଯାଇଛି। ସେମାନଙ୍କଠାରୁ ଲିଖିତ ନିଆଯାଇଛି। ଏହି ସମୟରେ ଯନ୍ତ୍ରୀ ଜଣକ ଜିଆର୍ ଏସ୍‌ମାନଙ୍କୁ ନିଜ ସପକ୍ଷରେ କହିବା ପାଇଁ ପ୍ରବର୍ତ୍ତାଉଥିବା ଦେଖିବାକୁ ମିଳିଥିଲା। ତେବେ ଏହିଭଳି ଜଣେ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କୁ ପ୍ରଶାସନ ଘଣ୍ଟ ଘୋଡାଇ ରଖିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।



# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




**ବେଲପଡା,୧୩।୯(ସମିସ):** ଦୁମାଭଟା ବୀଣାପାଣି ଡିଗ୍ରୀ କଲେଜରେ କଳା, ବିଜ୍ଞାନ ଓ ବାଣୀଜ୍ୟ ବିଭାଗର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଦେବାର୍ଚ୍ଚନ ନାଗ, ଅଧ୍ୟକ୍ଷା ମମତା ସେନାପତି ଯୋଗ ଦେଇଥିଲେ। ଦୀନେଶ ଚନ୍ଦ୍ର ସୁନା, ତପୁ ମଝିକ, ନିତୁ ମେହେର, ଶାମୁକା ଯାଦବ, ମୁନା ସେଠ, ଅଭିଜିତ ମହାନ୍ତି, ଦିଲୀପ ମହାନନ୍ଦ, ରାଜ ଅଭିଷେକ ସାହୁ ଓ ପିକୁଣ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଦିଲୀପ ବାଗ ମଞ୍ଚ ପରିଚାଳନା କରିଥିଲେ।

# ପାଚେରି ଭାଙ୍ଗି ଘର ଭିତରକୁ ପଶିଲା କାର୍

**ବିନିକା, ୧୩।୯ (ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ଦ୍ରୁତ ଗତିରେ ଆସୁଥିବା ଏକ କାର ଅଚାନକ ଭାରସାମ୍ୟ ହରାଇ ଏକ ଘରର ପାଚେରୀ ଭାଙ୍ଗି ଘର ଭିତରକୁ ପଶି



## ଅଳ୍ପକେ ବର୍ତ୍ତିଲେ ପରିବାର

ଯାଇଥିଲା। ଫଳରେ ଘରେ ଥିବା ପରିବାର ଅଳ୍ପକେ ମୃତ୍ୟୁ ମୁଖରୁ ବଞ୍ଚି ଯାଇଛନ୍ତି।। ଘଟଣାଟି ଘଟିଛି ସୁବର୍ଣ୍ଣପୁର ଜିଲ୍ଲା ବିନିକା ରାମପୁର ମୁଖ୍ୟ ରାସ୍ତାର ବିନିକା ଠାରୁ ୩ କିମି ଦୂର ବେଲପଡ଼ା ଛକରେ। କାରଟି ଦ୍ରୁତ ଗତିରେ ରାମପୁର ପଟରୁ ବିନିକା ଆଡ଼କୁ ଆସୁଥିବା ବେଳେ ଅଚାନକ ଭାରସାମ୍ୟ ହରାଇ ବେଲପଡ଼ା ଛକ ନିକଟରେ ଏକ ଘରର ପାଚେରୀକୁ ଭାଙ୍ଗି ଘରକୁ ମାଡ଼ି ଯାଇଥିଲା। ଘରର ପରିବାର ସମେତ ଗାଡ଼ିରେ ଥିବା ୪ ଜଣ ବ୍ୟକ୍ତି ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। କାର୍‌ରେ ବସିଥିବା ୪ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ସାମାନ୍ୟ ଆହତ ହୋଇ ବିନିକା ମେଡ଼ିକାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, କାରର ମାଲିକ ବିନିକା କୃଷି ଅଧିକାରୀ ବୋଲି ଜଣାପଡ଼ିଛି। ତେବେ ଗାଡ଼ିଟିକୁ କୃଷି ଅଧିକାରୀ ଚଳାଉ ଥିଲେ ନା ଆଉ କିଏ ଚଳାଇଥିଲା ତାହା ସ୍ପଷ୍ଟ ଭାବେ ଜଣା ପଡ଼ି ନଥିଲେ ମଧ୍ୟ ନିଜେ କୃଷି ଅଧିକାରୀ ଚଳାଉଥିବା ନେଇ ସାଧାରଣରେ ଶୁଣିବାକୁ ମିଳୁଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୁଲିସ ଜବତ କରିଥିବା ବେଳେ ଏନେଇ ବିନିକା ଥାନାରେ କେସ ନଂ ୧୮୩/୨୦୨୫, ବିଏନଏ ୨୮୧ ଓ ଏମଭି ଆକ୍ଟ ୧୮୫ରେ ମାମଲା ରୁଜୁ ହୋଇଛି। ମଦ ପିଇ କାର ଚଳାଉଥିବା ଗାଡ଼ି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ସାର ଯୋଗାଣ ଦାବିରେ ଚାଷୀଙ୍କ ରାସ୍ତା ଅବରୋଧ

**ବୌଦ୍ଧ, ୧୩।୯ (ସମିସ)**

ବୌଦ୍ଧ ଥାନା ଖୁଣ୍ଟବନ୍ଧ ପାକ୍ସ ଆଗରେ ୟୁରିଆ ସାର ଯୋଗାଣ ଦାବିରେ ଚାଷୀମାନେ ଅପରାହ୍ନ ୪ ଟାରୁ ୭ ଟା ପର୍ଯ୍ୟନ୍ତ ୪ ଘଣ୍ଟା ଧରି ୫୭ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ମିଳିଥିବା ସୂଚନାନୁଯାୟୀ, କେତେକ ଚାଷୀ ଆଜି ସକାଳ ୬ ଟା ରୁ ନିଜର ଆଧାର କାର୍ଡର ଜେରକ୍ସ କପି ଆଣି କୃଷି ସମବାୟ ସମିତି ଆଗରେ ଲାଇନ ଲଗାଇଥିଲେ। ଦିନ ୧୦ଟା ସମୟରେ ଖୁଣ୍ଟବନ୍ଧ ପାକ୍ସକୁ ଆସିଥିବା ୬୦୦ ବସ୍ତା ୟୁରିଆ ସାର ବଣ୍ଟନ ସମିତି ପରିସରରେ ଆରମ୍ଭ କରାଯାଇଥିଲା। ତେବେ ସକାଳୁ ନମ୍ବରରେ ଥିବା ଚାଷୀଙ୍କୁ ସାର ନଦେଇ ପରେ ଆସିଥିବା ଚାଷୀଙ୍କୁ ସାର ଦେବାରୁ ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ କରି ଧାଡିରେ ଥିବା ଚାଷୀମାନେ ପାଟି ତୁଣ୍ଡ



କରିଥିଲେ। ଚାଷଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବାରୁ ସାର ବଣ୍ଟନ ବନ୍ଦ ରହିଥିଲା। ପରେ ସକାଳୁ ଆସି ବସ୍ତାଏ ସାର ପାଇଁ ଦିନ ସାରା ଅପେକ୍ଷା ଭୋକ ଶୋଷରେ ଥିବା ଚାଷୀମାନେ ପାକ୍ସ ଆଗରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ରାସ୍ତରୋକ ଯୋଗୁଁ ଜାତୀୟ ରାଜପଥର ଖୁଣ୍ଟବନ୍ଧଠାରେ ଉଭୟ ପାର୍ଶ୍ୱରେ ଅନେକ ଯାନବାହାନ ଅଟକି ରହିଥିଲା। ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରାଣ ବନ୍ଧୁ ସାହୁ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରୁଥିବା ବେଳେ ପ୍ରଶାସନିକ ଅଧିକାରୀ ନଆସିବା ପର୍ଯ୍ୟନ୍ତ ହଟିବୁ ନାହିଁ ବୋଲି ଚାଷୀମାନେ ଅଡ଼ି ବସିଥିଲେ। ଖବର ପାଇ ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ ଓ ଏସଡିପିଓ ଲାରେନ ରାଉତରାୟ ପହଞ୍ଚି

## ୪ ଘଣ୍ଟା ପରେ ହଟିଲା ରାସ୍ତାରୋକ

ପାକ୍ସ କର୍ମଚାରୀ ଓ ଚାଷୀଙ୍କ ସହିତ ଆଲୋଚନା କଲାପରେ ଏହାର ସମାଧାନ ହୋଇଥିଲା। ରାତି ୭ ଟାରେ ଅବରୋଧ ହଟିଥିଲା। ପରେ ଗାଡି ମୋଟର ଯାତାୟାତ ସ୍ୱାଭାବିକ ହୋଇଥିଲା। ଦୀର୍ଘ ୪ ଘଣ୍ଟା ରାସ୍ତା ଅବରୋଧ ଦ୍ୱାରା ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକିରହିବା ସହ ଯାତ୍ରୀମାନେ ହଇରାଣ ହୋଇଥିବା ନଜରକୁ ଆସିଥିଲା।

# 'ନିଶା ସେବନର କୁପ୍ରଭାବ' ସଚେତନତା କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୧୩।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ପଣ୍ଡରାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଶା ସେବନର କୁପ୍ରଭାବ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନନ୍ଦକିଶୋର ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ସୂର୍ଯ୍ୟଭାନୁ ରାଉତ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ନିଶା ସେବନର କୁପ୍ରଭାବ ଉପରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନେ ନିଶା ବ୍ୟବହାରରୁ ଦୁରେଇ ରହିବାକୁ ଶପଥ ନେଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ନିଶା ସେବନର କୁପ୍ରଭାବ ପ୍ରସଙ୍ଗରେ ଏକ ନାଟିକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ କୁଶ ପୁଟେଲ, ଅଜୟ ପଧାନ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଶିକ୍ଷକ ବିଶ୍ୱଦେବ ବେରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଡୁମାଲ ସମାଜର ବୈଠକ

**ବୀରମହାରାଜପୁର, ୧୩।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଦରମହକୁମାରେ ଶୁକ୍ରବାର ମୈତ୍ରୀ ସଦନଠାରେ ଜିଲ୍ଲା ଡୁମାଲ ପରିଷଦ ସୁବର୍ଣ୍ଣପୁର ପକ୍ଷରୁ ଜିଲ୍ଲାର ମାହେଶ୍ୱରୀ ମନ୍ଦିର, ଡାଳତଳ ମାହେଶ୍ୱରୀ ପୀଠ ଗୁଡ଼ିକର ସେବାୟତ, କେନ୍ଦ୍ର କମିଟି କର୍ମକର୍ତ୍ତା, ଜିଲ୍ଲା କମିଟି କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ଡୁମାଲ ପରିଷଦ ସୁବର୍ଣ୍ଣପୁର ସଭାପତି ଅଶ୍ୱିନୀ କୁମାର ମହାକୁର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୂଷଣ କୁମାର ପାତ୍ର, ଚମ୍ପେଶ୍ୱର ମିଶ୍ର, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମିନକେତନ ମହାକୁର ଯୋଗଦେଇଥିଲେ। ଏହି ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ କିଶୋର କର୍ମୀ ମାହେଶ୍ୱରୀ ସଂସ୍କୃତି, ଐତିହ୍ୟ, ପରମ୍ପରା, ଷୋଳପୂଜା ନୀତି ନିୟମ ଓ ଡୁମାଲ ଜାତି ସମାଜର ପରମ୍ପରା, ଐତିହ୍ୟ ସଂସ୍କୃତି ବଜାୟ ରଖିବା ପାଇଁ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ମାନଙ୍କର ମତାମତ ନେଇଥିଲେ। ମାହେଶ୍ୱରୀ ଷୋଳପୂଜା ନୀତି ନିୟମ ସହ ଦିନ, ତାରିଖ ଧାର୍ଯ୍ୟ କରାଯାଇଥିଲା। ଆସନ୍ତା ୧୪ ତାରିଖ ରବିବାର ଦିନ ପୁଅ ଜିଉଁନ୍ତିଆ ତଥା ଷୋଳପୂଜା ଆରମ୍ଭ କରାଯିବ। ୨୧ ତାରିଖ ରବିବାର ଦିନ ମହାଳୟା ଅମାବାସ୍ୟା, ୨୯ ତାରିଖ ସୋମବାର ଦିନ ଭାଇ ଜିଉଁନ୍ତିଆ ତଥା ମହାଷ୍ଟମୀ), ଅକ୍ଟୋବର ୬ ତାରିଖ ସୋମବାର ଦିନ କାନପୁର ମାହେଶ୍ୱରୀ ପୀଠରେ ଆଶ୍ୱିନ ପୂର୍ଣ୍ଣିମା ଯାତ୍ରା, ମା' ମାହେଶ୍ୱରୀ ଦେମୂଳ ପୀଠକୁ ଶୋଭାଯାତ୍ରା ତଥା କୁମାରୋତ୍ସବ ଯାତ୍ରା ଅନୁଷ୍ଠିତ ହେବ। ଅକ୍ଟୋବର ୭ ତାରିଖ ମଙ୍ଗଳବାର କୁମାରୋତ୍ସବ ଯାତ୍ରା ଉଦ୍‌ଯାପନୀ ପର୍ବ, ଜିଲ୍ଲା ଡୁମାଲ ପରିଷଦ ସୁବର୍ଣ୍ଣପୁର ମହାସଭା ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଡୁମାଲ ପରିଷଦ ସୁବର୍ଣ୍ଣପୁର ସଭାପତି ଘୋଷଣା କରିଥିଲେ। ଏହି ବୈଠକରେ କାନପୁର କେନ୍ଦ୍ର ସଭାପତି ଅଯତ୍ନ କଲତା, ଯାଲୋଏ କେନ୍ଦ୍ର ସଭାପତି ଦୀନବନ୍ଧୁ ବଘାର, କୋଟସମଲାଏ କେନ୍ଦ୍ର ସଭାପତି ନରସିଂହ ପଧାନ, ପଲାସ କେନ୍ଦ୍ର ସମ୍ପାଦକ ସତ୍ୟ ନାରାୟଣ ପଧାନ, ଲୁହୁରାପାଲି କେନ୍ଦ୍ର ସଭାପତି ଦାମୋଦର ମହାକୁର, ଘାଟିଜାମ୍ପାଲି କେନ୍ଦ୍ର ଉପସଭାପତି ବିକାଶ କର୍ମୀ, ହିଲୁଙ୍ଗ କେନ୍ଦ୍ର ସମ୍ପାଦକ ଅର୍ଜନ ପଧାନ, ଡାହୁକବୁଡ଼ କେନ୍ଦ୍ର ସଭାପତି ବୃନ୍ଦାବନ ପଧାନ, ବାଗବର କେନ୍ଦ୍ର ସଭାପତି ଭଗବାନ କର୍ଣ୍ଣ, ସମ୍ପାଦକ ହରିହର ପଧାନ, ଲୁତୁରପଙ୍କ କେନ୍ଦ୍ର ସଭାପତି କଳ୍ପ ମହାକୁର, ଅଶୋକ ମହାକୁର, ଜିଲ୍ଲା ମାହେଶ୍ୱରୀ ସେବାୟତ କମିଟି ସଦସ୍ୟ ସନ୍ତୋଷ ମହାକୁର ଉପସ୍ଥିତ ଥିଲେ। ଶେଷରେ ହିଲୁଙ୍ଗ ମାହେଶ୍ୱରୀ ମନ୍ଦିର ଦେହେରୀ ସନ୍ତୋଷ କୁମାର ଦେହୁରୀ ଧନ୍ୟବାଦ୍ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

**ବୌଦ୍ଧ, ୧୩।୯ (ସମିସ):** ବୌଦ୍ଧ ବ୍ଲକ ମୁରୁଶୁଣ୍ଡୀ ପଞ୍ଚାୟତ ଟୁଟୁସିଙ୍ଗା ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ରାଧାମୋହନ ମାହାଣାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ରେଡକ୍ରସର ମୁଖ୍ୟ ପ୍ରଶିକ୍ଷକ ପ୍ରବୀର ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ରେଡକ୍ରସ୍‌ର ଭୂମିକା, କାର୍ଯ୍ୟଶୈଳୀ ଓ ପ୍ରାଥମିକ ଚିକିତ୍ସାରେ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ରେଡକ୍ରସ୍ କାଉନସେଲର୍ ସଙ୍ଗୀତ୍ ମେହେର୍ ଅତିଥି ପରିଚୟ ପ୍ରଦାନ ସହ ପ୍ରାଥମିକ ଚିକିତ୍ସା ସହାୟତା ସମ୍ପର୍କରେ ଟିପ୍ପଣୀ ରଖିଥିଲେ। ଶେଷରେ ପ୍ରାଥମିକ ଚିକିତ୍ସା ସହାୟତା ସମ୍ବନ୍ଧୀୟ ଏକ ତାଲିମ ପ୍ରବୀର୍ ଦାସଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ବୌଦ୍ଧ:** ଭୈରବୀ ଡ଼ିଗ୍ରୀ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ତରେଣିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଲଳିତ କୁମାର ମେହେର, ରଞ୍ଜିତ କୁମାର ସାମଲ, ପୀତବାସ ମେହେର, ଅଧ୍ୟାପିକା ସୁଷମା ରାଣୀ ବୋହିଦାର, ସୁଭ୍ରା ମଲ୍ଲିକା ପ୍ରଧାନ, ପୂଜାରଣି ଦେଓ, ଦମୟନ୍ତୀ ନାୟକ, ଖେଳ ଶିକ୍ଷକ ମଧୁସୂଦନ ବେହେରା ଯୋଗଦେଇଥିଲେ। ପ୍ରାଥମିକ ଚିକିତ୍ସା ତାଲିମଦାତା ଭାବରେ ମହାବିଦ୍ୟାଳୟର ଅଧ୍ୟାପକ ତଥା ଯୁବ ରେଡକ୍ରସ୍ ଜିଲ୍ଲା ସଂଯୋଜକ ସୁରେଶ୍ୱର ଯୋଶୀ ତାଲିମ ପ୍ରଦାନ କରିଥିଲେ। ନିଜେ ସଚେତନ ହେବା ସହ ପ୍ରାଥମିକ ଚିକିତ୍ସା ମାଧ୍ୟମରେ ଅନ୍ୟମାନଙ୍କୁ କିପରି ସହାୟତା ପ୍ରଦାନ କରାଯାଇପାରିବ ସେ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

**ମନମୁଣ୍ଡା:** ଶନିବାର ଦହ୍ୟା ଜୀବନ ବିକାଶ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି କିଶୋର କୁମାର ମେହେରଙ୍କ ସଭାପତିତ୍ୱରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ଗୁରୁ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ସୂର୍ଯ୍ୟକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ତମାମୁରା ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତି ବନ୍ଧୁ ପ୍ରାଣବନ୍ଧୁ ହୋତା ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ସମସ୍ତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସାର କୌଶଳ ଶିଖାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଜୁନିଅର ରେଡ଼କ୍ରସ କାଉନସିଲର ଧ୍ରୁବଚରଣ ବାରିକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଧାରଣ କ୍ଷତ, ହାଡ଼ ଭାଙ୍ଗିବା, ଅଚେତ ହେବା, ହୃତଘାତ ହେବା ପରି ବିଭିନ୍ନ ଦୁର୍ଘଟଣାର ପ୍ରାଥମିକ ଚିକିତ୍ସା କୌଶଳ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ମାନଭଞ୍ଜନ ପଣ୍ଡା, ସୁରଜ କଲସାଏ, ଅମୀୟ ପଧାନ, ସୁବ୍ରତ ନାଗ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଏହି ଅବସରରେ ଚାରାରୋପଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ତଣ୍ଡକାର ଧନ୍ୟବାଦ ଅର୍ପଣ କରିଥିଲେ।

# ପଡୋଶୀଙ୍କ ଆକ୍ରମଣରେ ଯୁବକ ଗୁରୁତର

**ଶଗଡ଼ା, ୧୩।୯ (ସମିସ):** ମନମୁଣ୍ଡା ଥାନା ତାଳପଦର୍ ଗାଁରେ ଜଣେ ଯୁବକଙ୍କୁ ତାଙ୍କର ଜଣେ ପଡୋଶୀ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଜଣକ ହେଲେ ତାଳପଦର୍ ଗାଁର ରାକେଶ ସେଠୀ। ଆକ୍ରମଣ କରିଥିବା ବ୍ୟକ୍ତି ସେହି ଗାଁର ହୋଇଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ କରିଥିବା ଜଣାପଡ଼ିଛି। ରାକେଶ ନିଜ ଘର ବାରଣ୍ଡାରେ ବସିଥିବା ବେଳେ ପଡୋଶୀ ଯୁବକ ଜଣକ ହଠାତ ଆସି ଆକ୍ରମଣ କରିଥିବା ରାକେଶଙ୍କ ବାପା ଅଭିଯୋଗ କରିଛନ୍ତି।

# କନ୍ଧମାଳରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ଶଗଡ଼ା, ୧୩।୯ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଦେୱାନୀ ଓ ଫୌଜଦାରୀ ଅଦାଲତ ପରିସରରେ ତାଲୁକ୍ ଆଇନ୍ ସେବା ସମିତି ଆନୁକୂଲ୍ୟରେ ଚଳିତ ବର୍ଷର ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତିର ଚେୟାରମ୍ୟାନ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଏକ ମୋଟର ଯାନ ଦୁର୍ଘଟଣା ସମ୍ପର୍କିତ କ୍ଷତି ପୂରଣ ମାମଲାର ବିଚାର କରି ପୀଡିତ ବ୍ୟକ୍ତିଙ୍କୁ ୫ ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ ନିମନ୍ତେ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଥିଲା। ୧୯ଟି ପ୍ରାକ୍ ମାମଲା ତଥା ବ୍ୟାଙ୍କ ସମ୍ପର୍କିତ ମାମଲାର ଫଇସଲା କରାଯାଇ ୨୧ ଲକ୍ଷ ୧୪ ହଜାର ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ଏଡିଜେ କୋର୍ଟର ସହକାରୀ ଅଧିବକ୍ତା ଦୂତିଆ ଚରଣ ସାହୁ, ଆଇନଜୀବୀ ନରୋତ୍ତମ ମେହେର ଉପସ୍ଥିତ ଥିଲେ।

# ଜଟେସିଂହା ଉଚ୍ଚ ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଶିବିର

**ବୀରମହାରାଜପୁର, ୧୩।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଂହା ଉଚ୍ଚ ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ବେଦବାକ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଯୋଗ ଶିକ୍ଷକ ଦିନେଶ ବିଶ୍ୱାଳ ପ୍ରଶିକ୍ଷକ ଭାବରେ ଯୋଗଦେଇ ସୂକ୍ଷ୍ମ ବ୍ୟାୟାମ, ଆସନ, ପ୍ରାଣାୟାମ କରାଇବା ସହ ଜୀବନରେ ଯୋଗର ଆବଶ୍ୟକତା ଉପଯୋଗ ଓ ସୁସ୍ଥ ଶରୀର ସୁସ୍ଥ ସମାଜ ଗଠନ ପାଇଁ ଯୋଗ ହିଁ ଏକମାତ୍ର ବିକଳ୍ପ ବୋଲି ମତ ବ୍ୟକ୍ତ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗୁରୁଦତ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ

**ମନମୁଣ୍ଡା, ୧୩।୯ (ସମିସ):** ଆଜି ମନମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ 'ଏକ ପେଡ ମା' କେ ନାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ପଞ୍ଚାୟତ ସମିତି ସୌଜନ୍ୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ବିଡ଼ିଓ ସାମ୍ପ୍ରୀ ଜୟଶ୍ରୀ ରେ‡ୀଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗ, ସମ୍ମାନିତ ଅତିଥିଭାବେ କଣ୍ଟାମାଳ ବିଇଓ ଅଶୋଭା ରଞ୍ଜନ ମାଳି, ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ନାଏକ, ମନମୁଣ୍ଡା ସରପଞ୍ଚ ରଞ୍ଜୁ ବେହେରା, ପିଇଓ ଜୟଦେବ ପ୍ରଧାନ, ଏବିଇଓ ଦୁର୍ଗା ଚରଣ ପ୍ରଧାନ, ସିଆର୍‌ସିସି ପ୍ରଜିନା ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତେ ମା' ମାଟି ପାଇଁ ଜଣେ ଅତି କମ୍‌ରେ ଗୋଟିଏ ଲେଖାଏଁ ଚାରାରୋପଣ କରିବାକୁ ଅନୁରୋଧ କରିଥିଲେ। ଶିକ୍ଷୟିତ୍ରୀ ମମତା ନାୟକ, ଖେଳ ଶିକ୍ଷକ ଜିତେନ୍ଦ୍ରିୟ ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାତୀୟ ରାଜପଥ ୫୭ ମନମୁଣ୍ଡା ସହରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା।

# ବିଦ୍ୟାଳୟସ୍ତରୀୟ ସମୂହ କ୍ରୀଡ଼ା ପ୍ରତିଭା ଚୟନ ଶିବିର

**ପଲଶାଗୋରା, ୧୩।୯ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମିଳିତ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ ବିଦ୍ୟାଳୟସ୍ତରୀୟ ସମୂହ କ୍ରୀଡ଼ା ପ୍ରତିଭା ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି, ସମ୍ମାନିତ



ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପ୍ରହରାଜ, କୁଣ୍ଡାମାଳ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳଭଦ୍ର ବିଶ୍ୱାଳ, ସିଆରସିସି ହୃଦାନନ୍ଦ ଦନ୍ତା, ବ୍ଲକ କ୍ରୀଡ଼ା ସଂଗଠନ ସମ୍ପାଦକ ସୁଦାମ ଚରଣ ମିଶ୍ର ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ପରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ବ୍ୟାଡ଼ମିଣ୍ଟନ, ଭଲି ବଲ, ହ୍ୟାଣ୍ଡବଲ, ହକି ଓ ଆର୍‌ଚେରୀ ପ୍ରତିଯୋଗିତା ହୋଇଥିଲା। ଏହି ଶିବିରରେ ୧୩୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଚୟନ ହୋଇଥିବା ପ୍ରତିଯୋଗୀମାନେ ୧୫ ଓ ୧୮ ତାରିଖରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। କ୍ରୀଡ଼ା ପରିଚାଳନାରେ କ୍ରୀଡା ଶିକ୍ଷକ ଅରୁଣ ଖଟୁଆ, ପଞ୍ଚାନନ ପ୍ରଧାନ, ଆଦିନାଥ ଦାସ, ମହେନ୍ଦ୍ର ସାହୁ, ବିଶ୍ୱଜିତ ପ୍ରଧାନ, ମନ୍ଦାକିନୀ ବଗର୍ତ୍ତୀ, ଦୁଷ୍ମନ୍ତ ବିଶ୍ୱାଳ, ଶୁଭଶ୍ରୀ ଡାଙ୍ଗ, ଉମାକାନ୍ତ ପଣ୍ଡା, ମକୁନ୍ଦ ଚନ୍ଦ୍ର ସାହୁ, ଜିତେନ୍ଦ୍ର ହୋତା ଓ ପଲଶାଗୋରା ହାଇସ୍କୁଲର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

# 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ପ୍ରସ୍ତୁତିର ସମୀକ୍ଷା କଲେ ଜିଲ୍ଲାପାଳ

**ବୌଦ୍ଧ, ୧୩।୯ (ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭା ଗୃହରେ 'ଏକ ପେଡ ମା' କେ ନାମ' କାର୍ଯ୍ୟକ୍ରମ ପ୍ରସ୍ତୁତିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ପରିଷଦ ଚାର୍ଲସ ନାଏକ, ସମସ୍ତ ବ୍ଲକର ବିଡିଓ, ତହସିଲଦାର, ସିଡ଼ିପିଓ ଓ ଅନ୍ୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧୭ ତାରିଖରେ ଏକା ସାଙ୍ଗରେ 'ଏକ ପେଡ ମା' କେ ନାମ' କାର୍ଯ୍ୟକ୍ରମ ଅନ୍ତର୍ଗତ ୧ ଲକ୍ଷ ୮୩ ହଜାର ଚାରା ରୋପଣ ପାଇଁ ଜିଲ୍ଲାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏନେଇ ହୋଇଥିବା ପ୍ରସ୍ତୁତି ଉପରେ ଜିଲ୍ଲାପାଳ ଏଥିରେ ସମୀକ୍ଷା କରିଥିଲେ। ରବିବାର ଠାରୁ ୩ ଦିନ ପର୍ଯ୍ୟନ୍ତ ସମସ୍ତ ୨୫ ଜଣ ନୋଡାଲ ଅଫିସର ପ୍ରତ୍ୟେକ ପଞ୍ଚାୟତକୁ ଗସ୍ତ କରି ଏହି କାମର ତଦାରଖ କରି ଜିଲ୍ଲାସ୍ତରୀୟ ନୋଡାଲ ଅଫିସରଙ୍କୁ ଜଣାଇବେ। ୧୬ ତାରିଖରେ



ରାଜ୍ୟସ୍ତରୀୟ ଅଧିକାରୀ ଏହି କାର୍ଯ୍ୟକ୍ରମର ତଦାରଖ କରିବେ। ଏଥିପାଇଁ ଜିଲ୍ଲାସ୍ତରୀୟ ନୋଡାଲ ଅଫିସର ଭାବରେ ସିଡ଼ିଇଓ ଏବଂ ସମସ୍ତ କାର୍ଯ୍ୟର ତଦାରଖ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଜିଲ୍ଲାର ସମସ୍ତ ସ୍ଥାନରେ ଏହି ଉପଲକ୍ଷେ ସଚେତନତା ରାଲି, ପ୍ଲା କାର୍ଡ ସହ ସ୍ଲୋଗାନ, ସଂକୀର୍ତ୍ତନ, ସଚେତନତା ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୧୬ ତାରିଖରେ ଏକ ସଚେତନତା ରାଲି ଜିଲ୍ଲା ଷ୍ଟାଡିୟମ ପଡ଼ିଆରୁ ବାହାରି ୱାରଲେସ ଛକ, ପୋଷ୍ଟ ଅଫିସ ଛକ, ଗାନ୍ଧି ଛକ, ବାଘଗୁଡା ଛକ ଦେଇ ଜିଲ୍ଲା ସଂଗ୍ରହାଳୟରେ ପହଞ୍ଚିବ। ଏହି ରାଲି ଆୟୋଜନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ନିର୍ବାହୀ ଅଧିକାରୀ ବୌଦ୍ଧଗଡ଼ ଏନଏସି, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଏହି ସମୀକ୍ଷା ବୈଠକକୁ ସିଡ଼ିଓ ଶ୍ରୀ ଦଣ୍ଡସନା ପରିଚାଳନା କରିଥିଲେ। ଏସିଏଫ ମିନାକ୍ଷୀ କୁମୁରା ମେରୀ ଲାଇଫ ପୋର୍ଟାଲ ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ପ୍ରଚାର, ପ୍ରସାର ପାଇଁ ଜିଲ୍ଲାପାଳ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ କୌଣସି ଅଧିକାରୀ ଛୁଟିରେ ନ ଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ଅନିୟମିତତା

# ତଦନ୍ତ ଦାବିରେ କେନ୍ଦ୍ରରେ ତାଲା ପକାଇଲେ ମହିଳା

**ଶଗଡ଼ା, ୧୩।୯ (ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବସରୀ ପଞ୍ଚାୟତ ଅନ୍ତର୍ଗତ ଗୁହିରାପାଲି ଗ୍ରାମରେ ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଗ୍ରାମର ମହିଳାମାନେ ଦୀର୍ଘ ୧୦ ମାସ ହେଲା କେନ୍ଦ୍ରରେ ତାଲା ପକାଇଥିଲେ। ତେବେ ଶନିବାର ତହସିଲଦାରଙ୍କ ଉପସ୍ଥିତିରେ କେନ୍ଦ୍ରରୁ ତାଲା ଖୋଲାଯାଇଥିଲା। କିନ୍ତୁ ପରେ ପୁଣି ଗ୍ରାମର ମହିଳାମାନେ କେନ୍ଦ୍ରରେ ଆଉ ଏକ ତାଲା ପକାଇବା ସହ ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ହୋଇଥିବା ଅନିୟମିତତାର ତଦନ୍ତ ପାଇଁ ଦାବି କରିଥିବା ଦେଖିବାକୁ ମିଳିଛି। ସୂଚନାମତେ, କଣ୍ଟାମାଳ ବ୍ଲକ ଗୁହିରାପାଲି ଗ୍ରାମ ଅଙ୍ଗନବାଡି କେନ୍ଦ୍ରରେ ଖାଲିଥିବା ଅଙ୍ଗନବାଡି କର୍ମୀ ନିଯୁକ୍ତି ପାଇଁ ସେହି ଗ୍ରାମର ନିଳେନ୍ଦ୍ରି ମାଝୀ ଓ କୁଲିହାପାଲି ଗ୍ରାମର ସଙ୍ଗୀତା ବାରିକ ଆବେଦନ କରିଥିଲେ। ସେହି ଗ୍ରାମର ବୋହୁ ଭାବେ ଆବଶ୍ୟକ



ଯୋଗ୍ୟତା ଭିତ୍ତିରେ ଅନଲାଇନରେ ଆବେଦନ କରିଥିଲେ ମଧ୍ୟ ମାର୍କ କମ୍ ଥିବାରୁ ଆଇସିଡ଼ିଏସ କାର୍ଯ୍ୟାଳୟ ପକ୍ଷରୁ ସିଡିପିଓଙ୍କ ଆଦେଶ ସଂଖ୍ୟା ୧୩୭୮/୦୭.୧୦.୨୦୨୪ କ୍ରମେ କୁଲିହାପାଲି ଗ୍ରାମର ସଙ୍ଗୀତା ବାରିକଙ୍କୁ ନୂତନ ଅଙ୍ଗନବାଡିକର୍ମୀ ଭାବେ ନିଯୁକ୍ତି ଦିଆଯାଇଥିଲା। ଏସମ୍ପର୍କରେ ଗ୍ରାମବାସୀ ସୂଚନା ପାଇ ଗୁହିରାପାଲି ଅଙ୍ଗନବାଡି କେନ୍ଦ୍ରରେ ତାଲା ଦେଇ କେନ୍ଦ୍ରକୁ ବନ୍ଦ କରିଥିଲେ। ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ କରିଥିଲେ। ଏନେଇ ମହିଳାମାନେ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ ଏହା ନିୟମ ଅନୁସାରେ ହୋଇଥିବା ବ୍ଲକ ସିଡ଼ିପିଓ ମହିଳାମାନଙ୍କୁ ବୁଝାଇଥିଲେ। ମହିଳାମାନେ ଅନିୟମିତତା ହୋଇଥିବା ନେଇ ଜିଦ୍ ଧରି ବସିବା ସହ ତଦନ୍ତ ନ ହେବା ପର୍ଯ୍ୟନ୍ତ ତାଲା ବନ୍ଦ ରହିବ ବୋଲି ଜିଦ୍ ଧରିଥିଲେ। ଅଙ୍ଗନବାଡି କେନ୍ଦ୍ର ବନ୍ଦ ଥିବାରୁ ଅଙ୍ଗନବାଡି କର୍ମୀ ଜଣକ କୁନିକୁନି ପିଲାଙ୍କୁ ଏକ ଭଡା ଘରେ ପାଠ ପଢ଼ାଉଥିବା ବେଳେ ନିଜ ଅଫିସ କାର୍ଯ୍ୟ ମଧ୍ୟ କରୁଥିଲେ। ଯାହା ଫଳରେ ଅଙ୍ଗନବାଡି କର୍ମୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ପରେ କଣ୍ଟାମାଳ ତହସିଲଦାର, ଥାନା ଅଧିକାରୀ, ସିଡିପିଓ ପ୍ରମୁଖ ପହଞ୍ଚି ଉତ୍ତ୍ୟୋକ୍ତ ମହିଳାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ମହିଳାମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ୧୦ ମାସର ବ୍ୟବଧାନ ପରେ ଆଜି କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଥାନା ଅଧିକାରୀ ରଞ୍ଜିତ ମୁନି, ପୁଲିସ ଓ ସିଡିପିଓ ପଙ୍କଜିନୀ ମିଶ୍ରଙ୍କ ଉପସ୍ଥିତିରେ ଉକ୍ତ ଅଙ୍ଗନବାଡି କେନ୍ଦ୍ରର ତାଲା ଭଙ୍ଗା ଯାଇଥିଲା। ହେଲେ ବିଡମ୍ବନାର କଥା ସମସ୍ତ ଅଧିକାରୀ ଗଲା ପରେ ପୁଣି ଗ୍ରାମର ମହିଳାମାନେ ଉକ୍ତ କେନ୍ଦ୍ରରେ ଆଉ ଏକ ତାଲା ପକାଇଥିବା ଦେଖିବାକୁ ମିଳିଛି। କୁନି କୁନି ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆପୋଷ ବୁଝାମଣା ଭିତ୍ତିରେ ଉକ୍ତ ସମସ୍ୟାର ସମାଧାନ କରି ଅଙ୍ଗନବାଡି କେନ୍ଦ୍ରକୁ ଖୋଲିବାକୁ ସାଧାରଣରେ ଦାବି ହୋଇଛି।

# ଖୁଦୁରୁକୁଣୀ ପୂଜନୋତ୍ସବ ଉପଲକ୍ଷେ ରାବଣ ଦରବାର କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୧୩।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବଲେନପାଲି ଗ୍ରାମରେ ଖୁଦୁରୁକୁଣୀ ପୂଜନୋତ୍ସବ ଉପଲକ୍ଷେ ରାବଣ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା କମିଟିର ମୁଖ୍ୟ ସଦସ୍ୟ କୁମାରୀ ସୁନିତା ମାଝୀଙ୍କ ଚେଷ୍ଟାରେ ଅନୁଷ୍ଠିତ ରାବଣ ଦରବାରରେ ମହାରାଜ ଜଗବନ୍ଧୁ ମହାଲିଙ୍ଗ ରାବଣ ଭୂମିକାରେ ଅଭିନୟ କରିଥିବାବେଳେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ନାରଦ ଜଗନ୍ନାଥ ସାହୁ ଶ୍ରୀରାମ ଭୂମିକା, ସାଗର ସାହୁ ଲକ୍ଷ୍ମଣ ଭୂମିକା, ସଦାନନ୍ଦ ପଧାନ ସୀତା ଭୂମିକା, ନାରାୟଣ ମାଝୀ ଜନକ ମହାରାଜ, ସଦାନନ୍ଦ ମାଝୀ ଦଶରଥ ଓ ପର୍ଶୁରାମ ଭୂମିକା, ଦୈତାରି ଭୋଇ ହନୁମାନ ଭୂମିକା, ଗଙ୍ଗାଧର ସାହୁ ବିଶ୍ୱାମିତ୍ର ଋଷି, ରବୀନ୍ଦ୍ର ଭୋଇ ମହାମନ୍ତ୍ରୀ, ଅନିଲ ପଟେଲ, ପ୍ରଶାନ୍ତ ପଧାନ, ସେନାପତି ଭୂମିକା, ଅନ୍ତର୍ଯ୍ୟାମୀ ମାଝୀ ମନ୍ତ୍ରୀ ଭୂମିକାରେ, ଶତ୍ରୁଘନ ସାହୁ ମାରିଚି ଭୂମିକାରେ, ସଂସାରୁ ପଧାନ ସ୍ୱର୍ଣ୍ଣମୃଗ, ପ୍ରହରୀ ଭୂମିକାରେ ଶଙ୍କର ମାଝୀ ଓ ଦ୍ରୋଣ ବେହେରା ଅଭିନୟ କରିଥିଲେ। ବାଦ୍ୟ ବାଦନରେ ଯୋଦ୍ଧାନନ୍ଦ ମାଝୀ, ଗିରିଧରୀ ଥନାପତି, ସୁଦାମ ସାହୁ, ସୁଶାନ୍ତ ପାଣ୍ଡେ ପ୍ରମୁଖ ରହିଥିଲେ। ଏହି ଅବସରରେ ବଲେନପାଲି ଗ୍ରାମର ବାର୍ଦ୍ଧକ୍ୟ କଳାକାର ବୃନ୍ଦଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବନମାଳୀ ମାଝୀ, ଶିବ ମାଝୀ, ଭଗବାନ ପଧାନ, ଗଣନାଥ ତାଣ୍ଡି, ଶଙ୍କର ମାଝୀ, ସଞ୍ଜିବ ମାଝୀ, ଧିରେନ୍ଦ୍ର ମାଝୀ ପ୍ରମୁଖ



ଥିବାବେଳେ ଡ. ସୋମନାଥ ପ୍ରଧାନ ମଞ୍ଚ ପରିଚାଳନା ଓ ସୁମନ୍ତ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ମହାରାଜ ଭୁବନେଶ୍ୱର ପଧାନ ଓ ମହାମନ୍ତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁଶିଲ ମହାଲିଙ୍ଗ ସଙ୍ଗୀତ ପରିବେଷଣ କରିଥିଲେ। ଆଜି ଖୁଦୁରୁକୁଣୀ ପୂଜନୋତ୍ସବର ସଦସ୍ୟାବୃନ୍ଦଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଭଞ୍ଜ ସାଂସ୍କୃତିକ ପରିସର ହେବ ଦେଶର ବହୁମୁଖୀ ସାଂସ୍କୃତିକକେନ୍ଦ୍ର

**ରାଉରକେଲା, ୧୩।୯ (ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆରଏସପି) କର୍ତ୍ତୃପକ୍ଷ ଆଇନଗତ ପ୍ରକ୍ରିୟାର ଅନୁସରଣ କରି ୧୨ ସେପ୍ଟେମ୍ବର ୨୦୨୫ ରେ ଭଞ୍ଜ ସାଂସ୍କୃତିକ ପରିସରସ୍ଥ ୩ ଏକର ୧୯ ଡିସିମିଲ ଜମିକୁ ନିଜ ଦଖଲକୁ ନେଇଛନ୍ତି। ଭଞ୍ଜ ସାଂସ୍କୃତିକ ପରିସରକୁ ଦେଶର ଏକ ବହୁମୁଖୀ ସାଂସ୍କୃତିକ କେନ୍ଦ୍ରରେ ବିକଶିତ କରାଯିବା ପାଇଁ ଆରଏସପି କର୍ତ୍ତୃପକ୍ଷ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା କହିଛନ୍ତି। ଭଞ୍ଜ ସାଂସ୍କୃତିକ ପରିସରର ସଂରଚନା ଗୁଡ଼ିକର ମରାମତି ଓ ନବୀକରଣ କରାଯାଇ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଏହାକୁ ସୁରକ୍ଷିତ କରିବା ନିମନ୍ତେ ତୁରନ୍ତ ବିହିତ ପଦକ୍ଷେପ ନିଆଯିବ। ସମସ୍ତ ସୁବିଧାଗୁଡ଼ିକର ବ୍ୟାପକ ନବୀକରଣ ସହିତ ଏକ ସମ୍ପୂର୍ଣ୍ଣ ନବକଳେବର କରାଯିବ, ଯାହା ଦ୍ୱାରା ଏହାକୁ ପ୍ରକୃତରେ ଏକ ଜାତୀୟସ୍ତରୀୟ ସାଂସ୍କୃତିକ ପରିସରରେ ରୂପାନ୍ତରିତ କରାଯିବ। ଭାରତ, ବିଶେଷକରି ଓଡ଼ିଶାର ଋଦ୍ଧିମନ୍ତ କଳା, ସଂସ୍କୃତି ଏବଂ ସାହିତ୍ୟ ଉପରେ ଧ୍ୟାନ କେନ୍ଦ୍ରିତ ସହକାରେ ଭଞ୍ଜ ସାଂସ୍କୃତିକ ପରିସରର ସମୃଦ୍ଧ ଐତିହ୍ୟକୁ ନା କେବଳ ବଜାୟ ରଖାଯିବ, ବରଂ ଆହୁରି ବୃଦ୍ଧି କରାଯିବ ବୋଲି ସେ କହିଥିଲେ।

ଏ ନେଇ ଆଜି ଉକ୍ତ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ 'ସମାଧାନ' ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଡିଆଇସି ଶ୍ରୀ ବର୍ମା କହିଛନ୍ତି ଯେ ଭଞ୍ଜ ସାଂସ୍କୃତିକ ପରିସର ସମ୍ପର୍କିତ ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବା ପାଇଁ ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏଥିରେ ପରିସରର ନବୀକରଣ, ଉନ୍ନତିକରଣ ଏବଂ କାର୍ଯ୍ୟକଳାପର ପରିସରକୁ ବିସ୍ତାର କରିବାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ଯାହା ଦ୍ୱାରା ପରିସରର ହୃତ ଗୌରବ ଫେରାଇ ଅଣାଯାଇପାରିବ। ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ନବୀକରଣ କାର୍ଯ୍ୟପରେ ଭଞ୍ଜ ସାଂସ୍କୃତିକ ପରିସରରେ ବିଭିନ୍ନ ସାଂସ୍କୃତିକ ଏବଂ ସାହିତ୍ୟିକ କାର୍ଯ୍ୟକ୍ରମ ପୁନଃ ଆରମ୍ଭ କରାଯିବ ଯେଉଁ ବୃହତ ଉଦ୍ଦେଶ୍ୟରେ ଏହାର ପ୍ରତିଷ୍ଠା ହୋଇଥିଲା। ନବୀକରଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ। ଭଞ୍ଜ ଭବନରେ ଏକ 'ଉପେନ୍ଦ୍ର ଭଞ୍ଜ ଆର୍ଟ ଗ୍ୟାଲେରୀ' ବିକଶିତ କରିବାର




ଯୋଜନା ମଧ୍ୟ ଚାଲିଛି ଯାହା କଳାକାର, କାରିଗର, ଫଟୋଗ୍ରାଫର, ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସୃଜନ ପ୍ରଦର୍ଶନ କରିବା ପାଇଁ ଏକ ଆଧୁନିକ ଏବଂ ଷ୍ଟାଇଲିସ୍ ସ୍ଥାନ ପ୍ରଦାନ କରିବ। ସେହିପରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମବାର୍ଷିକୀ ପାଳନ ପାଇଁ ପ୍ରତିବର୍ଷ ଏକ ସଙ୍ଗୀତ ମହୋତ୍ସବ ଆୟୋଜନ କରାଯିବ ଯେଉଁଥିରେ ସ୍ଥାନୀୟ ଏବଂ ପ୍ରତିଷ୍ଠିତ ଗାୟକମାନଙ୍କ ଦ୍ୱାରା ଲୋକ, ଶାସ୍ତ୍ରୀୟ ଏବଂ ସମସାମୟିକ ସଙ୍ଗୀତ ରୂପଗୁଡ଼ିକ ପ୍ରଦର୍ଶିତ ହେବ ଯାହା ପ୍ରତ୍ୟେକ ବୟସ ଏବଂ ରୁଚିର ବ୍ୟକ୍ତିଙ୍କୁ ଆକର୍ଷିତ କରିବ। ପରିସର ଭିତରେ ଥିବା ପାଠାଗାରକୁ ନୂତନ ପୁସ୍ତକ ଏବଂ ଡିଜିଟାଲ୍ ସୁବିଧା ସହିତ ଆଧୁନିକୀକରଣ କରାଯିବ। ଏହା ବ୍ୟତୀତ, ପ୍ରତିବର୍ଷ ସ୍ଥାନୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ପ୍ରତିଭାମାନଙ୍କୁ ନିମନ୍ତ୍ରଣ କରି କଳା ଏବଂ ସାହିତ୍ୟ ମହୋତ୍ସବ ଆୟୋଜନ କରାଯିବ ଯାହା ଇସ୍ପାତ ନଗରୀର ଉଦୀୟମାନ କଳାକାରମାନଙ୍କୁ ଅନୁପ୍ରେରିତ କରିବ। ରାଉରକେଲା ଇସ୍ପାତ କାରଖାନା କଳା, ସାହିତ୍ୟ, ସଂସ୍କୃତି ଏବଂ ସୃଜନଶୀଳତାର ସମୃଦ୍ଧି ଏବଂ ବିବିଧତାକୁ ପ୍ରୋତ୍ସାହିତ କରି ତଥା ଯୁବମାନସକୁ ମଧ୍ୟ ପୋଷଣ ଓ ଅନୁପ୍ରେରିତ କରି ଭଞ୍ଜ ସାଂସ୍କୃତିକ ପରିସରକୁ ଏକ ସମୃଦ୍ଧ କେନ୍ଦ୍ର ରୂପେ ଗଢିବା ନିମନ୍ତେ ପ୍ରତିବଦ୍ଧ ରହିଛି ବୋଲି ଶ୍ରୀ ବର୍ମା କହିଛନ୍ତି। ସୂଚନାଯୋଗ୍ୟ ଯେ ଭଞ୍ଜ ସାଂସ୍କୃତିକ ପରିସର ପ୍ରତିଷ୍ଠାର ପ୍ରକୃତ ଉଦ୍ଦେଶ୍ୟକୁ ଉଲ୍ଲଂଘନ କରି ବର୍ଷ ବର୍ଷ ଧରି କେତେକ ଜବରଦାଖଲକାରୀଙ୍କ ଦ୍ୱାରା ପରିସରର ବ୍ୟାପକ ବାଣିଜ୍ୟିକ ଅପବ୍ୟବହାର ଯୋଗୁଁ ପରିସର ସ୍ଥିତ ସୌଧ, କୋଠା ଏବଂ ନିର୍ମାଣଗୁଡ଼ିକ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପରିଣତ ହୋଇଛଳା। ଏପରିକି ନିର୍ମାଣର କିଛି ଅଂଶ ବର୍ତ୍ତମାନ ଲୋକଙ୍କ ପାଇଁ ସୁରକ୍ଷା ବିପଦ ପାଲଟିଛି। ଏହି କୋଠା ଏବଂ ନିର୍ମାଣଗୁଡ଼ିକ ମଧ୍ୟରୁ ଅଧିକାଂଶ ତୁରନ୍ତ ମରାମତି ଏବଂ ନବୀକରଣ ଜରୁରୀ ହୋଇପଡ଼ିଛି ଡିଆଇସି ଶ୍ରୀ ବର୍ମା କହିଛନ୍ତି।

# ୯୫ ଜଣ ପାଇଲେ ୩୫ ଶହ ଟଙ୍କା ଭତ୍ତା

**ଧର୍ମଗଡ଼, ୧୩।୯ (ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାର ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ଧର୍ମଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତର ଦିବ୍ୟାଙ୍ଗ, ବିଧବା, ବୃଦ୍ଧ ବୃଦ୍ଧା, ସ୍ୱାମୀ ପରିତ୍ୟକ୍ତା ହିତାଧିକାରୀ ଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ଧର୍ମଗଡ଼ ସଭା ଗୃହରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ୭୫ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା କାର୍ଡ ସହ ଦୁଇ ମାସର ଭତ୍ତା ଟଙ୍କା ପ୍ରଦାନ କରିଥିବା ବେଳେ ୯୫ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ବିଡ଼ିଓ ସଦାଶିବ ନାୟକ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦେବି ପ୍ରସାଦ ମେହେର, ଜଗନ୍ନାଥ ସେବା ସମିତି ର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ସମାଜସେବୀ ହିମାଂଶୁ ଶେଖର ପଣ୍ଡା, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ଦାୟିତ୍ୱ ପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଲୋକ ନାଥ ଭାଟି, କାର୍ଯ୍ୟକ୍ରମ ସହାୟକ ଦେବେନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଥାଇ ନୂତନ ହିତାଧିକାରୀଙ୍କୁ ଦୁଇ ମାସର ଭତ୍ତା ଟଙ୍କା ସହ ଭତ୍ତା କାର୍ଡ ପ୍ରଦାନ କରିଥିଲେ।

# ଚୋରି କମ୍ପ୍ରେସର ମେସିନ ଜବତ; ୧ ଗିରଫ




**ରାଉରକେଲା, ୧୩।୯ (ସମିସ):** ସ୍ଥାନୀୟ ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀର ଡିଏଭି ପୋଖରୀ ନିକଟରୁ ଚୋରି ହୋଇଥିବା ଏକ କମ୍ପ୍ରେସର ମେସିନକୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ହେଉଛି ବାସନ୍ତୀ କଲୋନୀ ଅଧୀନ ଦୁର୍ଗାପୁରବସ୍ତି ନିବାସୀ କାଳିଆ ଓରଫ ସୌମ୍ୟ ନାୟକ (୨୯)। ସିଭିଲ ଟାଉନସିପ ନିବାସୀ ଅମିତ କୁମାର ଭୂୟାଁ ଗତ ୨୬ ତାରିଖ ବିଳମ୍ବିତ ରାତିରେ ବାସନ୍ତୀ କଲୋନୀର ଡିଏଭି ପୋଖରୀ ନିକଟରେ ଛିଡା ଥିବା ତାଙ୍କ କମ୍ପ୍ରେସର ମେସିନକୁ କେହି ଚୋରି କରି ନେଇଥିବା ନେଇ ଉଦିତନଗର ଥାନାରେ ଏତଲା ଦେଇଥିଲେ। ପୁଲିସ ଏହି ଘଟଣାରେ ତଦନ୍ତ କରି କାଳିଆ ଓରଫ ସୌମ୍ୟ ନାୟକକୁ ଗିରଫ କରିବା ସହ ତା ନିକଟରୁ ଏକ କମ୍ପ୍ରେସର ମେସିନ ଓ ଏକ ବୋଲେରୋ ଭ୍ୟାନକୁ ଜବତ କରିଥିଲେ। ଗିରଫ କାଳିଆ ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ମୂଳବାସିନ୍ଦା ବୋଲି ସୂଚନା ମିଳିଛି।

# ନୃତ୍ୟଗୁରୁ ରତ୍ନ ସମ୍ମାନ ପାଇଲେ ଦୁର୍ଯ୍ୟୋଧନ ଚଣ୍ଡି




**କୋକସରା, ୧୩।୯ (ସମିସ):** ଜାତୀୟ କଳା, ସଂସ୍କୃତି, ଭାଷା ସାହିତ୍ୟ ଏବଂ ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ଶନିବାର ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁରଠାରେ ସପ୍ତମ ବିଶ୍ୱସ୍ତରୀୟ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡାଲଗୁମା ଗ୍ରାମର ଯୁବ ନାଟ୍ୟ ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ଚଣ୍ଡୀ ନୃତ୍ୟଗୁରୁ ରତ୍ନ ସମ୍ମାନ ପାଇଛନ୍ତି। ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଥିବା ବେଳେ କଳାକାର ମହଲରେ ଖୁସିର ଲହରୀ ଖେଳିଯାଇଛି। ସେହିପରି କଳାହାଣ୍ଡି ଜିଲ୍ଲା ମାଲିଗୁଡାର ଦେବବର ଡଙ୍ଗରୀ ଓ ଚିଚିଆ ଗ୍ରାମର ଚୈତନ୍ୟ ବାଗ ପ୍ରମୁଖ ଗଙ୍ଗାଧର ମେହେର କାବ୍ୟ ରତ୍ନରେ ସମ୍ମାନିତ ହୋଇଛନ୍ତି। ଉକ୍ତ ଭେଟଘାଟ କାର୍ଯ୍ୟକ୍ରମକୁ ମଙ୍ଗଳୁ କୁମାର ଦାସ ଅଧ୍ୟକ୍ଷତା କରିଥିବାବେଳେ ନବକିଶୋର ଶତପଥୀଙ୍କ ସଭିପତ୍ୱରେ ଅନେକ ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ।

# ଏସ୍‌ବିଆଇ ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ

**ଲାଞ୍ଜିଗଡ଼, ୧୩।୯ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଠାରେ ବେଦାନ୍ତ କମ୍ପାନୀର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ ଫେଲ ମାରିଛି। ଏଭଳି ଏକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ। ସୂଚନାନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡ ପରିସରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାର ଏଟିଏମ୍‌ରେ କୌଣସି ଚୋର ପ୍ରଥମେ ସଟର ଭାଙ୍ଗି ସେଥିରେ ସଫଳ ନହେବାରୁ ଉପରେ ଥିବା କାଚ କବାଟ ଭାଙ୍ଗି ଭିତରେ ପଶିବା ସହିତ ଏଟିଏମ୍ ତାଡ଼ି ଚୋରି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବେଦାନ୍ତ କାରଖାନାକୁ ଲାଗି ରହିଥିବା ଏହି ବ୍ୟାଙ୍କ ଶାଖା ଓ ଏଟିଏମ୍ ନିକଟରେ ଦିନରାତି ଭିଡ଼ ଓ କମ୍ପାନୀର କଡ଼ା ସୁରକ୍ଷା ବ୍ୟବସ୍ଥା ରହିଛି। କିନ୍ତୁ ଏହାସତ୍ତ୍ୱେ ଜଣେ ଚୋର ଦେହରେ ରେନକୋର୍ଟ ଓ ମୁହଁରେ ମାସ୍କ ପିନ୍ଧି ଏଟିଏମ୍ ଭିତରକୁ ପଶି ଚୋରି ଉଦ୍ୟମ କରିବା ସିସିଟିଭିରେ କଏଦ ହୋଇଛି। ଏ ସମ୍ପର୍କରେ ଖବର ପାଇ ବଡ଼ିଭୋରରୁ ଖବର ପାଇ କେସିଙ୍ଗା ଉପଖଣ୍ଡ ପୁଲିସ ଅଧିକାରୀ ସନ୍ଦୀପ



ମାଝୀ, ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ କୁମାର ହିଆଲଙ୍କ ନେତୃତ୍ୱରେ ପୁଲିସ ଦଳ ପହଞ୍ଚି ସିସିଟିଭି ଯାଞ୍ଚ ସହିତ ତଦନ୍ତ ଆରମ୍ଭ ବେଳେ ଲାଞ୍ଜିଗଡ଼ ଶାଖା ପରିଚାଳକ ସତୀଶ ମହାକୁଡ଼ ଏବଂ ବ୍ୟାଙ୍କର ସମସ୍ତ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ବ୍ୟାଙ୍କ ଶାଖା ପକ୍ଷରୁ ଏଟିଏମ୍ ରେ କୌଣସି ନିଜସ୍ୱ ସୁରକ୍ଷା କର୍ମଚାରୀ ନଥିବାବେଳେ ବେଦାନ୍ତ କମ୍ପାନୀର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଏହି ଏଟିଏମ୍‌ରେ ଚୋରି ଉଦ୍ୟମ ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଭବାନୀପାଟଣା ଏଚଆର ମ୍ୟାନେଜର ରଶ୍ମି ରଞ୍ଜନ ଦାସ, ଚାନେଲ ମ୍ୟାନେଜର ଅଜୟ କୁମାର ସାହୁ ଏବଂ ଲାଞ୍ଜିଗଡ଼ ଶାଖା ପରିଚାଳକ ସତୀଶ ମହାକୁଡ଼ ପ୍ରମୁଖ ଲାଞ୍ଜିଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ କମ୍ପାନୀ ଗେଟରେ ଥିବା ସିସିଟିଭି ଯାଞ୍ଚ କରିଥିବା ବେଳେ ସିସିଟିଭି ଫୁଟେଜ ଆଧାରରେ ଜଣକୁ ପୁଲିସ ଥାନାରେ ଅଟକ ରଖି ତଦନ୍ତ କରୁଛୁ ବୋଲି କେସିଙ୍ଗା ଏସଡିପିଓ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରି ଫିଙ୍ଗର ପ୍ରିଣ୍ଟ ଯାଞ୍ଚ କରିଛନ୍ତି।

# ଜଙ୍ଗଲରେ ଚାଲିଲେ ଡିଏଫଓଙ୍କ ସହ ବନ କର୍ମଚାରୀ



**ନୂଆପଡ଼ା, ୧୩।୯ (ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ବନଖଣ୍ଡର ୨୦୦ହେକ୍ଟର ବିଶିଷ୍ଟ ଛତା ପ୍ରସ୍ତାବିତ ଜଙ୍ଗଲରେ ପାଦରେ ଦୀର୍ଘ ୭ କିଲୋମିଟର ଚାଲିଲେ ଖଡିଆଳ ବନ ବିଭାଗ ଡିଏଫଓ, ଭବାନୀପାଟଣା ଆରସିସିଏଫ୍, ଦୁଇ ଜଣ ଏସିଏଫ, କୋମନା ରେଞ୍ଜର, ଅନ୍ୟ ବନକର୍ମଚାରୀ, ବନ ସୁରକ୍ଷା ସମିତି ସହ ସ୍ଥାନୀୟ ଗ୍ରାମବାସୀ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କୋମନା ରେଞ୍ଜ ଛତା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଶନିବାର ଦିନ ଭବାନୀପାଟଣା ଆରସିସିଏଫ ସନ୍ତୋଷ ଯୋଶୀ, ଖଡିଆଳ ଡିଏଫଓ ଅଜିଜ ଖାନ, ଏସିଏଫ୍ ମହମ୍ମଦ ସଲେହା, ଏସିଏଫ ପ୍ରସେନଜିତ ନାୟକ, କୋମନା ରେଞ୍ଜର ଦେବଦତ୍ତ ସୁତାର, ୱାଇଲ୍ଡ ଲାଇଫ ୱାର୍ଡେନ ମାନ୍ୟାଧର ସରାଫ, ଫରେଷ୍ଟର ଗୋପାଳ ମହାନନ୍ଦ, ଗଗନ ବିହାରି ହଂସ, ଧର୍ମେନ୍ଦ୍ର ନାରାୟଣ ନାୟକ ଫରେଷ୍ଟ ଗାର୍ଡ ଯଜ୍ଞସେନି ଖେତି, ଉତ୍ତମ ମେହେର, ପରେଶ ଧାରୁଆ, ଶଶିଧର ଟାଣି, ଦେବାଶିଷ କୁଲଦୀପ, ଅର୍ଚ୍ଚନା ସାହୁ, ଦିତି ଭୋଇ, ଘସେନ୍ ପୋଢ଼, ଜଗ ମୋହନ ମାଝୀ ସହ ପାରା ଫରେଷ୍ଟ ଷ୍ଟାଫ ସାମିଲ ଥିଲେ। ଜଙ୍ଗଲର ସ୍ଥିତି, ବନ୍ୟ ଜନ୍ତୁ, ଜଳସ୍ରୋତ, ଆଦି ବୁଲି ଦେଖିଥିଲେ। ବନ ବିଭାଗ ଟିମ୍ ସହ ବନ ସୁରକ୍ଷା ସମିତିର ନୀଳାମ୍ବର ମାଝୀ, ଖଡିରତ୍ନ ମାଝୀ, ଗ୍ରାମବାସୀ ମଧ୍ୟ ଜଙ୍ଗଲରେ ଚାଲିଥିଲେ।

# ବେନଗାଁ ଚିକିତ୍ସାଳୟରେ ବିକାଶ ସାମ୍ମୁଖ୍ୟ ସଭା

**ଲାଞ୍ଜିଗଡ଼, ୧୩।୯ (ସମିସ):** ସରକାରଙ୍କ ପ୍ରଚାର ପ୍ରଶାରର ଅଭାବ ହେତୁ ସରକାର ସ୍ତର ହେଉ ଅବା ବେସରକାରୀସ୍ତର ହେଉ ସମସ୍ତ ପ୍ରକାର ବିକାଶ ମୁଖି ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଏଭଳି ବିକାଶ ମୁଖି ଯୋଜନା କିଭଳି ଭାବରେ ଜନତାଙ୍କ ଦରବାରରେ ପହଞ୍ଚିବ ସେଥିପାଇଁ ସରକାର ଅନେକ ପଦକ୍ଷେପ ଆପଣାଉଛନ୍ତି। ସୂଚନାଯୋଗ୍ୟ ଯେ ସେବାଜଗତ ସଂସ୍ଥା ତରଫରୁ ବେନଗାଁ ଡାକ୍ତରଖାନା ଠାରେ ଶଙ୍କର ସୁନାଙ୍କ ନେତୃତ୍ୱରେ ଲାଞ୍ଜିଗଡ଼ ଉପାନ୍ତ ଅଞ୍ଚଳରେ କିପରି ସ୍ୱାସ୍ଥ୍ୟ, ଶିକ୍ଷା, ଗମନା ଗମନର ସୁବିଧା ହୋଇପାରିବ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବରେ ବେନଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ପୁରାଣୀ ମାଝୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ନାରୀନେତ୍ରୀ ସୁଶ୍ରୀ ଫୁଲମେ ମାଝୀ ଯୋଗଦେଇଥିଲେ। ଉକ୍ତ ସଭାକୁ କର୍ଣ୍ଣ ସାହୁ ପରିଚାଳନା କରିଥିବା ବେଳେ ବେନଗାଁ ଡାକ୍ତରଖାନାର ଡ. ସଚ୍ଚିଦାନନ୍ଦ ସେନାପତି, ଏମବିବିଏସ୍ ବିବେକ ସାହୁ, ଆଦର୍ଶ ପାତ୍ର, ମହିନ୍ଦ୍ର ଗହୀରଙ୍କ ସମେତ ବେନଗାଁ ଡାକ୍ତର ଖାନା ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ସଭା ଶେଷରେ ଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

# ଦେବେନ୍ଦ୍ରନାଥ ନନ୍ଦଙ୍କ ବିୟୋଗରେ ଗୋପବନ୍ଧୁ ପାଠାଗାରରେ ଶୋକସଭା

**ରାଉରକେଲା, ୧୩।୯ (ସମିସ):** ଗୋପବନ୍ଧୁ ପାଠାଗାର ସହ ଛେଣ୍ଡ କଲୋନୀରେ ଥିବା ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାସହ ଜଡ଼ିତ ଥିବା ଦେବେନ୍ଦ୍ର କୁମାର ନନ୍ଦଙ୍କର ଗତ ୧୨ ତାରିଖ ଅପରାହ୍ନରେ ୭୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଜଗତସିଂହପୁର କୁଜଙ୍ଗ ଅଞ୍ଚଳର ସାମାଗୋଳମୂଳ ଗାଁର ମୂଳ ବାସିନ୍ଦା ସ୍ୱର୍ଗତ ନନ୍ଦ ରାଉରକେଲାରେ ଉଚ୍ଚ ଶିକ୍ଷା ଲାଭ ପରେ ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ଉପ ସହକାରୀ ନିବନ୍ଧକ ଭାବରେ କାର୍ଯ୍ୟ କରି ଅବସରପରେ ଛେଣ୍ଡ କଲୋନୀ, ଫେଜ୍-୨, ସି୨ଏମ୍ ବ୍ଲକ ରେ ପରିବାର ସହ ରହିଆସୁଥିଲେ। ଶ୍ରୀ ନନ୍ଦ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ କିଛି ଦିନ ହେବ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ନନ୍ଦ ଗୋପବନ୍ଧୁ ପାଠାଗାର ସହ, ଛେଣ୍ଡ ସିଟିଜେନ କମିଟି, ସିନିଅର ସିଟିଜେନ୍ ଆସୋସିଏସନ୍, ରାଉରକେଲା ରିଟାୟର୍ଡ ଏମ୍ପ୍ଲଇଜ୍ ଆସୋସିଏସନ, ମଡେଲ ସିନିଅର ସିଟିଜେନ୍ ଆସୋସିଏସନ୍ ପ୍ରଭୃତି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହ ଜଡ଼ିତ ରହି ସମାଜ ସେବାରେ ବ୍ରତୀ ଥିଲେ। ତାଙ୍କ ବିୟୋଗରେ ଗୋପବନ୍ଧୁ ପାଠାଗାରର ସଭାଗୃହରେ ଏକ ମିଳିତ ଶୋକସଭା ପାଠାଗାରର ସଭାପତି ନବଘନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥଲା। ଏହି ସଭାରେ ଶଙ୍କରପ୍ରସାଦ ତ୍ରିପାଠୀ, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ଆନନ୍ଦଚନ୍ଦ୍ର ସାମଲ, ଲକ୍ଷ୍ମଣ ନାଥ ଦାସ, ଡ. ଗିରିଜା ଶଙ୍କର ଗୋସ୍ୱାମୀ, ହରିହର ନାୟକ, କୈଳାଶ ଚନ୍ଦ୍ର ସାମଲ, ରବିନାରାୟଣ ସିଂହ, ଗୁରୁପ୍ରସାଦ ପଟ୍ଟନାୟକ, ରମେଶ ଚନ୍ଦ୍ର ସିଂହ, ହରିଶ୍ଚନ୍ଦ୍ର ଭୂମିରେ ପ୍ରମୁଖ ସଦସ୍ୟମାନେ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଚାରଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ପିକ୍‌ଅପ୍ ଧକ୍କାରେ ବାଇକ୍‌ଚାଳକ ମୃତ

**ଜୁନାଗଡ଼, ୧୩।୯ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା କାଲୋପଲାରେ ଏକ ପରିବା ବୋଝେଇ ପିକ୍‌ଅପ୍ ଗୋଟିଏ ବାଇକ୍‌କୁ ଧକ୍କା ଦେଇଛି। ଏଥିରେ ବାଇକ୍ ଚାଳକ ଧନେର ଗ୍ରାମର ହରିଶଙ୍କର ମାଝୀଙ୍କ ମୃତ୍ୟୁ ଘଟିଛି। ସେ ଭବାନୀପାଟଣାସ୍ଥିତ ଡୁମାଲ ଗାଁକୁ ତାଙ୍କ ବନ୍ଧୁ ଘରକୁ ଯାଇ ଶନିବାର ସନ୍ଧ୍ୟାରେ ଫେରୁଥିଲେ। ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ପରିବାର ଲୋକେ ୨୬ ନମ୍ବର ଜାତୀୟ ରାଜପଥର କାଲୋପଲାରେ ରାସ୍ତା ଅବରୋଧ କରିଥିଲେ।

## ■ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଠିକାଦାରଙ୍କ ଧମକ ଘଟଣା

# ଏସ୍‌ପିଙ୍କୁ ଭେଟିଲେ ଦଳିତ ଆଦିବାସୀ ମହାସଂଘ କର୍ମକର୍ତ୍ତା

**ଭବାନୀପାଟଣା, ୧୩।୯ (ସମିସ):** ବଲାଙ୍ଗିର ଜିଲ୍ଲାର ଠିକାଦାର ଆକାଶ ଅଗ୍ରୱାଲ ଓ ତାଙ୍କ ଭାଇ ନୀଲେଶ ଅଗ୍ରୱାଲ ଏକ ରାସ୍ତା କାମର ମିଥ୍ୟା ବିଲ କରିବାକୁ ମ. ରାମପୁରସ୍ଥିତ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଉପରେ ଚାପ ପ୍ରୟୋଗ କରୁଥିଲେ। ତେବେ ସେ



କରିଥିବା ରାସ୍ତା କାମ ନିମ୍ନମାନର ଅଭିଯୋଗ ହେବା ପରେ କଟକରୁ କ୍ୱାଲିଟି କଣ୍ଟ୍ରୋଲ ବିଭାଗର ଅଧିକାରୀମାନେ ତଦନ୍ତ କରିବା ସହିତ ବିଲ ବନ୍ଦ କରିବାକୁ ସୁପାରିଶ କରିଥିଲେ। ସେଇ ଆଧାରରେ ବିଲ ବନ୍ଦ ହୋଇଥିଲା ଆଉ ଠିକାଦାର ଆକାଶ ଅଗ୍ରୱାଲକୁ ରାସ୍ତା ନିର୍ମାଣ ପାଇଁ ତାଗିଦ କରାଯାଇଥିଲା। କିନ୍ତୁ ବିଭାଗୀୟ ନିର୍ଦ୍ଦେଶକୁ ବେଖାତିର କରି ଜୋର ଜବରଦସ୍ତ ବିଲ ପାସ କରାଇନେବାକୁ ତାଙ୍କ ଭାଇ ନୀଲେଶ ଅଗ୍ରୱାଲ ଗତ୮.୧୦.୨୦୨୫ ରିଖ ଦିନ କିଛି ଲୋକଙ୍କୁ ସାଙ୍ଗରେ ନେଇ ଶ୍ରୀ ପ୍ରଧାନଙ୍କ ସରକାରୀ ବାସଭବନକୁ ଯାଇ ଧମକ ଚମକ ଦେବା ସହିତ ବନ୍ଧୁକ ଦେଖାଇ ଭୟଭୀତ କରିଥିବା ସମ୍ପର୍କରେ ସେ ମ. ରାମପୁର ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। କିନ୍ତୁ ଏଇ ମାମଲାରେ ଆଜି ପର୍ଯ୍ୟନ୍ତ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ସୂଚନାଯୋଗ୍ୟ, ଠିକାଦାର ନୀଲେଶ ଓ ଆକାଶ ପୂର୍ବରୁ ମଧ୍ୟ ଜିଲ୍ଲାର ଅନେକ ଲୋକଙ୍କୁ ଧମକ ଚମକ ଦେଉଥିବା ନେଇ ଅଭିଯୋଗ ରହିଛି। ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ସହିତ ଅଭିଯୁକ୍ତ ନୀଲେଶ ଅଗ୍ରୱାଲ ଓ ଆକାଶ ଅଗ୍ରୱାଲଙ୍କୁ ଗିରଫ କରିବାକୁ ଦାବି କରିଛି ଓଡ଼ିଶାର ଅଗ୍ରଣୀ ସାମାଜିକ ସଂଗଠନ ଦଳିତ ଆଦିବାସୀ ମହାସଂଘ। ନିର୍ବାହୀ ଯନ୍ତ୍ରୀ ଶ୍ରୀ ପ୍ରଧାନ ଜଣେ ଆଦିବାସୀ ଶ୍ରେଣୀର ବ୍ୟକ୍ତି ହୋଇଥିବାବେଳେ ସେ ଓ ତାଙ୍କ ପରିବାର ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଦଳିତ ଆଦିବାସୀ ମହାସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି। ମହାସଂଘର ସଭାପତି ପରମାନନ୍ଦ ମାଝୀ, ମହାସଚିବ ଦେବୀ ପ୍ରସାଦ ସିନ୍ଧୁର, ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ, ନଗର କମିଟି କାର୍ଯ୍ୟକାରୀ ସଭାପତି ଅଭୟ ନାଏକ, ନାଦରାଜ ନାଏକ ପ୍ରମୁଖ ଆଜି ସନ୍ଧ୍ୟାରେ କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡାଙ୍କୁ ସାକ୍ଷାତ କରି ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଗ୍ରହଣ କରିବା ସହିତ ଏ ଦିଗରେ ସମୁଚିତ ପଦକ୍ଷେପ ନେବେ ବୋଲି ଏସ୍‌ପି ଦେବରକୋଣ୍ଡା ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ପୋକ୍‌ସୋ ଆଇନ୍ ଏବଂ ପୀଡିତ କ୍ଷତିପୂରଣ ସମ୍ବନ୍ଧୀୟ ସଚେତନତା

**ଥୁଆମୂଳରାମପୁର, ୧୩।୯ (ସମିସ):** ସମାଜରେ ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ବିଭିନ୍ନ ନିର୍ଯାତନା ସମାଜର ଶୃଙ୍ଖଳା ଭଙ୍ଗ କରୁଥିବା ବେଳେ ଏହାକୁ ପ୍ରତିରୋଧ କରିବା ସହ ସେମାନଙ୍କ ସୁରକ୍ଷା ମଧ୍ୟ ଜରୁରୀ। ଅନେକ ସମୟରେ



ଘଟୁଥିବା ଅପରାଧକୁ ରୋକିବା ପାଇଁ ବିଭିନ୍ନ ଆଇନ୍ ପ୍ରଣୟନ ହୋଇଛି। ସେଇ ଆଇନ୍‌ର ଆଶ୍ରୟ ଏବଂ ସହାୟତା ପାଇଁ ସମସ୍ତଙ୍କୁ ସଚେତନ ହେବାର ଆବଶ୍ୟକତା ରହିଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଥୁଆମୂଳ ରାମପୁର ତାଲୁକ ଆଇନ୍ ସେବା ସମିତି ଦ୍ୱାରା ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ ଡ. ତାରିଣୀ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଜଡିତ ଯୌନ ସମ୍ବନ୍ଧୀୟ ଆଇନ୍, ଶିଶୁ ନିର୍ଯାତନା ଏବଂ ପୋକ୍‌ସୋ ଆଇନ୍ ତଥା ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍‌ସା)ର ପୀଡିତା କ୍ଷତିପୂରଣ ଯୋଜନା, ୨୦୧୮ ସମ୍ବନ୍ଧରେ ବିଦ୍ୟାଳୟର ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ବୁଝାଇଥିଲେ। ସମାଜରେ କିପରି ଭଦ୍ର ଏବଂ ଶିକ୍ଷିତ ହେବା ସହ ସମାଜକୁ ଏକ ସୁସ୍ଥ ବାତାବରଣରେ ଗଢ଼ି ତୋଳିବା ସହ ନିଜକୁ ନିଜେ ସୁରକ୍ଷିତ ତଥା ବ୍ୟକ୍ତିତ୍ୱର ବିକାଶ ପାଇଁ ବରିଷ୍ଠ ଆଇନଜୀବୀ ଦେବଦତ୍ତ ଯୋଷୀ ଛାତ୍ରୀମାନଙ୍କୁ ସଚେତନତା କରାଇଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ମନୋରଞ୍ଜନ ନାଏକ, ଆଇନଜୀବୀ ପ୍ରିୟଙ୍କା ମାଝୀ ପ୍ରମୁଖ ଉପସ୍ଥିତ ରହି ପୋକ୍‌ସୋ ଆଇନ୍ ସମ୍ବନ୍ଧରେ ଆଇନଗତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହ ଶିକ୍ଷକ ଚନ୍ଦନ କୁମାର ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଶିକ୍ଷକ ରୁଦ୍ର ନାରାୟଣ ନାଏକ, ଶିକ୍ଷୟିତ୍ରୀ ରଞ୍ଜିତା ନାଗ, ବରିଷ୍ଠ ଶିକ୍ଷକ ନିରାକାର ଶବରଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଜେଏମ୍‌ଏଫ୍‌ସିର ମୁଖ୍ୟ କିରାଣୀ ଅଶୋକ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

## କର୍ଲାପାଟରେ ବାବା ଖଣ୍ଡୁଆଲ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ

# ଆସ୍ଥା, ବିଶ୍ୱାସ, ଭକ୍ତି ଏବଂ ଶକ୍ତିର ଅଦୃଶ୍ୟ ମିଳନ

**ଥୁଆମୂଳରାମପୁର, ୧୩।୯ (ସମିସ)**

କଳାହାଣ୍ଡି ଜିଲ୍ଲାର ଗଡ଼ଜାତ ଅଞ୍ଚଳ ଭାବେ ପରିଚିତ କର୍ଲାପାଟରେ ବାବା ଖଣ୍ଡୁଆଲଦେବଙ୍କ ପ୍ରସିଦ୍ଧ ଝାମୁଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଯାଇଛି। ଚଳିତ ବର୍ଷ ମଧ୍ୟ ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତଥି ଦିନ ଖଣ୍ଡୁଆଲ ମାଳି ଶିଖରରେ ଥିବା ବାବା ଖଣ୍ଡୁଆଲଙ୍କ ପୀଠରୁ ପୂଜା ପାଉଥିବା ଖଣ୍ଡାକୁ ଏହି ମାଳିର ପାଦଦେଶରେ ଥିବା ରାଜୁଡା ଶାସନର କର୍ଲାପାଟ ଗାଁର ପୀଠକୁ ଅଣାଯାଇଥିଲା। ପାରମ୍ପରିକ ବିଧି ଅନୁସାରେ ଉକ୍ତ ଖଣ୍ଡାକୁ ଅବସ୍ଥାପିତ କରାଯାଇଥିଲା। ଏଇ ଦିନରୁ ବାବା ଖଣ୍ଡୁଆଲଙ୍କ ଗାଁ ପୀଠରେ ନବଦିନ।।କ ଉତ୍ସବ ଆରମ୍ଭ ହୋଇ ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଖଣ୍ଡୁଆଲ ବାବାଙ୍କ ଝାମୁଯାତ୍ରା ପର୍ବ ପାଳନ ହୋଇଥିଲା। ଶୁକ୍ରବାର ବାବା ଖଣ୍ଡୁଆଲ




ଦେବଙ୍କ ପୂଜକ ସୁଦର ପୂଜାରୀଙ୍କୁ କାଳିସି ଲାଗି ହେଲା ପରେ ଅଗ୍ନି କୁଣ୍ଡରେ ଶକ୍ତି ପ୍ରଦର୍ଶନ କରିଥିଲେ। ଏଥି ସହିତ ମା ଡୋକରୀ ଦେବୀ, ଦେବୀ ବନଦୁର୍ଗା, ବାବୁରାଏ ଏବଂ ବାଇରୀ ବୁଢୀଙ୍କ କାଳିସି ଲାଗି ଝାମୁଯାତ୍ରାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସକୁ ଦୃଢ଼ କରିବା ପାଇଁ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ବହୁ ମାନସିକ ଧାରୀ ନିଜର ମାନସିକ ମୁତାବକ ଭୋଗ ଅର୍ପଣ କରିଥିଲେ। ଖଣ୍ଡୁଆଲ ବାବାଙ୍କ ଏହି ଝାମୁଯାତ୍ରା ଉତ୍ସବରେ ରାଜ ପରିବାରର ଇଷ୍ଟଦେବୀ ମା ଡୋକରୀଙ୍କ ସମେତ ବନଦୁର୍ଗା, ବାବୁରାଏ ଏବଂ ବାଇରି ବୁଢୀ ଦେବୀଙ୍କ କାଳିସି ଲାଗି ହୋଇଥାଏ। ବହୁ କାଳରୁ କର୍ଲାପାଟ ରାଜାଙ୍କ ତତ୍ତ୍ୱାବଧାନରେ ବାବା ଖଣ୍ଡୁଆଲଙ୍କ ପୂଜାର୍ଚ୍ଚନା ଚଳି ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ କର୍ଲାପାଟ ରାଜ ପରିବାରର କୁମାର ପ୍ରମୋଦ ସିଂଦେଓ, ସ୍ୱରୂପ ସିଂଦେଓ ଏବଂ ରାଜ ସିଂଦେଓଙ୍କ ତତ୍ତ୍ୱାବଧାନରେ ଝାମୁଯାତ୍ରା ଉତ୍ସବ ପାଳନ ହୋଇଥିଲା। ଅନ୍ୟାନ୍ୟ ପୂଜକ ମାନଙ୍କ ମଧ୍ୟରେ ବିଘ୍ନେଶ୍ୱର ପୂଜାରୀ, କାର୍ତ୍ତିକ ପୂଜାରୀ ପ୍ରମୁଖ ସହଯୋଗୀ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ଆବାହମାନ କାଳରୁ କର୍ଲାପାଟ ଅଭୟାରଣ୍ୟରେ ଘଞ୍ଚ ଜଙ୍ଗଲ ବେଷ୍ଟିତ ଖଣ୍ଡୁଆଲ ମାଳିର ପାହାଡ ଦେଶର ଏକ ଗୁମ୍ଫାରେ ପୂଜା ପାଉଥିବା ଖଣ୍ଡୁଆଲ ବାବାଙ୍କ ଏହି ପୀଠରେ ପ୍ରତିବର୍ଷ ବିଭିନ୍ନ ସମୟରେ ପୂଜାର୍ଚ୍ଚନା କରାଯାଇଥାଏ। ଖଣ୍ଡୁଆଲ ମାଳି ପର୍ବତର ପାଦ ଦେଶରେ ଥିବା ଆଖପାଖ ଅଞ୍ଚଳର ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହେଉଛନ୍ତି ବାବା ଖଣ୍ଡୁଆଲ।





## ବଡ଼ ବଜେଟ୍‌ର 'ଚ୍ୟାଲେଞ୍ଜ'

ଚଳିତ ଦଶହରାରେ ମୁକ୍ତିଲାଭ କରିବ ବିଗ୍ ବଜେଟ ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଅର୍ଦ୍ଧେନ୍ଦୁ ସାହୁ, ଏଲିନା ସାମନ୍ତରାୟ, ପୁପିନ୍ଦର ସିଂହ, ଲିପି ମହାପାତ୍ର, ହରିହର ମହାପାତ୍ର ଏବଂ ପୁନିତ ଇଶାର୍‌ଙ୍କୁ ନେଇ ନିର୍ମାଣ ହୋଇଛି ଏହି ବଡ଼ ବଜେଟ୍‌ର ସିନେମା। ଏଥିରେ ଆକ୍ସନ ଷ୍ଟାର୍ ଅର୍ଦ୍ଧେନ୍ଦୁଙ୍କ ଜବରଦସ୍ତ ଆକ୍ସନ ଦେଖିବାକୁ ପାଇବେ ଦର୍ଶକେ । ଏହାସହ ପୁପିନ୍ଦର, ଲିପିଙ୍କ ପୁରୁଣା ଯୋଡ଼ିକୁ ପୁଣି ଥରେ ମନେ ପକାଇବେ । 'ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍'ରେ ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଜୀ ସାର୍ଥକର ସହଭାଗିତାରେ ପ୍ରସ୍ତୁତ ହୋଇଥିବା ଏହି ଚଳଚ୍ଚିତ୍ରକୁ ସାଇ କିରଣ ମଙ୍ଗରାଜ ନିର୍ଦ୍ଦେଶନା ଦେଇଛନ୍ତି। କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ମାନସ ପଢ଼ିଆରୀ । ସିନେମାର ଚିତ୍ରଗ୍ରହଣ କରିଛନ୍ତି ପ୍ରତାପ ରାଉତ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରଭ ଆନନ୍ଦ। ତେବେ ଏହା ଦଶହରାରେ ଦର୍ଶକଙ୍କର ଯଥେଷ୍ଟ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛନ୍ତି । ■



## ଓଡ଼ିଆ ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥା କହୁଛି ଲହରୀ

**କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିବା ପରେ 'ଲହରୀ' ବଡ଼ ପରଦାରେ ମୁକ୍ତିଲାଭ କରିଛି । ଏହି ସିନେମାରେ ରହିଛି ମାଟିର କଥା ଓ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥା । ସାମାଜିକ ଜୀବନରେ ମୂଳ ତତ୍ତ୍ୱ ସହ ନିଜକୁ ଯୋଡ଼ି ରଖିବା ଓ ବାପ ପୁଅର ସମ୍ପର୍କ ଉପରେ ଆଧାରିତ ଏହାର କାହାଣୀ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବା ପ୍ରଥମ ଦିନରୁ ଜଣାପଡ଼ିଛି ।**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ଓଡ଼ିଶାର ଲୋକପ୍ରିୟ ଅଭିନେତ୍ରୀ ତଥା ସ୍ୱନାମଧନ୍ୟ ଯୁବ ନିର୍ମାତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟ । ଏଥିରେ ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ୍, ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ଅଭିନୟ କରିଥିବା ବେଳେ ଲୋକପ୍ରିୟ ତାରକା ଦେବାଶିଷ ପାତ୍ର ଅତିଥି କଳାକାର ଭୂମିକାରେ ଏବଂ ସୁପରଷ୍ଟାର ବାବୁଶାନ ମହାନ୍ତିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଛି । ସିନେମାରେ ଥିବା 'ଝିଅର ସ୍କୃ ଟା ଢିଲା..' ଗୀତଟି ଏବେ ଟ୍ରେଣ୍ଡିଙ୍ଗରେ ରହିଥିବା ବେଳେ ଏଥିରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି। ସାରା ଓଡ଼ିଶାରେ ୩୧ଟି



ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଏହି ସିନେମାର ଗ୍ରାଣ୍ଡ ପ୍ରିମିୟର ରାଜଧାନୀର ଏସ୍‌ପ୍ଲାନେଡ୍ ସିନେପଲିସରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ରାଜନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କେକ୍ କାଟିବା ସହ 'ଲହରୀ'ର ଟିମ୍ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବୁକ୍ ମାଇଁ ଶୋ' ପ୍ରଥମ ଦିନ ପ୍ରତ୍ୟେକ ଟିକଟ୍ ଉପରେ ୫୦ ପ୍ରତିଶତ ରିହାତି ଥିବା ବେଳେ ପ୍ରଥମ ଦିନର ପ୍ରଥମ ଶୋ ହାଉସଫୁଲ୍ ଦେଖିବାକୁ ମିଳିଥିଲା । ସିନେମାଟି ଉଭୟ କଳାତ୍ମକ ଏବଂ ବ୍ୟାବସାୟିକ ଦୃଷ୍ଟିକୋଣରୁ ବେଶ୍ ଭଲ ହୋଇଛି ବୋଲି ଦର୍ଶକ ମତବ୍ୟକ୍ତ କରିଛନ୍ତି । ■

### ପରଦା ପଛର କାହାଣୀ

## ଅଭିନେତ୍ରୀଙ୍କୁ ବଞ୍ଚାଇବାକୁ ନିଆଁକୁ ଡେଇଁଥିଲେ ଅଭିନେତା

୧୯୫୭ ମସିହାରେ ମୁକ୍ତିଲାଭ କରିଥିଲା କ୍ଲଟ୍‌କ୍ଲାସିକ୍ ଫିଲ୍ମ 'ମଦର ଇଣ୍ଡିଆ'। ଏହି ଫିଲ୍ମରେ ଅଭିନେତ୍ରୀ ନର୍ଗିସ୍, ଅଭିନେତା ସୁନିଲ ଦତ୍ତ ଏବଂ ରାଜେନ୍ଦ୍ର କୁମାର ଚମତ୍କାର ଅଭିନୟ କରିଛନ୍ତି । ଏଥିରେ ନର୍ଗିସ୍ ଦୁଇଜଣ ଅଭିନେତାଙ୍କ ମାଆ ଚରିତ୍ରରେ ଅଭିନୟ କରିଥିଲେ। ନିକଟରେ ଏହି ଫିଲ୍ମ ସହ ଜଡ଼ିତ ଏକ ରୋଚକୀୟ ଫଟୋ ସାମ୍ନାକୁ ଆସିଛି। ଯେଉଁଥିରେ ଅଭିନେତା ନିଜ ଜୀବନକୁ ବାଜି ଲଗାଇ ଅଭିନେତ୍ରୀଙ୍କୁ ବଞ୍ଚାଇ ଥିଲେ। 'ମଦର ଇଣ୍ଡିଆ'ର ସୁଟିଂ ସମୟରେ ସେଟ୍‌ରେ ନିଆଁ ଲାଗିଯାଇଥିଲା । ଅଧିକାଂଶ କ୍ରିଉ ମେମ୍ବର ଓ ଅଭିନେତ୍ରୀ ସେହି ନିଆଁ ମଧ୍ୟରେ ଫସି ରହିଥିଲେ। ନର୍ଗିସଙ୍କୁ ନିଆଁରେ ଦେଖି ଅଭିନେତା ତାଙ୍କୁ ବଞ୍ଚାଇବାକୁ ଭୟଙ୍କର ନିଆଁ ମଧ୍ୟକୁ ଝାସ ଦେଇଥିଲେ। ଅଭିନେତ୍ରୀଙ୍କୁ ବଞ୍ଚାଇବା ପାଇଁ ସୁନୀଲ ଦତ୍ତ ସେହି ନିଆଁରେ ଫସି ଯାଇଥିଲେ। ଏଥିରେ ତାଙ୍କ ମୁହଁର କିଛି ଅଂଶ ଜଳି ଯାଇଥିଲା । ସୁନୀଲ ସୁସ୍ଥ ହେବା ଯାଏ ତାଙ୍କ ସହିତ ରହି ନର୍ଗିସ୍ ଦେଖାଶୁଣା କରିଥିଲେ। ଏହି ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । କିଛି ଦିନ ପରେ ନର୍ଗିସଙ୍କୁ ବିବାହ ପାଇଁ ସୁନୀଲ ଦତ୍ତ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମନା କରିବା ପରେ ଦ୍ୱିତୀୟ ଥର ନର୍ଗିସ୍ ବିବାହ ପାଇଁ ରାଜି ହୋଇଥିଲେ। ଏହାପରେ ୧୯୫୮ ମସିହାରେ ଦୁହେଁ ବିବାହ କରିଥିଲେ।



ନିକଟରେ ସାମାଜିକ ଗଣମାଧ୍ୟମରେ ସୁନିଲ ଦତ୍ତ ଓ ନର୍ଗିସଙ୍କ ଏକ ଫଟୋ ଭାଇରାଲ୍ ହୋଇଥିବା ଦେଖିବାକୁ ମିଳିଛି। ଏହା 'ମଦର ଇଣ୍ଡିଆ' ଫିଲ୍ମର ନିଆଁ ଲାଗିବା ସମୟର ଦୃଶ୍ୟ ବୋଲି ଜଣାପଡ଼ିଛି । ■

## ୨୨ରୁ ଆଓ ନେକ୍ସଟ୍‌ରେ ଘମାଘୋଟ୍



ଓଡ଼ିଶାର ବିଭିନ୍ନ ଫିଲ୍ମ ହଲ୍‌ରେ ଦର୍ଶକଙ୍କ ଭଲ ପାଇବା ସାଉଁଟିବା ପରେ ଓଡ଼ିଆ ହାଇ-ଆକ୍ସନ ଫିଲ୍ମ 'ଘମାଘୋଟ୍' ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ଓଡ଼ିଶାର ଲୋକପ୍ରିୟ ଷ୍ଟ୍ରିମିଂ ପ୍ଲାଟଫର୍ମ 'ଆଓ ନେକ୍ସଟ୍'ରେ ଡିଜିଟାଲ ପ୍ରିମିୟର ହେବାକୁ ଯାଉଛି । କୌଶିକ ଦାସଙ୍କ ଦ୍ୱାରା ପ୍ରଯୋଜିତ ଓ ରାଜା.ଡି.ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଘମାଘୋଟ୍' ଗତ ମାର୍ଚ୍ଚ ମାସରେ ହଲ୍‌ରେ ରିଲିଜ ହୋଇ ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା । ଜବରଦସ୍ତ ଡ୍ରାମା ଏବଂ ଆକର୍ଷଣୀୟ କାହାଣୀ ସହିତ ଏହି ଫିଲ୍ମଟି ଗ୍ୟାଙ୍ଗ ୱାର୍‌ର ଅନ୍ଧାର ଦୁନିଆର ଗଭୀରତାକୁ ଅତି ସରଳ ଭାବରେ ଦର୍ଶକଙ୍କ ପାଖରେ ପହଞ୍ଚାଇ ଥିଲା । ନିର୍ଦ୍ଦେଶକ କହିଛନ୍ତି ଯେ, ଆକ୍ସନ୍ ସିକ୍ୱେନ୍ସ ଗୁଡ଼ିକ ରଶି ବିନା ପ୍ରଦର୍ଶନ କରାଯାଇଥିଲା। ଫଳରେ ଫାଇଟ୍ ଦୃଶ୍ୟଗୁଡ଼ିକ ଅତ୍ୟନ୍ତ ନିଚ୍ଛକ ଏବଂ ବାସ୍ତବବାଦୀ ହୋଇଛି । ଫିଲ୍ମରେ ଅଭିଷେକ ପଣ୍ଡା, ଦୀପକ ପରିଡ଼ା, ବିଶ୍ୱଜିତ ରାଉତ, ଜୋଣ୍ଟି, ଆକାଶ ହୋତା, ଆକାଶ ରାଉତ, ସନ୍ଦୀପ ମିଶ୍ର, ସନୋଜ କୁମାର, ଗୋଲ୍ଡି ଦାସ, ଶକ୍ତି, ରାଜେଶ କୁମାର ସାହୁ, ତପି ମିଶ୍ର, ଆଇମନ୍ ପ୍ରଧାନ, ଶୈଳେନ୍ଦ୍ର ସାମନ୍ତରାୟ ଏବଂ କ୍ରୀଷ୍ଣା କରଙ୍କ ପରି ପ୍ରତିଭାଶାଳୀ କଳାକାରମାନେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି । ତେବେ ଯେଉଁ ଦର୍ଶକମାନେ ଫିଲ୍ମଟିକୁ ହଲରେ ଦେଖି ପାରି ନ ଥିଲେ ସେମାନେ ସେପ୍ଟେମ୍ବର ୨୨ରୁ ଆଓ ନେକ୍ସଟରେ ଏହି ଓଡ଼ିଆ ହାଇ-ଆକ୍ସନ ଫିଲ୍ମ ଦେଖିପାରିବେ । ■

## 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍'ରେ ରଞ୍ଜିତ ବେଦୀ



ଜୀ ସାର୍ଥକରେ ପ୍ରସାରିତ ହେଉଥିବା ଓଡ଼ିଶାର ବଡ଼ ରିୟାଲିଟି ଶୋ' "ଓଡ଼ିଶାର ବେଷ୍ଟ ସିନେ ଷ୍ଟାରର ଖୋଜ୍" ମଞ୍ଚରେ ମୁମ୍ବାଇ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ବରିଷ୍ଠ ଅଭିନେତା ତଥା ପ୍ରଖ୍ୟାତ ଖଳନାୟକ ରଞ୍ଜିତ ବେଦୀ ଅତିଥି ବିଚାରକ ଭାବେ ଯୋଗ ଦେଇଛନ୍ତି । ଓଡ଼ିଶାର ପ୍ରତିଟି କୋଣ ଅନୁକୋଣରେ ଥିବା ପ୍ରତିଭାବାନ କଳାକାର ସୃଷ୍ଟି କରିବା ପାଇଁ ଜୀ ସାର୍ଥକ ଯେଉଁ ପ୍ଲାଟଫର୍ମ ଯୋଗାଇଦେଉଛି ସେଥିପାଇଁ ଚ୍ୟାନେଲକୁ ସାଧୁବାଦ ଜଣାଇଛନ୍ତି ରଞ୍ଜିତ । ପରିଶ୍ରମ କଲେ ନିଶ୍ଚିତ ଭାବେ ଜଣେ ଜଣେ ସୁପ୍ରତିଷ୍ଠିତ କଳାକାର ହୋଇପାରିବେ ବୋଲି ସେ କହିଛନ୍ତି । ତେବେ ଏହି ଶୋ' ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ । ଏହି ରିୟାଲିଟି ଶୋ'ରେ ବିଭିନ୍ନ ନାଟକୀୟ ଦୃଶ୍ୟଠାରୁ ଆରମ୍ଭ କରି କମେଡି ଡ୍ରାମା ସହ ଆକ୍ସନ ସିକ୍ୱେନ୍ସ ପର୍ଯ୍ୟନ୍ତ ନିଜର ପ୍ରତିଭା ଦ୍ୱାରା ଏହି ମଞ୍ଚକୁ ଜୀବନ୍ତ କରିବେ ପ୍ରତିଯୋଗୀ। ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିବେ ଓ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ବିଜୟୀ ମୁକୁଟ ପିନ୍ଧିବେ । ସେମାନଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ । ଏହି ରିୟାଲିଟି ଶୋ'ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ରହିଛନ୍ତି । ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ଅଭିନେତ୍ରୀ ଅନନ୍ୟା ଏବଂ ଅଭିନେତା ରଞ୍ଜନ । ■

## 'ସଫଳ କଳାକାର ହେବା ମୋର ଲକ୍ଷ୍ୟ'

### ରିତିକ୍ ପାଣିଗ୍ରାହୀ



ଭାଷା ଅପେକ୍ଷା ଭାବନାକୁ ନୃତ୍ୟ ଅଧିକ ଗଭୀର ଭାବରେ ପ୍ରସାର କରିବାରେ କ୍ଷମତା ପ୍ରଦାନ କରିଥାଏ । ଅଙ୍ଗଭଙ୍ଗୀ ମାଧ୍ୟମରେ ଜଣେ ନୃତ୍ୟଶିଳ୍ପୀ ନିଜର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିପାରନ୍ତି । ତେବେ ଖୁବ୍ କମ୍ ନୃତ୍ୟଶିଳ୍ପୀଙ୍କ ଭାଗ୍ୟ ତାଙ୍କୁ କଳାକାର ସଜାଇଦିଏ । ଏମିତି ଜଣେ ଉଦୀୟମାନ କଳାକାର ହେଉଛନ୍ତି ରାଉରକେଲାର ରିତିକ୍ ପାଣିଗ୍ରାହୀ । 'ଡିଓଡି' ଓ 'ବିଗ୍ ବ୍ରେକ୍-୨' ପରି ରିଆଲିଟି ଶୋ'ରେ ସେ ନିଜର ପ୍ରତିଭା ଦେଖାଇଥିଲେ । 'ଡିଓଡି' ପ୍ଲାଟ୍‌ଫର୍ମରେ ଫାଇନାଲିଷ୍ଟ ଟପ୍ ୧୮ ରେ ରହିଥିଲେ । ଅନେକ ଷ୍ଟେଜ୍ ପ୍ରୋଗ୍ରାମରେ ସେ ଦର୍ଶକଙ୍କ ମନ ଜିଣିଛନ୍ତି । ୪ରୁ ୫ଟି ମ୍ୟୁଜିକ୍ ଭିଡିଓରେ ସେ କାମ କରିସାରିଛନ୍ତି । 'ମଙ୍ଗୁଳା କନ୍ୟା' ତାଙ୍କର ପ୍ରଥମ ଧାରାବାହିକ । ତେବେ ଅଭିନୟ ଜଗତକୁ ସେ କେମିତି ଆସିଲେ, ଏଥିପାଇଁ ସେ କେତେ ସଂଘର୍ଷ କରିଛନ୍ତି ଜାଣିବା ତାଙ୍କଠାରୁ ।

**ନୃତ୍ୟଶିଳ୍ପୀରୁ ଅଭିନେତା କେମିତି ହେଲେ ?**

● ପିଲାଟିଦିନରୁ ନୃତ୍ୟ ପ୍ରତି ମୋର ଦୁର୍ବଳତା ଥିଲା । ମୁଁ ସୁପରଷ୍ଟାର୍ ଶାହରୁଖ ଖାନ୍‌ଙ୍କ ବହୁତ ବଡ଼ ପ୍ରଶଂସକ । ବିଭିନ୍ନ ଷ୍ଟେଜ୍ ପ୍ରୋଗ୍ରାମରେ ନୃତ୍ୟ କରିଛି । ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ (ଡିଓଡି) ରେ ଭାଗ ନେଇ ଏଥିରେ ଟପ୍ ୧୮ ଯାଏଁ ରହିଛି । ବାପୀ ପଲେଇ ସାର୍ ଓ ରୋଜା ରଣା ମାଡାମ୍ ହେଉଛନ୍ତି ମୋ ନୃତ୍ୟ ଗୁରୁ/ ଗୁରୁମା । ଦଶମ ପରେ ମୁଁ 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ଯାଇଥାଏ । ସେଠି ଟପ୍ ୧୬ ଯାଏଁ ଯାଇଥିଲି । 'ଏ ଜାଇଫୁଲ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ । ମୋର ବିପକ୍ଷରେ ଥିଲେ ଗାର୍ଗୀ । ଏହି ଭିଡିଓଟି ମୋର ୨୬ ଲକ୍ଷ ଭିଉ ଯାଇଥିଲା । ପରେ କିଛି ୟୁଟ୍ୟୁବ୍ ଚ୍ୟାନେଲର କାମ କରିଛି । 'ଲଭ୍ ଟ୍ୟୁନ୍' ସମେତ ୫ଟି ମ୍ୟୁଜିକ୍ ଆଲବମ୍ କରିବାକୁ ମୋତେ ସୁଯୋଗ ମିଳିଛି । ତାହାରି ଭିତରେ ମୋତେ ଅଭିନୟ କରିବାକୁ ବି ଇଚ୍ଛା ଥାଏ । ସ୍ନାତକ ପଢ଼ା ସମୟରେ ସିଦ୍ଧାର୍ଥ ଟିଭିର 'ମଙ୍ଗୁଳା କନ୍ୟା' ଧାରାବାହିକ ପାଇଁ ଅଡିସନ୍ ଦେବାକୁ ମୋତେ ସୁଯୋଗ ମିଳିଲା । ଏଥିରେ ମୁଖ୍ୟ ନାୟକ ଅନୁରାଗ ଚରିତ୍ରରେ କାମ କରିଥିଲି ।

**ପ୍ରଥମ ପ୍ରୋଜେକ୍ଟରେ ଦର୍ଶକ ଗ୍ରହଣ କରିଥିଲେ କି?**

● "ମଙ୍ଗୁଳା କନ୍ୟା' ଧାରାବାହିକରେ ଅନ୍ୟ ଜଣଙ୍କ ସ୍ଥାନରେ ଏହି ଚରିତ୍ର ମୋତେ ମିଳିଥିଲା । ପ୍ରଥମ ପ୍ରୋଜେକ୍ଟରେ ଦର୍ଶକଙ୍କଠାରୁ ଆଶାଠାରୁ ଅଧିକ ଭଲପାଇବା ପାଇଥିଲି । ଯେହେତୁ ପ୍ରଥମ ଧାରାବାହିକରେ ବରିଷ୍ଠ କଳାକାରଙ୍କ ସହ କାମ କରୁଥିଲି । ରାତି ରାତି ସୁଟ୍ କରିବା, ପାଠ ପାଇଁ ସମୟ ଦେବା, ସଂଳାପ କହିବା ଆଦି ସବୁ ପାଇଁ ସମୟ ଲାଗିଥିଲା । ବରିଷ୍ଠ କଳାକାରଙ୍କଠାରୁ ବହୁତ କିଛି ଶିଖିବାକୁ ମୋତେ ସୁଯୋଗ ମିଳିଥିଲା ।

**ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?**

● ଯେତେ କାମ କଲେ ବି ପାଠକୁ ଗୁରୁତ୍ୱ ଦେଇଆସିଛି । ଡ୍ୟାନ୍ସ, ମ୍ୟୁଜିକ୍ ଭିଡିଓ ଏବଂ ଧାରାବାହିକକୁ ବାଦ୍ ଦେଲେ, ଅନେକ ଗୁଡ଼ିଏ ବିଜ୍ଞାପନ କରିଛି । ଯେହେତୁ ମୁଁ ମାସ୍ କମ୍ୟୁନିକେସନ ଆଣ୍ଡ ଜର୍ଣ୍ଣାଲିଜିମ୍‌ରେ ସ୍ନାତକୋତ୍ତର କରିଥିଲି । ଏବେ ଏକ ଇଭେଣ୍ଟ କମ୍ପାନୀର ମିଡିଆ ପ୍ଲାନର ଭାବେ କାମ କରୁଛି । କାର୍ଯ୍ୟବ୍ୟସ୍ତତା ଯୋଗୁଁ ଅଭିନୟଠାରୁ ଦୂରେଇ ଯାଇଛି । ଭଲ କାହାଣୀ ମିଳିଲେ ମୁଁ ନିଶ୍ଚିତ କାମ କରିବି । ଏଥିପାଇଁ ପ୍ରସ୍ତୁତ ଜାରି ରଖିଛି । ଅଭିନୟ ମୋର ନିଶା, ଚାକିରି ମୋର ପେଶା ।

**ଡ୍ରିମ୍ ରୋଲ୍ ?**

● ଡ୍ରିମ୍ ରୋଲର ସ୍ୱପ୍ନ ମୁଁ ଦେଖିନି । କିନ୍ତୁ ହଁ ଜୀବନ ଥିବା ଯାଏଁ ମୁଁ ଅଭିନୟ ଆଉ ନୃତ୍ୟ ଜାରି ରଖିବି । ସଫଳ କଳାକାରଟିଏ ହେବା ମୋର ଲକ୍ଷ୍ୟ । ତେଣୁ ମୋତେ ଯେଉଁ ଚରିତ୍ର ମିଳିଲେ ମୁଁ କରିବି ।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ପ୍ରସ୍ତୁତ ହେବା ଦରକାର?**

● ପ୍ରଥମେ ନିଜର ଗୋଲ୍ ସେଟ୍ କରନ୍ତୁ । ଫିଲ୍ମ ଲାଇନ୍‌ରେ ଯିବେ, କ'ଣ କରିପାରିବେ ତାହାକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ନ୍ତୁ । ସବୁ ଲାଇନ୍‌ରେ କଷ୍ଟ ଆଉ ସଂଘର୍ଷ କରିବାକୁ ପଡ଼ିଥାଏ । ରାତିରାତି ସଫଳ ହେବାକୁ ଇଚ୍ଛା ନ ରଖି କଠିନ ପରିଶ୍ରମ କରନ୍ତୁ । ଚେଷ୍ଟା କରି ବିଫଳ ହେବାରେ ମଜା ଥାଏ । ସେହିପରି ସ୍କ୍ରିପ୍ଟ ଯାହା ମାଗୁଛି ତା' ଅନୁସାରେ ଅଭିନୟ କରିଲେ ଏହା ପ୍ରଶଂସନୀୟ ହୋଇଥାଏ । ■

# ଭାରତ-ପାକିସ୍ତାନ ହାଇଭୋଲ୍ଟେଜ୍ ମୁକାବିଲା ଆଜି

ଦୁବାଇ, ୧୩।୯ (ଏଜେନ୍ସି): ବିଶ୍ୱ କ୍ରିକେଟର ଦୁଇ ଶକ୍ତି ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଏସିଆ କପ୍ କ୍ରିକେଟର ଗ୍ରୁପ୍-ବି' ମୁକାବିଲା ଆସନ୍ତାକାଲି ବା ରବିବାର ଏଠାରେ ଖେଳାଯିବ। ଏହାକୁ ଏକ ହାଇଭୋଲ୍ଟେଜ ମ୍ୟାଚ୍ ବା ଆଉ କେତେକ ମହାମୁକାବିଲା ଭାବେ ବର୍ଣ୍ଣନା କରୁଥିଲେ ମଧ୍ୟ ଏଥର ସେଭଳି ଉତ୍ସାହ ନାହିଁ। ବିଶେଷ କରି ଭାରତ ଓ ପାକିସ୍ତାନ ଯେଉଁଠାରେ ଖେଳିଲେ ମଧ୍ୟ ଏମାନଙ୍କ ମୁକାବିଲା ପୂର୍ବରୁ ଟିକଟ ଅଧଘଣ୍ଟା ମଧ୍ୟରେ ବିକ୍ରି ହୋଇଯାଇଥାଏ। କିନ୍ତୁ ଏଠାରେ ତାହା ଦେଖିବାକୁ ମିଳିନାହିଁ। ୨୫,୦୦୦ କ୍ଷମତା ବିଶିଷ୍ଟ ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଏଯାଏ ଅନେକ ଟିକଟ ବିକ୍ରି ହୋଇପାରି ନାହିଁ। ଏହାର କାରଣ ଯାହା ହେଉନା କାହିଁକି ମ୍ୟାଚ୍‌ରେ ଷ୍ଟାଡିୟମ୍ ପୂରା କରିବାକୁ ଆୟୋଜକମାନେ କୌଣସି ଉଦ୍ୟମ ଛାଡୁନାହାନ୍ତି ଓ ସମସ୍ତ ଟିକଟ ବିକ୍ରି ହୋଇଯିବ ବୋଲି ଆଶା ରଖିଛନ୍ତି। ଏହା ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗ୍ରୁପ୍-ଲିଗ୍ ମ୍ୟାଚ୍ ଖେଳିସାରିଛନ୍ତି। ଉଭୟ ଦଳ ପ୍ରଥମ ମୁକାବିଲାକୁ ସହଜରେ ଜିତିଥିଲାବେଳେ ଆସନ୍ତାକାଲି ମ୍ୟାଚ୍‌ରେ ଯେଉଁ ଦଳ ଜିତିବ, ସେହି ଦଳ ଗ୍ରୁପ୍‌ରେ ପ୍ରଥମସ୍ଥାନ ଅଧିକାର କରିବ ଓ ପ୍ରଥମେ ସୁପର-୪'ରେ ପ୍ରବେଶ କରିବ। ଏଣୁ ଭାରତକୁ ହରାଇବା ଲାଗି ପାକିସ୍ତାନ ଦଳ କୌଣସି ସାମାନ୍ୟତମ ସୁଯୋଗକୁ ହାତଛଡ଼ା କରିବ ନାହିଁ ବୋଲି ଆଶାକରାଯାଉଛି।



## ● ନୂଆ ଖେଳାଳିଙ୍କ ଆକର୍ଷଣ କମ୍

ଏସିଆ କପ୍‌ରେ ଏଥର ଭାଗନେଇଥିବା ଅନେକ ଖେଳାଳି ନବାଗତ। ଘରୋଇ ତଥା ଫ୍ରାଞ୍ଚାଇଜ୍ କ୍ରିକେଟର ସଫଳତାକୁ ନେଇ ଉଭୟ ଦେଶର ଦଳ ଗଠନ କରାଯାଇଛି। ଯେହେତୁ ଏହା ଟି-୨୦ ଫର୍ମାଟରେ ଖେଳାଯାଉଛି, ସେଥିଲାଗି ଯୁବ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଉଛି। ଉଭୟ ଅଧିନାୟକ ଭାରତର ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନର ସଲମାନ ଅଲି ଆଘା ପ୍ରଥମଥର ଏସିଆ କପ୍‌ରେ ଦଳର ନେତୃତ୍ୱ ନେଉଛନ୍ତି। ଏଣୁ ସମର୍ଥକଙ୍କ ନିକଟରେ ଏମାନେ ଏତେ ଅଧିକ ଲୋକପ୍ରିୟତା ହାସଲ କରିପାରିନାହାନ୍ତି। ଏହାର ଅର୍ଥ ନୁହେଁ ଯେ ସେମାନଙ୍କ ନିକଟରେ ଦକ୍ଷତା ନାହିଁ। ଭାରତୀୟ ଦଳ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ପାକିସ୍ତାନ ଟିକେ ପଛରେ ପଡ଼ିଛି। ଉଭୟ ଦେଶ ମୁକାବିଲା ବେଳେ ଏଭଳି ତଥ୍ୟର କିଛି ମୂଲ୍ୟ ନ ଥାଏ। ଏଣୁ ଏହି ମ୍ୟାଚ୍‌ର ଫଳାଫଳ ଏକତରଫା ହେଉ କି ପ୍ରତିଦ୍ୱନ୍ଦ୍ୱିତାମୂଳକ, ଷ୍ଟାଡିୟମ ନିଶ୍ଚିତ ଭରପୁର ରହିବ।

ଉଭୟ ଦେଶର ଖେଳାଳି ସେମାନଙ୍କ ପ୍ରିମିୟର ଲିଗ୍‌ରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳର ୧ରୁ ୧୧ ନମ୍ବର ଖେଳାଳିଙ୍କ ନିକଟରେ ମ୍ୟାଚ୍ ଜିତାଇବାର ଦକ୍ଷତା ରହିଛି। ପାକିସ୍ତାନର ଖେଳାଳିମାନେ ମଧ୍ୟ କମ୍ ନୁହଁନ୍ତି। କିନ୍ତୁ ଏମାନଙ୍କ ମଧ୍ୟରେ ଯିଏ ଜିତୁ ନା କାହିଁକି, ମୁକାବିଲା ଅଧିକାଂଶ ସମୟ ଏକତରଫା ହୋଇଥାଏ। ପ୍ରଥମ ମ୍ୟାଚ୍‌ରେ ଭାରତ ଯେପରି ୪.୩ ଓଭରରେ ବା ପାୱାରପ୍ଲେ'ରେ ମ୍ୟାଚ୍ ଜିତିଲା ତାହା ଅନ୍ୟ ଦଳପ୍ରତି ଏକ ଚେତାବନୀ। ବୋଲର ହୁଅନ୍ତୁ କିମ୍ବା ବ୍ୟାଟର ଏମାନେ ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଏକତ୍ର ହୋଇ ପରାଜିତ କରିବାର ଅନେକ ନଜର ରହିଛି। ବିଶ୍ୱଚାମ୍ପିଅନ ଭାରତୀୟ ଦଳ ଦମ୍ ଦେଖାଇବ ବୋଲି ଆଶା କରାଯାଉଛି।

DP WORLD ASIA CUP 2025

**ଆଜିର ମ୍ୟାଚ୍**

**ଭାରତ-ପାକିସ୍ତାନ**
ସ୍ଥାନ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

## ରେକର୍ଡରେ ଭାରତ ଆଗୁଆ

୧୩ ବର୍ଷ ହେଲା ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ୍ ଖେଳାଯାଉନାହିଁ। ଉଭୟ ଦେଶ ରାଜନୈତିକ ବାତାବରଣ ଯୋଗୁଁ ଅନ୍ୟ ଦେଶକୁ ଲୋକପ୍ରିୟ କ୍ରିକେଟକୁ ପଠାଇବାକୁ ଚାହୁଁ ନାହାନ୍ତି। କିନ୍ତୁ କ୍ରିକେଟ ଖେଳର ସର୍ବୋଚ୍ଚ ସଂସ୍ଥା ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ପରସ୍ପର ସହ ଖେଳୁଛନ୍ତି। ୨୦୦୭ରେ ପ୍ରଥମଥର ଆୟୋଜିତ ଟି-୨୦ ବିଶ୍ୱକପ୍‌ରେ ଉଭୟ ଦଳ ପରସ୍ପର ସହ ଭେଟାଭେଟି ହୋଇଥିଲେ। ବିଶ୍ୱ କ୍ରିକେଟରେ ୨୦୦୭ ସେପ୍ଟେମ୍ବର ୧୪ରେ ଉଭୟ ଦଳ ପରସ୍ପର ସହ ପ୍ରଥମ ମ୍ୟାଚ୍ ଖେଳିଥିଲେ। ଏବେ ଏସିଆ କପ୍‌ରେ ଦୀର୍ଘ ୧୮ ବର୍ଷ ପରେ ସେହି ସେପ୍ଟେମ୍ବର ୧୪ରେ ଉଭୟଙ୍କ ମଧ୍ୟରେ ୧୪ତମ ଟି-୨୦ ମୁକାବିଲା ଅନୁଷ୍ଠିତ ହେବ। ଏହା ପୂର୍ବରୁ ଖେଳାଯାଇଥିବା ୧୩ଟି ମଧ୍ୟରୁ ପ୍ରଥମ ମ୍ୟାଚ୍‌ଟି ଟାଇ ରହିଥିଲା। ତତ୍କାଳୀନ ନିୟମ ଅନୁଯାୟୀ ଭାରତ ବୋଲ ଆଉଟରେ ଏହି ମ୍ୟାଚ୍‌କୁ ଜିତିଥିଲା। ଭାରତ ମଧ୍ୟ ଫାଇନାଲରେ ପାକିସ୍ତାନକୁ ୫ ରନ୍‌ରେ ହରାଇ ପ୍ରଥମ ଟାଇଟଲ ଜିତିଥିଲା। ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ୧୨ଟି ପୂର୍ଣ୍ଣାଙ୍ଗ ମୁକାବିଲା ମଧ୍ୟରୁ ଭାରାତ ୯ଟିରେ ଓ ପାକିସ୍ତାନ ମାତ୍ର ୩ଟିରେ ବିଜୟୀ ହୋଇଛି। ଏସିଆ କପ୍‌ରେ ୩ଟି ଟି-୨୦ ମୁକାବିଲାରୁ ଭାରତ ୨ଟିରେ ଜିତିଛି। କିନ୍ତୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଶେଷ ୫ଟି ମୁକାବିଲା ମଧ୍ୟରୁ ଭାରତ ୩ଟି ଓ ପାକିସ୍ତାନ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଏଣୁ ଗତ ୫ଟି ମୁକାବିଲାରେ ଭାରତ ସହ କଡା ଟକ୍କର ଦେଇଛି ପାକିସ୍ତାନ। ଏଠାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

## ଖେଳାଳି ତାଲିକା

**ଭାରତ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ପାକିସ୍ତାନ:** ସଲମାନ ଅଲି ଆଘା (ଅଧିନାୟକ), ଆବ୍ରାର ଅହମ୍ମଦ୍, ଫହୀମ ଅଶ୍ରଫ୍, ଫକର ଜମାନ, ହାରିସ୍ ରୌଫ୍, ହାସନ ଅଲି, ହାସନ ନୱାଜ, ହୁସେନ ତଲତ, ଖୁସ୍‌ଦିଲ ଶାହ, ମହମ୍ମଦ୍ ହାରିସ୍ (ୱିକେଟରକ୍ଷକ), ମହମ୍ମଦ୍ ନୱାଜ, ମହମ୍ମଦ୍ ୱାସିମ୍, ସାହିବଜାଦା ଫରହାନ, ସାଇମ ଆୟୁବ, ସଲମାନ ମିର୍ଜା, ସାହିନ ଆଫ୍ରିଦୀ ଓ ସୁଫିୟାନ ମୁକୀମ୍।

## ବୋଲିଂରେ ଦମ୍ ଦେଖାଇଲା ଶ୍ରୀଲଙ୍କା

ଆବୁଧାବି, ୧୩।୯ (ଏଜେନ୍ସି): ଏସିଆ କପ୍‌ରେ ପ୍ରଥମ ମ୍ୟାଚ୍ ଖେଳିଥିବା ଶ୍ରୀଲଙ୍କା ଦଳ ଆଜି ଏଠାରେ ଦମ୍ ଦେଖାଇଛି। ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନେବା ପରେ ଜଣଙ୍କ ପରେ ଜଣେ ବାଂଲାଦେଶୀ ବ୍ୟାଟରଙ୍କୁ ପାଭିଲିୟନ ପଠାଇ ଶ୍ରୀଲଙ୍କା ଆତଙ୍କ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା। ୧୦ମ ଓଭର ଖେଳ ଶେଷ ସୁଦ୍ଧା ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୫ ୱିକେଟ ହରାଇ ୫୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଦଳ ପକ୍ଷରୁ ଜେକର ଅଲି ୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳର ଦୁଇ ଓପନର ତାନ୍‌ଜିଦ୍ ହାସନ ସମିମ ଓ ପରଭେଜ ହୋସେନ ଏମନ ଖାତା ଖୋଲିପାରି ନାହାନ୍ତି। ସେହିପରି ନିର୍ଭରଯୋଗ୍ୟ ତୋହିଦ୍ ହୃଦୟ ୮ ଓ ମେହଦୀ ହାସନ ମିରାଜ ୯ ରନ୍ କରିପାରିଥିଲେ। ୫ମ ଖେଳାଳିଭାବେ ଅଧିନାୟକ ଲିଟନ ଦାସ ୨୮ ରନ୍‌ରେ ଆଉଟ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଲେଗ୍ ସ୍ପିନର ୱାନିନ୍ଦୁ ହାସରଙ୍ଗା ୨ଟି, ନୁୱାନ ଥୁସରା ଓ ଦୁଷ୍ମନ୍ତ ଚାମୀରା ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି। ହୃଦୟ ରନ୍‌ଆଉଟ ହୋଇଥିଲେ।

ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ଓମାନକୁ ୯୩ ରନ୍‌ରେ ହରାଇ ପାକିସ୍ତାନ ଏସିଆ କପ୍ ଗ୍ରୁପ୍-ଏ' ମ୍ୟାଚ୍‌ରେ ପ୍ରଥମ ବିଜୟ ହାସଲ କରିଥିଲା। ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୦ ରନ୍ କରିଥିଲା। ଦଳ ପକ୍ଷରୁ ଯୁବ ଖେଳାଳି ମହମ୍ମଦ୍ ହାରିସ୍‌ଙ୍କ ୬୬ ରନ୍ କରିଥିଲେ। ଜବାବରେ ଦଳ ୧୬.୪ ଓଭରରେ ମାତ୍ର ୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା।

## ସୁଟିଂ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ଜିତିଲେ ଇଶା



ନିନବୋ, ୧୩।୯ (ଏଜେନ୍ସି): ଚାଇନାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ରାଇଫଲ୍/ପିସ୍ତଲ ସୁଟିଂ ବିଶ୍ୱକପ୍‌ରେ ଭାରତର ଇଶା ସିଂ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଇଶା ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ସଫଳତା ପାଇଥିଲେ। ଫାଇନାଲରେ ଇଶା ଓ ଘରୋଇ ଚାଇନା ସୁଟର୍ ୟାଓ ଜିଆନଜୁନଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଶେଷରେ ଇଶା ମାତ୍ର ୦.୧ ସ୍କୋରରେ ବାଜିମାତ୍ କରି ଚାମ୍ପିଅନ ହୋଇଥିଲେ। ଇଶା ୨୪୨.୬ ସ୍କୋର କରିଥିଲେ। ସେହିଭଳି ଜିଆନଜୁନ ୨୪୨.୫ ସ୍କୋର ସହ ଅଳ୍ପକେ ଶୀର୍ଷ ସ୍ଥାନ ହରାଇଥିଲେ। ଡିଫେଣ୍ଡିଂ ଅଲିମ୍ପିକ ଚାମ୍ପିଅନ ଦକ୍ଷିଣ କୋରିଆର ଓହ ୟେଜିନ ୩ୟ ସ୍ଥାନରେ ରହି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ।

## ମହିଳା ଫୁଟ୍‌ବଲ୍ ଚୟନ କମିଟିରେ ଶ୍ରଦ୍ଧାଞ୍ଜଳି ଅଧ୍ୟକ୍ଷା

ଭୁବନେଶ୍ୱର, ୧୩।୯ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଶନିବାର ରାଜ୍ୟ ମହିଳା ଫୁଟ୍‌ବଲର ନୂତନ ଚୟନ କମିଟି ଗଠନ କରାଯାଇଛି। ଜାତୀୟ ଦଳର ପୂର୍ବତନ ଅଧିନାୟିକା ତଥା ଫାଓ ଯୁଗ୍ମ ସମ୍ପାଦକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଉଭୟ ସିନିଅର ଓ ଜୁନିଅର ଦଳ ଚୟନ କମିଟିର ଅଧ୍ୟକ୍ଷା ନିଯୁକ୍ତ ହୋଇଛନ୍ତି। ସିନିଅର ଚୟନ କମିଟିରେ ରଞ୍ଜିତା ମହାନ୍ତି, ଗୀତାଞ୍ଜଳି ଖୁଣ୍ଟିଆ, ଗାୟତ୍ରୀ ମଲ୍ଲିକ ଓ ସସ୍ମିତା ମଲ୍ଲିକ ସଦସ୍ୟ ରହିଛନ୍ତି। ସେହିଭଳି ସରିତା ଜୟନ୍ତୀ ବେହେରା, ମମତା କୁମାରୀ ସାମନ୍ତ, ଆଲୋଚନା ସେନାପତି, ସୁପ୍ରଭା ସାମଲ ଓ ସ୍ୱର୍ଣ୍ଣମୟୀ ସାମଲ ଜୁନିଅର ଚୟନ କମିଟିରେ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ବିଭିନ୍ନ ଜାତୀୟସ୍ତରୀୟ ସିନିଅର ଓ ଜୁନିଅର ଟୁର୍ଣ୍ଣାମେଣ୍ଟ ଲାଗି ଏହି କମିଟି ଦଳ ଚୟନ କରିବ। ଏହି ଅବସରରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଦୁଲୀପ ଟ୍ରଫି: ଡ୍ରାଇଭର ସିଟ୍‌ରେ କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୩।୯ (ଏଜେନ୍ସି): ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲାରେ ଦକ୍ଷିଣାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ଦୃଢ଼ସ୍ଥିତିରେ ରହିଛି। ୩୬୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଦକ୍ଷିଣାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୩୩ ଓଭରରେ ୨ ୱିକେଟ ହରାଇ ୧୨୯ ରନ ସଂଗ୍ରହ କରିଛି। ଆଠ ୱିକେଟ୍ ବଳକା ଥାଇ ପାଳି ପରାଜୟ ଏଡ଼ାଇବା ଲାଗି ଦକ୍ଷିଣାଞ୍ଚଳ ଆହୁରି ୨୩୩ ରନ ଆବଶ୍ୟକ କରୁଛି। ପୂର୍ବରୁ ଶନିବାର ସକାଳେ କେନ୍ଦ୍ରାଞ୍ଚଳ ଏହାର ଅସମାପ୍ତ ପ୍ରଥମ ପାଳି ସ୍କୋର ୩୮୪/୫ରୁ ବ୍ୟାଟିଂ ଆରମ୍ଭ କରି ୫୧୧ ରନରେ ସୀମିତ ରହିଥିଲା। ୧୩୭ ରନ କରି ଅପରାଜିତ ରହିଥିବା ୟଶ ରାଠୋଡ ଆଜି ୧୯୪ ରନରେ ଆଉଟ୍ ହୋଇ ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ ହୋଇଥିଲେ। ଦକ୍ଷିଣାଞ୍ଚଳର ଦୁଇ ବୋଲର ଗୁରଜାପନୀତ୍ ସିଂହ ଓ ଅଙ୍କିତ ଶର୍ମା ୪ଟି ଲେଖାଏ ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ୧୪୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଖେଳ ଆହୁରି ୨ ଦିନ ବାକି ଥିବାରୁ କେନ୍ଦ୍ରାଞ୍ଚଳ ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିଛି।

## ୩୦ ଲିଟର ମାତୃକ୍ଷୀର ଦାନ କଲେଣି ଜ୍ୱାଲା

ହାଇଦରାବାଦ୍, ୧୩।୯ (ଏଜେନ୍ସି): ପୂର୍ବତନ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଜ୍ୱାଲା ଗୁଟ୍ଟା ଏକ ଅନନ୍ୟ ପ୍ରୟାସ ଆରମ୍ଭ କରିଛନ୍ତି। ଯାହାକୁ ନେଇ ସେ ବର୍ତ୍ତମାନ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଗତ ଏପ୍ରିଲରେ ମାତୃତ୍ୱ ଲାଭ କରିଥିବା ୪୨ ବର୍ଷୀୟା ଜ୍ୱାଲା ସମ୍ପ୍ରତି ହାଇଦରାବାଦର ଏକ ସରକାରୀ ହସ୍ପିଟାଲକୁ ପ୍ରତିଦିନ ନିଜର ୬୦୦ ଗ୍ରାମ ମାତୃକ୍ଷୀର ଦାନ କରୁଛନ୍ତି। ଯେଉଁ ନବଜାତ ଶିଶୁମାନଙ୍କର ମା ନାହାନ୍ତି ସେମାନଙ୍କୁ ସାହାଯ୍ୟ କରିବାକୁ ଜ୍ୱାଲା ନିଜର ଅତିରିକ୍ତ କ୍ଷୀରକୁ ଦାନ କରିବା ଭଳି ମହନୀୟ ନିଷ୍ପତ୍ତି ନେଇଛନ୍ତି। ଛୋଟ ଓ ନିଷ୍ପାପ ଶିଶୁଙ୍କ ଜୀବନ ବଞ୍ଚାଇବା ଲାଗି ସେ ଆରମ୍ଭ କରିଥିବା ଏହି ପ୍ରୟାସକୁ ନେଇ ତାଙ୍କୁ ଚାରିଆଡୁ ପ୍ରଶଂସା କରାଯାଉଛି। ତାଙ୍କର ଏହି କାର୍ଯ୍ୟକୁ ପ୍ରେରଣାଦାୟୀ ଭାବେ ଦେଖାଯାଉଛି। ରିପୋର୍ଟ ଅନୁସାରେ ଜ୍ୱାଲା ସେପ୍ଟେମ୍ବର ୧୨ ସୁଦ୍ଧା ମୋଟ୍ ୩୦ ଲିଟର କ୍ଷୀର ଦାନ କରିସାରିଲେଣି। ଉଲ୍ଲେଖଯୋଗ୍ୟ, ଜ୍ୱାଲା ୨୦୦୫ରେ ସାଥୀ ଖେଳାଳି ଚେତନ ଆନନ୍ଦଙ୍କୁ ବିବାହ କରିଥିଲେ। ୨୦୧୧ରେ ଉଭୟଙ୍କ ମଧ୍ୟରେ ବିଚ୍ଛେଦ ଘଟିଥିଲା। ଏହାପରେ ଜ୍ୱାଲା ୨୦୨୧ରେ ତାମିଲ ଅଭିନେତା ବିଷ୍ଣୁ ବିଶାଲଙ୍କୁ ଦ୍ୱିତୀୟ ବିବାହ କରିଥିଲେ।



## ଫାଇନାଲରେ ଲକ୍ଷ୍ୟ, ସାତ୍ୱିକ-ଚିରାଗ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ଚଳିତ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନର ଦୁଇଟି ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଲକ୍ଷ୍ୟ ସେନ୍ ୨୩-୨୧, ୨୨-୨୦ ସିଧାସଳଖ ଗେମରେ ଚାଇନିଜ ତାଇପେଇର ଚୋଉ ତିଏନଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛନ୍ତି। ଅପରପକ୍ଷରେ ପୁରୁଷ ଡବଲ୍ସରେ ସାତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ ଟାଇଟଲ୍ ଲଢ଼େଇରେ ଅବତୀର୍ଣ୍ଣ ହୋଇଛନ୍ତି। ସାତ୍ୱିକ-ଚିରାଗ ଯୋଡ଼ି ସେମିରେ ୨୧-୧୭, ୨୧-୧୫ରେ ଚାଇନିଜ ତାଇପେଇ ଯୋଡ଼ିଙ୍କୁ ପରାସ୍ତ କରିଥିଲେ।

■ କଳିଙ୍ଗରେ ଏସୀୟ ଟିଟି ଟିମ୍ ଚାମ୍ପିଅନସିପ


## ଭାଗନେବେ ୨୨ ଦେଶର ୪୫୦ ଖେଳାଳି

ଭୁବନେଶ୍ୱର,୧୩।୯ (ସମିସ): ଏସୀୟ ଟେବଲ ଟେନିସର ଟିମ୍ ଚାମ୍ପିଅନସିପ୍ ପ୍ରଥମଥର ଆଇକନିକ କଳିଙ୍ଗ ଷ୍ଟାଡିୟମ୍‌ରେ ଅକ୍ଟୋବର ୧୧ରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ଲାଗି ରାଜ୍ୟ ଟିଟି ଖେଳାଳି ଓ ସମର୍ଥକ ତଥା କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ବିଶେଷକରି ଟିଟିରେ ଏସିଆ ମହାଦେଶର ବିକଳ୍ପ ଏଯାଏ ସୃଷ୍ଟି ହୋଇପାରିନାହିଁ। ବିଶ୍ୱରେ ଚୀନ୍ ଏକ ଅପରାଜେୟ ଦଳ ଭାବେ ପ୍ରତିଷ୍ଠା ଲାଭ କରିଛି। ଦକ୍ଷିଣ କୋରିଆ, ଜାପାନ, ମାଲେସିଆ ଓ ଇଣ୍ଡୋନେସିଆ ମଧ୍ୟ ବିଶ୍ୱରେ ପ୍ରତିଷ୍ଠା ଲାଭ କରିଛନ୍ତି। ଏଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିବାକୁ ଯାଉଛି। ଗୋଟିଏ ହେଉଛି ଲଣ୍ଡନରେ ହେବାକୁ ଥିବା ୨୦୨୬ ୱାର୍ଲ୍ଡ ଟିମ୍ ଚାମ୍ପିଅନସିପ୍ ଲାଗି ପ୍ରସ୍ତୁତି ଏବଂ ଦ୍ୱିତୀୟଟି ହେଉଛି ଏସୀୟ ଟେବଲ ଟେନିସ ୟୁନିଅନ୍‌ର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ। ଅକ୍ଟୋବର ୧୩ରେ ବୈଠକ ହେବାର କାର୍ଯ୍ୟକ୍ରମ ଥିଲାବେଳେ ୧୫ରେ ପ୍ରତିଯୋଗିତା ଶେଷ ହେବ।

### ଦ୍ୱିତୀୟ ଟି-୨୦ରେ ଦକ୍ଷିଣ ଆଫ୍ରିକା ଧରାଶାୟୀ

## ସଲ୍ଟଙ୍କ ଶତକରେ ଇଂଲଣ୍ଡର ରେକର୍ଡ ବିଜୟ

ମାଞ୍ଚେଷ୍ଟର, ୧୩।୯ (ଏଜେନ୍ସି): ଓପନର୍ ଫିଲ୍ଲ ସଲ୍ଟଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଘରୋଇ ଇଂଲଣ୍ଡ ରେକର୍ଡ ୧୪୬ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଟି-୨୦ରେ ରନ ବ୍ୟବଧାନରେ ଇଂଲଣ୍ଡର ଏହା ସର୍ବବୃହତ ବିଜୟ ହୋଇଛି। ପୂର୍ବରୁ ପ୍ରଥମ ଟି-୨୦କୁ ୧୪ ରନରେ ହାରିଥିବା ଇଂଲଣ୍ଡ ଏଥିସହ ସିରିଜକୁ ୧-୧'ର ସମାନସ୍ତରକୁ ଆଣିଛି। ରବିବାର ନିର୍ଣ୍ଣାୟକ ତଥା ୩ୟ ଟି-୨୦ ଖେଳାଯିବ।



ଏହି ମ୍ୟାଚରେ ଟସ୍ ହାରି ଇଂଲଣ୍ଡ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ଇଂଲଣ୍ଡ ପାଇଁ ଦୁଇ ଓପନର୍ ଜୋଶ୍ ବଟଲର ଓ ଫିଲ୍ଲ ସଲ୍ଟ ବିଧ୍ୱଂସୀ ବ୍ୟାଟିଂ କରି ପ୍ରଥମ ୬ ଓଭରରେ ୧୦୦ ଓ ୮ ଓଭରରେ ରେକର୍ଡ ୧୨୬ ଉଠାଇଥିଲେ। ଅଭିଜ୍ଞ ବଟଲର ୩୦ ବଲରେ ୮୩ ରନ କରି ଆଉଟ୍ ହୋଇଥିଲେ। ଏହି ବିସ୍ଫୋରକ ପାଳିରେ ସେ ୮ ଚୌକା ଓ ୭ ଛକା ମାରିଥିଲେ। ଏହାପରେ ଅନ୍ୟତମ ଓପନର୍ ସଲ୍ଟ କିନ୍ତୁ ତାଙ୍କ ଦ୍ରୁତ ବ୍ୟାଟିଂ ଜାରି ରଖିଥିଲେ। ୩୯ ବଲରେ ଶତକ ହାସଲ କରିଥିବା ସଲ୍ଟ ୬୦ ବଲରୁ ୧୪୧ ରନ (୧୫ଟି ଚୌକା ଓ ୮ଟି ଛକା) କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଫଳରେ ଇଂଲଣ୍ଡ ୨ ୱିକେଟ୍‌ରେ ୩୦୪ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜାକବ ବେଥେଲ ୨୬ ଓ ଅଧିନାୟକ ହ୍ୟାରୀ ବ୍ରୁକ ଅପରାଜିତ ୪୨ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଏହି ମ୍ୟାଚରେ ଇଂଲଣ୍ଡ ଏକାଧିକ ରେକର୍ଡ କରିଛି। ଟି-୨୦ରେ ୩ୟ ଦଳ ଭାବେ ଇଂଲଣ୍ଡ ୩୦୦ ରନ ଅତିକ୍ରମ କରିଛି। କିନ୍ତୁ ଟେଷ୍ଟ ମାନ୍ୟତାପ୍ରାପ୍ତ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଏକ ଟି-୨୦ରେ ପ୍ରଥମଥର ଦଳଗତ ସ୍କୋର ୩୦୦ ଡେଇଁଛି। ପୂର୍ବରୁ ୨୦୨୪ରେ ବାଂଲାଦେଶ ବିପକ୍ଷରେ ଭାରତ ୬ ୱିକେଟ୍‌ରେ ୨୯୭ ରନ କରିଥିଲା। ତେବେ ଟି-୨୦ରେ ସର୍ବାଧିକ ଦଳଗତ ସ୍କୋର ଜିମ୍ବାୱେ (୩୪୪/୪ ବନାମ ଗାମ୍ବିଆ) ନାମରେ ରହିଛି।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଟେକ୍‌ନିକାଲ କମିଟିରେ ଗଗନେନ୍ଦୁ



ଭୁବନେଶ୍ୱର, ୧୩।୯ (ସମିସ): ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୫ମ ସଂସ୍କରଣ ଆସନ୍ତା ନଭେମ୍ବରରେ ରାଜସ୍ଥାନରେ ଖେଳାଯିବ। ଜୟପୁରର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ଓ ରାଜସ୍ଥାନ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ଏହି ମେଗା ଇଭେଣ୍ଟକୁ ଆୟୋଜିତ କରିବେ। ଏହି ପ୍ରତିଯୋଗିତାରେ ୨୦ଟି ଇଭେଣ୍ଟରେ ୮୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଏଥିଲାଗି ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟର ଡ. ଗଗନେନ୍ଦୁ ଦାଶଙ୍କୁ ଏକ ବଡ଼ ଦାୟିତ୍ୱ ପ୍ରଦାନ କରାଯାଇଛି। ଗେମ୍ସ ଟେକନିକାଲ କଣ୍ଡକ୍ଟ କମିଟି (ଜିଟିସିସି)ରେ ପୂର୍ବାଞ୍ଚଳରୁ ସଦସ୍ୟ ଭାବେ ଗଗନେନ୍ଦୁଙ୍କୁ ମନୋନୀତ କରାଯାଇଛି। ଏଥିଲାଗି କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।

**ଯୁବ ଏସିଆନ ହ୍ୟାଣ୍ଡବଲ୍**

## ଭାରତୀୟ ଦଳରେ ସୁପ୍ରଜିତ ଓ ସ୍ୱସ୍ତିକ; ଗୌରୀ ପ୍ରଶିକ୍ଷକ

ଭୁବନେଶ୍ୱର, ୧୩।୯ (ସମିସ): ଜୋର୍ଡାନର ରାଜଧାନୀ ଅମାନ ସହରରେ ସେପ୍ଟେମ୍ବର ୧୫ ତାରିଖରୁ ଯୁବ ଏସିଆନ ହ୍ୟାଣ୍ଡବଲ ଚାମ୍ପିଅନସିପ (୧୭ ବର୍ଷରୁ କମ୍)ର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁପ୍ରଜିତ ବେହେରା ଓ ସ୍ୱସ୍ତିକ ମହାପ୍ରସାଦ। ସେହିଭଳି ଯୁବ ଭାରତୀୟ ହ୍ୟାଣ୍ଡବଲ ଦଳର ପ୍ରଶିକ୍ଷକ ଭାବେ ଓଡ଼ିଶାର ଗୌରୀ ଶଙ୍କର ମିଶ୍ର ଜୋର୍ଡାନ ଯାତ୍ରା କରିଛନ୍ତି। ଏହି ଅବସରରେ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଏହି ତିନିଜଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



**ଏସିଆ କପ୍ ମହିଳା ହକି**

## ଆଜି ଭାରତ-ଚୀନ୍ ଫାଇନାଲ ମୁକାବିଲା

ହାଙ୍ଗଝୋଉ,୧୩।୯ (ଏଜେନ୍ସି): ଭାରତ ଓ ଚୀନ୍ ମଧ୍ୟରେ ଚଳିତ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାର ଫାଇନାଲ ମୁକାବିଲା ହେବ। ଏହି ମ୍ୟାଚଟି ରବିବାର ଭାରତୀୟ ସମୟ ସନ୍ଧ୍ୟା ୫ଟା ୩୦ରୁ ଆରମ୍ଭ ହେବ। ଆଜି ତଥା ଶନିବାର ଖେଳାଯାଇଥିବା ସୁପର-୪'ର ଶେଷ ପର୍ଯ୍ୟାୟ ଶେଷ ଲିଗ୍ ମ୍ୟାଚ୍‌ରେ ଚୀନ୍ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିବା ପରେ ଭାରତ ଫାଇନାଲ ଖେଳିବା ରାସ୍ତା ପରିଷ୍କାର କରିନେଇଥିଲା।



କୋରିଆ ପରାଜିତ ହେବା ପରେ ଚୀନ୍ ୩ଟି ମ୍ୟାଚ୍‌ରୁ ୩ଟିରେ ବିଜୟୀ ହୋଇ ସୁପର-୪'ରେ ପ୍ରଥମ ସ୍ଥାନ ଅଧିକାର କରି ଫାଇନାଲରେ ସ୍ଥାନ ପକ୍କା କରିଥିଲା। ପୂର୍ବରୁ ଭାରତ ୧-୧ ଗୋଲ୍‌ରେ ଜାପାନ ସହ ମ୍ୟାଚ୍ ଡ୍ର ରଖିବା ଫଳରେ ଫାଇନାଲ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ଦଳ ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟରୁ ୪ ପଏଣ୍ଟ ପାଇ ସୁପର-୪'ରେ ଦ୍ୱିତୀୟସ୍ଥାନରେ ରହିଥିଲା। ସୁପର-୪'ରେ ଚୀନ୍ ଓ ଭାରତ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଜାପାନ ବିପକ୍ଷରେ ଭାରତ ଆଜି ଖେଳିଥିବା ମ୍ୟାଚ୍‌ରେ ଭାରତ ଆରମ୍ଭରୁ ସୁଯୋଗ ପାଇ ଏହାର ସଦ୍‌ବ୍ୟବହାର କରିଥିଲା। ଖେଳର ପ୍ରଥମ କ୍ୱାର୍ଟରର ୭ମ ମିନିଟରେ ନେହାଙ୍କଠାରୁ ପାସ୍ ପାଇ ବିଉଟି ଡୁଙ୍ଗ ଡୁଙ୍ଗ୍ ଗୋଲ ଦେବାରେ ସମର୍ଥ ହୋଇଥିଲେ। ଏହି ଗୋଲ ପରେ ଭାରତୀୟ ଖେଳାଳି ଉତ୍ସାହିତ ହୋଇଥିଲାବେଳେ ଜାପାନ ଖେଳାଳିମାନେ ଆକ୍ରମଣାତ୍ମକ ହୋଇପଡ଼ିଥିଲେ। ଏହା ପରେ ଜାପାନ ଏକାଧିକ ଆକମଣ ରଚନା କରିଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। ଖେଳର ଶେଷ ସମୟରେ ଅର୍ଥାତ୍ ୫୮ତମ ମିନିଟ୍‌ରେ ସିହୋ କୋବାୟାକା ଗୋଲ ଶୁଝାଇ ଦେଇଥିଲେ। ଅବଶିଷ୍ଟ ସମୟରେ କେହି କାହାରିକୁ ଗୋଲ ଦେଇ ନପାରିବା ଫଳରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS